

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ସୋମବାର ୦୭ ସେପ୍ଟେମ୍ବର ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 07 September 2026

Vol.No. 36 ■ No.235 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା

ସାଗରିକା

(ରଥ ସଂଖ୍ୟା)

ଡିଜିଟାଲ ଫର୍ମାଟରେ

ମଧ୍ୟ ଉପଲବ୍ଧ...

ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର

website : sagarika.in.net


## ସୀମାରେ ତିକ୍ତତା: ସାମ୍ନାସାମ୍ନି ଭାରତ-ଚୀନ୍ ସେନା

ନୂଆଦିଲ୍ଲୀ,୬/୯ : ଅରୁଣାଚଳରେ ଭାରତ-ଚୀନ୍ ମଧ୍ୟରେ ହେବ ବଡ଼ ବୈଠକ । ଚୀନ୍ ସୀମା ନିକଟରେ ଆଜି ସାମ୍ନାସାମ୍ନି ହେବେ ଉଭୟ ଦେଶର ସେନା ଅଧିକାରୀ । କିବିଥୁ ନିକଟ ୱାଚା-ଡମାଇ ବର୍ଡର ପର୍ସନାଲ ମିଟିଂ ପଏଣ୍ଟରେ ହେବ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକ । ପୂର୍ବାଞ୍ଚଳ ସୀମାରେ କୋର କମାଣ୍ଡର ସ୍ତରରେ ଏହା ପ୍ରଥମ ବଡ଼ ଆଲୋଚନା ବୋଲି ଜଣାପଡ଼ିଛି । ଗତ ଏକ ମାସ ଧରି ଅପର ସୁବାନସିରି ଅଞ୍ଚଳରେ ଭାରତ ଓ ଚୀନ୍ ସେନା ମଧ୍ୟରେ ତିକ୍ତତା ଲାଗିରହିଛି । ଏହି ପରିପ୍ରେକ୍ଷୀରେ ସୀମାରେ ଚାଲିଥିବା ବିଭିନ୍ନ ସମସ୍ୟା ଏବଂ ସେନାର ଗତିବିଧିକୁ ନେଇ ଉଭୟ ପକ୍ଷ ଆଲୋଚନା କରିବେ । ଅରୁଣାଚଳ ପ୍ରଦେଶରେ ଚୀନ୍ ସହିତ ଥିବା ଖଇଡର ସୁରକ୍ଷା ଦାୟିତ୍ୱ ଭାରତୀୟ ସେନାର ୪ କୋର ଓ ୩ କୋର ଉପରେ ରହିଛି । ବୈଠକରେ ଭାରତୀୟ ପକ୍ଷରୁ ୩ କୋର କମାଣ୍ଡର ଯୋଗଦେବେ । ଚୀନ୍ ସେନାର ଗତିବିଧିକୁ ନେଇ ଭାରତୀୟ ସେନା ଦୃଢ଼ ଆଭିମୁଖ୍ୟ ରଖିଥିବା ସୂଚନା ମିଳିଛି । ଭାରତ ଓ ଚୀନ୍ ?ର ଖଇଡକୁ ନେଇ ଭିନ୍ନ ଭିନ୍ନ ବୁଝାମଣା ରହିଥିବାରୁ ସୀମାରେ ବେଳେବେଳେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥାଏ । ୨୦୨୦ର ଗଲୱାନ ଘଟଣା ପରେ ଏହି ତିକ୍ତତା ଆହୁରି ବଢ଼ିଥିଲା । ଲଦାଖରେ ଚୁଶୁଲ-ମୋଲଡ୍ରୋ ବର୍ଡର ମିଟିଂ ପଏଣ୍ଟରେ କୋର କମାଣ୍ଡର ସ୍ତରରେ ଆଲୋଚନା ହୋଇଆସୁଥିବା ବେଳେ ଅରୁଣାଚଳରେ ଏହି ସ୍ତରର ବୈଠକକୁ ଗୁରୁତ୍ୱ ଦିଆଯାଉଛି । ବିଶେଷକରି ଜାତୀୟ ସୁରକ୍ଷା ଉପଦେଷ୍ଟା ଅଜିତ ଡୋଭାଲଙ୍କ ଚୀନ୍ ଗସ୍ତ ପରେ ଏହି ବୈଠକ ହେଉଛି । ଖଇଡରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବା ନେଇ ଉଭୟ ଦେଶ ଆଲୋଚନା ଜାରି ରଖିଥିବା ବେଳେ ଏହି ବୈଠକରୁ ସୀମାରେ ତିକ୍ତତା କମିବା ନେଇ ଆଶା କରାଯାଉଛି ।

# ୨୦୨୯ ସୁଦ୍ଧା ଭାରତ ନିଶାମୁକ୍ତ ହେବ : ଅମିତ ଶାହ



ନୂଆଦିଲ୍ଲୀ,୬/୯ : ୨୦୨୯ ସୁଦ୍ଧା ଭାରତ ହେବ ନିଶା ମୁକ୍ତ। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ରବିବାର କହିଛନ୍ତି ଯେ, ନରେନ୍ଦ୍ର ମୋଦୀ ସରକାର ୨୦୨୯ ସୁଦ୍ଧା ଭାରତକୁ ନିଶାମୁକ୍ତ କରିବା ପାଇଁ ଏକ ରୋଡମ୍ୟାପ୍ ପ୍ରସ୍ତୁତ କରିଛନ୍ତି, ନିଶାଦ୍ରବ୍ୟ ବିରୋଧରେ ଲଢ଼େଇକୁ ଜାତୀୟ ସୁରକ୍ଷା ପ୍ରାଥମିକତା ବୋଲି କହିଛନ୍ତି। ଗଣମାଧ୍ୟମକୁ ସମ୍ବୋଧିତ କରି ଶାହ କହିଥିଲେ ଯେ, ନିଶା ନିବାରଣ ବିରୋଧରେ ଲଢ଼େଇ ଏବେ ସମନ୍ୱିତ ଜାତୀୟ ଅଭିଯାନରେ ପରିଣତ ହୋଇଛି । ଶାହ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ମୋଦୀଙ୍କ ଉଦ୍ଦେଶ୍ୟ, ୨୦୪୭ ସୁଦ୍ଧା 'ନିଶାମୁକ୍ତ ଯୁବ ଶକ୍ତି' ଭାରତକୁ 'ବିକଶିତ ଭାରତ' ଆଡକୁ ନେଇଯିବ। ସେ କହିଥିଲେ ଯେ, ସରକାର ନକ୍ସଲବାଦ ଓ ଆତଙ୍କବାଦ ବିରୋଧରେ ବ୍ୟବହାର କରିଥିବା ସମାନ ପଦ୍ଧତିରେ ନିଶା ନିବାରଣ ପାଇଁ ପ୍ରତିବଦ୍ଧ । ୨୦୧୪ ପୂର୍ବରୁ ନିଶାଦ୍ରବ୍ୟ ବିରୋଧରେ ଲଢ଼େଇ ମୁଖ୍ୟତଃ ଛୋଟ ୟୁନିଟ୍ ଏବଂ ପୃଥକ୍ ଭାବେ ପରିଚାଳିତ ହେଉଥିଲା ବୋଲି ଶାହ କହିଛନ୍ତି, ଏଜେନ୍ସିଗୁଡ଼ିକ ପ୍ରାୟତଃ ଛୋଟ ଅଭିଯୁକ୍ତମାନଙ୍କୁ ଧରିବା ଉପରେ ଧ୍ୟାନ ଦେଉଥିଲେ। ସେ କହିଛନ୍ତି ଯେ, ସରକାର ଏବେ ନିଶାଦ୍ରବ୍ୟ ବିରୋଧୀ ଲଢ଼େଇକୁ ଜାତୀୟ ସୁରକ୍ଷା ଦୃଷ୍ଟିରୁ ପ୍ରାଥମିକତା ଦେଉଛନ୍ତି। ଶାହ କହିଛନ୍ତି, ସରକାର ଏନ୍‌ସିଓଆରଡି, ରାଜ୍ୟ ନିଶା ନିବାରଣ ଟାସ୍କ ଫୋର୍ସ ଓ ଏଜେନ୍ସିଗୁଡ଼ିକ ମଧ୍ୟରେ ମିଳିତ ସମନ୍ୱୟ ସହିତ 'ମାନସ୍' ହେଲ୍ପଲାଇନ୍ ପୁନଃଗଠିତ ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋ ମାଧ୍ୟମରେ ଏହାର ନିଶା ନିବାରଣ ଅଭିଯାନକୁ ସୁଦୃଢ଼ କରିଛନ୍ତି । ଶାହ କହିଛନ୍ତି, ୩୭୦ ଧାରା ହଟିବା ପରେ ଜମ୍ମୁ-କାଶ୍ମୀରରେ ଆତଙ୍କବାଦ ହ୍ରାସ ପାଇଛି। ବିଚ୍ଛିନ୍ନତାବାଦୀ ଭାବନା ମଧ୍ୟ ହ୍ରାସ ପାଇଛି ।

## ସରକାରୀ କାର୍ଯ୍ୟାଳୟର ସାଇନବୋର୍ଡରେ ସଂଶୋଧିତ ବନାନ ୭ଦିନ ଭିତରେ ସାରିବାକୁ ନିର୍ଦ୍ଦେଶ



ଭୁବନେଶ୍ୱର, ୬/୯ (ନି.ପ୍ର): ରାଜ୍ୟ କ୍ୟାବିନେଟ୍‌ର ନିଷ୍ପତ୍ତି ଅନୁଯାୟୀ ଓଡ଼ିଆ ଉଚ୍ଚାରଣ ସହ ସମନ୍ୱୟ ରଖି ସଂଶୋଧିତ ହୋଇଥିବା ବିଭିନ୍ନ ସ୍ଥାନନାମର ଇଂରାଜୀ ବନାନକୁ ସମସ୍ତ ସରକାରୀ କାର୍ଯ୍ୟାଳୟ ଓ ପ୍ରତିଷ୍ଠାନରେ ସମାନ ଭାବେ ବ୍ୟବହାର ସୁନିଶ୍ଚିତ କରିବାକୁ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ଏ ସମ୍ପର୍କରେ ସମସ୍ତ ଜିଲ୍ଲାପାଳଙ୍କୁ ପତ୍ର ଲେଖି ନିଜ ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟ ଓ ପ୍ରତିଷ୍ଠାନର ନାମଫଳକ ତଥା ସାଇନ୍‌ବୋର୍ଡ୍

◆◆ପୃଷ୍ଠା ୭

## ଭକ୍ତଙ୍କ ନୂଆ ଟିମ୍: ୨୪ ଘଣ୍ଟାରେ ଅସନ୍ତୋଷ



ଭୁବନେଶ୍ୱର, ୬/୯ (ନି.ପ୍ର): ଏଆଇସିସିର ଅନୁମୋଦନ ପରେ ରାଜ୍ୟ କଂଗ୍ରେସରେ ଗଠନ ହୋଇଛି ନୂଆ ସାଂଗଠନିକ ଟିମ୍। ବରିଷ୍ଠ ନେତାଙ୍କୁ ନେଇ ଆଡଭାଇଜରୀ କମିଟି ଏବଂ ନୂଆ ଓ ସକ୍ରିୟ ନେତାଙ୍କୁ ନେଇ ଏକ୍ଜିକ୍ୟୁଟିଭ୍ ଟିମ୍ ଗଠନ କରାଯାଇଛି । ହେଲେ ଟିମ୍ ଘୋଷଣାର ୨୪ ଘଣ୍ଟା ନପୂରୁଣୁ ଉଠିଛି ଅସନ୍ତୋଷର ସ୍ୱର । ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ନୂଆ ଟିମ୍ ଗଠନ ହୋଇଥିବା ବେଳେ ରାୟଗଡ଼ା ଓ କୁକୁଡ଼ାଖଣ୍ଡିରୁ ଅସନ୍ତୋଷର ସ୍ୱର ଶୁଣିବାକୁ ମିଳିଛି । ଗୋଟିଏ ପଟେ ନୂଆ ଟିମ୍‌କୁ ନେଇ ଦଳରେ ଉତ୍ସାହ ଥିବା ବେଳେ ଅନ୍ୟପଟେ ଟିମ୍ ଗଠନକୁ ନେଇ ନେତାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ପଦ ମିଳିନଥିବାକୁ ନେଇ ପ୍ରତିକ୍ରିୟା ନଦେଇ ଯେଉଁ ଦାୟିତ୍ୱ ମିଳିଛି, ସେଥିରେ କାମ କରିବାକୁ ନେତାଙ୍କୁ ଆହ୍ୱାନ ଦେଇଛନ୍ତି ପିସିସି ସଭାପତି । ଗ୍ରୁପିଜମ୍ ଛାଡ଼ି ଏକାଠି ହୋଇ ଦଳକୁ ମଜବୁତ କରିବା ଉପରେ ଦିଆଯାଇଛି ଗୁରୁତ୍ୱ । ହେଲେ ଏହି ବାର୍ତ୍ତାର ୨୪ ଘଣ୍ଟା ଭିତରେ ରାୟଗଡ଼ା କଂଗ୍ରେସର ପୁରୁଣା ଚେହେରା ଦୁର୍ଗା ପଣ୍ଡା ପିସିସିର ନିଷ୍ପତ୍ତିରେ ଭୁଲ୍ ଥିବା କହିଛନ୍ତି । ତେବେ ପ୍ରଶ୍ନ ଉଠୁଛି, ନୂଆ ପିସିସି ଟିମ୍‌କୁ ନେଇ ଅସନ୍ତୋଷ କେବଳ ରାୟଗଡ଼ାରେ ସୀମିତ ରହିବ ନା ଆଗକୁ ଅନ୍ୟ ଜିଲ୍ଲାକୁ ବ୍ୟାପିବ ? ପଞ୍ଚାୟତ ନିର୍ବାଚନ ପୂର୍ବରୁ ନୂଆ ଟିମ୍ ସକ୍ରିୟ ହୋଇ ସଂଗଠନକୁ ମଜବୁତ କରିବ ବୋଲି ଆଶା ରଖିଛନ୍ତି ପିସିସି ସଭାପତି । ୨୯ ଜଣ ବରିଷ୍ଠ ନେତାଙ୍କୁ ନେଇ ରାଜନୈତିକ ବ୍ୟାପାର କମିଟି ଗଠନ ହୋଇଛି। ସେହିପରି ୧୫ ଜଣ ଉପସଭାପତି ଓ ୫୭ ଜଣ ସାଧାରଣ ସମ୍ପାଦକଙ୍କୁ ଦାୟିତ୍ୱ ଦିଆଯାଇଛି । ବଡ଼ ଟିମ୍ ସହ ବଡ଼ ଦାୟିତ୍ୱ ଏବଂ ସେତିକି ବଡ଼ ଚ୍ୟାଲେଞ୍ଜ ମଧ୍ୟ ରହିଛି। ପଞ୍ଚାୟତ ନିର୍ବାଚନ ଆଗରେ ଥିବାରୁ ତଳସ୍ତରରୁ ସଂଗଠନକୁ ମଜବୁତ କରିବା ଭକ୍ତଙ୍କ ପାଇଁ ବଡ଼ ଟାସ୍କ ହେବ । କ୍ୟାମେରା ଆଗରେ କିଛି ବରିଷ୍ଠ ନେତା ନୂଆ ଟିମ୍‌କୁ ପ୍ରଶଂସା କରୁଥିଲେ ମଧ୍ୟ ଟିମ୍ ଗଠନକୁ ନେଇ ଭିତରେ ଭିତରେ ଅସନ୍ତୋଷ ଥିବା ଚର୍ଚ୍ଚା ହେଉଛି । ଆରମ୍ଭରୁ ଯଦି ଅସନ୍ତୋଷ ଦେଖାଦିଏ, ତେବେ ଆଗକୁ କଂଗ୍ରେସର ସ୍ଥିତି କ'ଣ ହେବ, ତାକୁ ନେଇ ଚର୍ଚ୍ଚା ଜୋର ଧରିଛି।

◆◆ପୃଷ୍ଠା ୭

# ପଞ୍ଚାୟତ ଭୋଟ୍ ପାଇଁ ୬ ମାସ: ଗାଁ ଦଖଲ ପାଇଁ ତିନି ଦଳର ଅଙ୍କକଷା



ଭୁବନେଶ୍ୱର, ୬/୯ (ନି.ପ୍ର): ପାଖେଇ ଆସୁଛି ପଞ୍ଚାୟତ ନିର୍ବାଚନ। ରାଜ୍ୟ ନିର୍ବାଚନ କମିଶନଙ୍କ ସୂଚନା ଅନୁସାରେ ସବୁକିଛି ଠିକ୍‌ଠାକ୍ ରହିଲେ ଆସନ୍ତା ୬ ମାସ ମଧ୍ୟରେ ହୋଇପାରେ ପଞ୍ଚାୟତ ନିର୍ବାଚନ । ଆଉ ଏହାକୁ ନେଇ ଏବେଠୁ ସରଗରମ ହେଲାଣି ରାଜ୍ୟ ରାଜନୀତି । ଗାଁ ଭୋଟରଙ୍କ ମନ ଜିଣିବା ପାଇଁ ତିନି ପ୍ରମୁଖ ଦଳ ଆରମ୍ଭ କରିଦେଇଛନ୍ତି ପ୍ରସ୍ତୁତି । ପଞ୍ଚାୟତ ନିର୍ବାଚନ ନେଇ ନିର୍ବାଚନ କମିଶନଙ୍କ ସୂଚନା ପରେ ବଢିଛି ରାଜନୈତିକ ଦଳଙ୍କ ଚିନ୍ତା । କିଭଳି ପଞ୍ଚାୟତକୁ ନିଜ ଅଧୀନକୁ ଆଣିବେ, ସେନେଇ ଏବେଠୁ ଆରମ୍ଭ ହୋଇଛି ଅଙ୍କକଷା । ଆଗାମୀ ନିର୍ବାଚନରେ ଗାଁରେ ନିଜ ପତିଆରା ଦେଖାଇବା ତିନି ଦଳ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇପାରେ । ଗତ ସାଧାରଣ ନିର୍ବାଚନରେ ରାଜ୍ୟର ରାଜନୈତିକ ପଟ୍ଟ ପରିବର୍ତ୍ତନ ପରେ ପଞ୍ଚାୟତ ଗଣିତ ମଧ୍ୟ ବଦଳିଛି । ପାରମ୍ପରିକ ଭାବେ ଗ୍ରାମାଞ୍ଚଳର ଭୋଟ୍ ଶାସକ ଦଳ ସପକ୍ଷରେ ଯିବାର ନଜିର ରହିଛି । ହେଲେ ଗାଁ ଗାଁରେ ସରକାରଙ୍କ ଗ୍ରହଣୀୟତା ବଢାଇବା ପାଇଁ ଶାସକ ଦଳକୁ ଅଧିକ ପରିଶ୍ରମ କରିବାକୁ ପଡ଼ିବ । ଶାସନରୁ ବାହାରିଥିଲେ ବି ବିଜେଡି ପାଖରେ ପଞ୍ଚାୟତ ସ୍ତରରେ ଏବେ ବି ମଜବୁତ ସଂଗଠନ ଓ ଅନେକ ଆସନ ରହିଛି । ଏହାକୁ ଆଧାର କରି ଦଳ ନିଜର ପୁରୁଣା ଦୁର୍ଗକୁ ବଜାୟ ରଖିବାକୁ ଉଦ୍ୟମ କରୁଛି । ନେତା ଓ କର୍ମୀଙ୍କ ସହ ବୈଠକ କରି ସଂଗଠନକୁ ପୁଣି ସକ୍ରିୟ କରାଯାଉଛି । ସେପଟେ ପଞ୍ଚାୟତ ନିର୍ବାଚନକୁ ନେଇ କଂଗ୍ରେସ ମଧ୍ୟ ନିଜର ନୂଆ ଟିମ୍ ସହ ପ୍ରସ୍ତୁତ ହେଉଛି । ସାମ୍ପ୍ରତିକ ରାଜନୈତିକ ସ୍ଥିତିର ଫାଇଦା ନେଇ ପାରିଲେ ଦଳ ଓ ସଂଗଠନ ପାଇଁ ନୂଆ ସମ୍ଭାବନା ସୃଷ୍ଟି ହୋଇପାରେ ବୋଲି ରାଜନୀତି ସମୀକ୍ଷକମାନେ ମତ ଦେଇଛନ୍ତି। ସାଧାରଣ ନିର୍ବାଚନ ପରେ ନୂଆପଡ଼ା

◆◆ପୃଷ୍ଠା ୭

## ଶିମିଳିପାଳର ଦୁର୍ଗମ ଅଂଚଳରେ ବ୍ୟାପକ ହେଉଛି ଦମନ ଅଭିଯାନ

ଭୁବନେଶ୍ୱର, ୬/୯ (ନି.ପ୍ର): ମ୍ୟାଲେରିଆମୁକ୍ତ ଓଡ଼ିଶା ଗଠନ ଲକ୍ଷ୍ୟରେ ଶିମିଳିପାଳର ଦୁର୍ଗମ ଅଂଚଳଗୁଡ଼ିକରେ ଦମନ ଅଭିଯାନକୁ ଆହୁରି ବ୍ୟାପକ କରାଯାଉଛି। ଏହି ଅଭିଯାନ ଅଧୀନରେ ସ୍ୱାସ୍ଥ୍ୟ ପରୀକ୍ଷା, ଚିକିତ୍ସା ସେବା ସହ ମ୍ୟାଲେରିଆ ପ୍ରତିରୋଧ ନେଇ ସଚେତନତା କାର୍ଯ୍ୟକ୍ରମ ଜୋରଦାର କରାଯାଉଛି।

◆◆ପୃଷ୍ଠା ୭

## ସତ୍ୟ ନିକେତନରେ ଭୁଷୁଡ଼ିଲା ୬ ମହଲା କୋଠା: ଅନେକ ଫସିଥିବା ଆଶଙ୍କା

ନୂଆଦିଲ୍ଲୀ,୬/୯ : ଜାତୀୟ ରାଜଧାନୀ ଦିଲ୍ଲୀରେ ଲଗାଣ ବର୍ଷା ଭିତରେ ଘଟିଛି ବଡ଼ ଅଘଟଣ। ସତ୍ୟ ନିକେତନ ଅଞ୍ଚଳରେ ଏକ ୬ ମହଲା କୋଠା ଭୁଷୁଡ଼ି ପଡ଼ିବା ପରେ ଅନେକ ଲୋକ ଧ୍ୱଂସସ୍ତୂପ ତଳେ ଫସିଥିବା ଆଶଙ୍କା କରାଯାଉଛି । ଗୁରୁତର ଅବସ୍ଥାରେ ୬ ଜଣଙ୍କୁ ଉଦ୍ଧାର କରାଯାଇ ମେଡିକାଲରେ ଭର୍ତ୍ତି କରାଯାଇଛି । କୋଠାଟି ଭୁଷୁଡ଼ିବା ସମୟରେ ହଠାତ୍ ଭୟଙ୍କର ଶବ୍ଦ ହୋଇଥିଲା । କିଛି ବୁଝିବା ପୂର୍ବରୁ ମାଟିରେ ମିଶିଯାଇଥିଲା ବିଶାଳ କୋଠା । ଚାରିଆଡ଼େ ଧୂଳି ହୋଇଯାଇଥିବା ବେଳେ ଘଟଣାସ୍ଥଳରେ ଲାଗିଥିଲା ଧାଁ ଦଉଡ଼ । ସୂଚନା ପାଇ ସ୍ଥାନୀୟ ଲୋକେ ପ୍ରଥମେ ଉଦ୍ଧାର କାର୍ଯ୍ୟରେ ଲାଗିପଡ଼ିଥିଲେ । ପରେ ଅଗ୍ନିଶମ ବାହିନୀର ଟିମ୍ ଘଟଣାସ୍ଥଳରେ ପହଞ୍ଚି ରେସ୍କ୍ୟୁ ଅପରେସନ୍ ଆରମ୍ଭ କରିଥିଲା । ଗୁରୁତର ଅବସ୍ଥାରେ ୬ ଜଣଙ୍କୁ ଧ୍ୱଂସସ୍ତୂପ ତଳୁ ଉଦ୍ଧାର କରାଯାଇଛି। ଆହୁରି ଅନେକ ଛାତ୍ରଛାତ୍ରୀ ଓ ଶ୍ରମିକ ଫସିଥିବା ଆଶଙ୍କାରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି ।

◆◆ପୃଷ୍ଠା ୭

## ମଣିପୁରରେ ସୁରକ୍ଷାବାହିନୀ-ୟୁକେଏନ୍‌ଏ ମୁହାଁମୁହିଁ: ୨ ଉଗ୍ରବାଦୀ ନିହତ, ୨ ଆହତ



ନୂଆଦିଲ୍ଲୀ,୬/୯ : ମଣିପୁରର ଚୁରାଚାନ୍ଦପୁର ଜିଲ୍ଲାରେ ଭାରତୀୟ ସେନା ଓ ଆସାମ ରାଇଫଲ୍ସର ମିଳିତ ଦଳ ସହ ମୁହାଁମୁହିଁ ସଂଘର୍ଷରେ ୟୁନାଇଟେଡ୍ କୁକି ନ୍ୟାସନାଲ ଆର୍ମି (ୟୁକେଏନ୍‌ଏ)ର ୨ ଜଣ ଉଗ୍ରବାଦୀ ନିହତ ହୋଇଥିବାବେଳେ ଆଉ ୨ ଜଣ ଆହତ ହୋଇଛନ୍ତି। ସୁରକ୍ଷାବାହିନୀ ପକ୍ଷରୁ ଗୁଇନ୍ଦା ସୂଚନା ଆଧାରରେ ଚାଲିଥିବା ଅଭିଯାନ ସମୟରେ ଏହି ଘଟଣା ଘଟିଛି। ସୁରକ୍ଷାବାହିନୀର ସୂଚନା ଅନୁସାରେ, ଅଗଷ୍ଟ ୨୯ ରାତିରେ ହେଙ୍ଗଲେପ୍ ଉପଖଣ୍ଡର ଫାଇବୋଙ୍ଗ ଗାଁରେ ୟୁକେଏନ୍‌ଏର ଏକ ଶିବିର ସମ୍ପର୍କରେ ଗୁଇନ୍ଦା ସୂଚନା ମିଳିବା ପରେ ଅଭିଯାନ ଆରମ୍ଭ ହୋଇଥିଲା। ପରେ ସୁରକ୍ଷାବାହିନୀ ଉକ୍ତ ଶିବିର ଉପରେ ନଜର ରଖିଥିଲା। ସେପ୍ଟେମ୍ବର ୨ ଭୋର ୫ଟାରେ ଶିବିର ଆଡ଼କୁ ଅଗ୍ରସର ହୋଇଥିଲେ। ସୁରକ୍ଷାବାହିନୀର ଦାବି ଅନୁସାରେ, ସେପ୍ଟେମ୍ବର ୨ ଭୋର ପ୍ରାୟ ୫ଟା ୩୦ରେ ୟୁକେଏନ୍‌ଏ ସଦସ୍ୟମାନେ ଗୁଳି ଚଳାଇବା ପରେ ଯବାନମାନେ ଏହାର ପାଲଟା ଜବାବ ଦେଇଥିଲେ।

◆◆ପୃଷ୍ଠା ୭

# ଯୋଗେନ୍ଦ୍ର ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ ଓ ଗୁରୁଦିବସ ପାଳିତ

### ସଂଘର୍ଷ ହିଁ ସଫଳତା ଆଣିଦିଏ




ରୂପ୍ସା, ୬/୯ (ନି.ପ୍ର): ସଦର ବ୍ଲକ ସ୍ଥିତ ଯୋଗେନ୍ଦ୍ର ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ ଓ ଗୁରୁ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷା ମିନତୀ ରାଣୀ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି କହିଥିଲେ ଆବାସିକ ଶିକ୍ଷା ଚରିତ୍ର ଗଠନର ସହାୟକ । ସମ୍ମାନିତ ବକ୍ତା ଧ୍ୱନି ପ୍ରତିଧ୍ୱନିର ପ୍ରତିଷ୍ଠାତା ଶ୍ରୀଯୁକ୍ତ ସୃଷ୍ଟିଧର ପରିଡା ଅଭିଭାଷଣରେ କହିଥିଲେ ସଂଘର୍ଷ ହିଁ ସଫଳତା ଆଣିଦିଏ । ମୁଖ୍ୟବକ୍ତା ପ୍ରାଧ୍ୟାପିକା କଳ୍ପନା ମଞ୍ଜରି ପାତ୍ର ଗୁଣାତ୍ମକ ଶିକ୍ଷାର ବିଭିନ୍ନ ଦିଗ ଓ ନୈତିକ ମୂଲ୍ୟବୋଧ ଶିକ୍ଷାର ବୈଶିଷ୍ଟ୍ୟ ଉପସ୍ଥାପନ କରିଥଲେ । ସମ୍ମାନିତ ଅତିଥି ଆଙ୍କୋ ପଞ୍ଚାୟତ ସରପଞ୍ଚ ଜ୍ୟୋତ୍ସ୍ନା ରାଣୀ ବେହେରା, ସାମାଜିକ କର୍ମୀ ପ୍ରଦୀପ ବିଶ୍ୱାଳ, ମହାବିଦ୍ୟାଳୟର ଉପଦେଷ୍ଟା ପର୍ଶୁରାମ ବେହେରା, ସଭ୍ୟ ଉମେଶ ଚନ୍ଦ୍ର ବେହେରା, ରମେଶ ଚନ୍ଦ୍ର ବେହେରା , ବରିଷ୍ଠ ଅଧ୍ୟାପିକା ରୀତା ବେହେରା ପ୍ରମୁଖ ଯୋଗ ଦେଇ ଶିକ୍ଷାର ମହନୀୟ ଦିଗ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ସନ୍ଧ୍ୟା ଅଧିବେଶନରେ ଅତିଥି ଭାବରେ ଶିକ୍ଷାବିତ ଜଗଦୀଶ ପଟ୍ଟନାୟକ, ଆଚାର୍ଯ୍ୟ ବିଜୟଜୀ, ସାମାଜିକ କର୍ମୀ ଶ୍ରୀଧର ବେହେରା, ଆୟଗଡିଆ ବିକାଶ ପରିଷଦର ସଭାପତି ଅନ୍ତର୍ଯ୍ୟାମୀ ମହାପାତ୍ର ଯୋଗଦେଇଥିଲେ । ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ସାମାଜିକ ସ୍ୱେଚ୍ଛାସେବୀ ଦେବେନ୍ଦ୍ର ଆଚାର୍ଯ୍ୟଙ୍କ ସଂଯୋଗରେ ମୁଖ୍ୟ ଅତିଥି ଭାବରେ ଶ୍ରୀ ତପନ କୁମାର ଗିରି ଯୋଗଦାନ କରି ଭାରତୀୟ ଶିକ୍ଷାର ମୂଲ୍ୟବୋଧ ଆବାସିକ ଶିକ୍ଷାରେ ଥାଏ ବୋଲି ମତବ୍ୟକ୍ତ କରିଥିଲେ । ବିଗତ କାଉନସିଲ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ସମସ୍ତ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ବିଭିନ୍ନ କୃତି ପ୍ରତିଯୋଗୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା । ଅଧ୍ୟାପିକା କରିସ୍ମା ନାୟକ ଉପସ୍ଥାପିକା ଭାବରେ ପରିଚାଳନା କରିଥିବା ବେଳେ ଅଧ୍ୟାପକ ବୈଜୟନ୍ତ ବେହେରା ଧନ୍ୟବାଦ ଜ୍ଞାପନ କରିଥିଲେ । ବୃଦ୍ଧାଜୀବନର କରୁଣ କାହାଣୀ ଉପରେ ଆଧାରିତ ଅଧ୍ୟାପକ ଡ଼.ତପନ କୁମାର ବେହେରାଙ୍କ ନାଟକ 'ବାପା' ଓ ନାଟିକା 'ସୁନବୋହୂ' +୨ ଦ୍ୱିତୀୟ ବର୍ଷ ଓ ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷିତ ହୋଇଥିଲା ।

## ଆମେରିକାର କୂଟନୈତିକ ପ୍ରୟାସ ଜୋରଦାର : ରୁଷ ରାଷ୍ଟ୍ରପତିଙ୍କ ସହ ଟ୍ରମ୍ପ ଟିମଙ୍କ ବୈଠକ

ନୂଆଦିଲ୍ଲୀ,୬/୯ : ରୁଷ-ୟୁକ୍ରେନ ଯୁଦ୍ଧ ସମ୍ବନ୍ଧିତ କିଛି ଗୁରୁତ୍ୱପୂର୍ଣ୍ଣ ଖବର ଉପରେ । ରୁଷ- ୟୁକ୍ରେନ୍ ଯୁଦ୍ଧକୁ ଶେଷ କରିବା ପାଇଁ ଆମେରିକା ପକ୍ଷରୁ କୂଟନୈତିକ ପ୍ରୟାସ ଜୋରଦାର ହୋଇଛି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବରିଷ୍ଠ ପ୍ରତିନିଧି ମସ୍କୋ ଗସ୍ତ କରି ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନଙ୍କୁ ଭେଟିଛନ୍ତି। କ୍ରେମଲିନ୍‌ରେ ବନ୍ଦ କୋଠରୀ ଭିତରେ ପ୍ରାୟ ତିନି ଘଣ୍ଟା ଧରି ଏହି ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ବୈଠକ ପରେ ରୁଷ୍ ପକ୍ଷରୁ ଏହାକୁ ସଫଳ ବୈଠକ କୁହାଯାଇଛି । ୟୁକ୍ରେନ୍ ସମସ୍ୟା ସମାଧାନ ବ୍ୟତୀତ ଆମେରିକା ଏବଂ ରୁଷ୍ ମଧ୍ୟରେ ଅର୍ଥନୈତିକ ପ୍ରକଳ୍ପ ଏବଂ ବଡ଼ଧରଣର ଦ୍ୱିପାକ୍ଷିକ ପ୍ରକଳ୍ପ ନେଇ ମଧ୍ୟ ଆଲୋଚନା ହୋଇଥିବା ରୁଷ୍ କହିଛି। ସେପଟେ ଗତକାଲିଠୁ ରାଜଧାନୀ କିଭ୍ ଏବଂ ମସ୍କୋ ଉପରେ ଆକ୍ରମଣକୁ ତିନି ଦିନ ପାଇଁ ସ୍ଥଗିତ ରଖିବା ନେଇ ହୋଇଥିବା ସହମତି। ଆମେରିକୀୟ ଦୂତଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଉଭୟ ରାଜଧାନୀରେ ପରସ୍ପର ଉପରେ ଆକ୍ରମଣ ନ କରିବାକୁ ନିଷ୍ପତ୍ତି ନିଆଯାଇଛି। ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର୍ ଜେଲେନସ୍କି ମଧ୍ୟ ଆମେରିକୀୟ ଦୂତମାନଙ୍କ ସହ କଥା ହୋଇଥିବା ସ୍ୱୀକାର କରିଛନ୍ତି।

# ମୟୁରଭଞ୍ଜ କଲେଜ ଅଫ ଆକାଉଣ୍ଟନସି ଆଣ୍ଡ ମାନଜେମେଣ୍ଟରେ ଜିଲ୍ଲାସ୍ତରୀୟ ଗୁରୁବନ୍ଦନା ଉତ୍ସବ ୨୦୨୬ ପାଳିତ

## ଜିଲ୍ଲାର ଦଶ ଜଣ ଶିକ୍ଷକଙ୍କୁ 'ମୟୁରଭଞ୍ଜ ଗୌରବ ସମ୍ମାନ'



ବାରିପଦା,୬/୦୯ (ନି.ପ୍ର): ମୟୂରଭଞ୍ଜ କଲେଜ ଅଫ୍ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟ (ଏମ୍‌ସିଏଏମ୍) ପରିସରସ୍ଥିତ ସମ୍ମିଳନୀ କକ୍ଷରେ ଶନିବାର ଜିଲ୍ଲାସ୍ତରୀୟ 'ଗୁରୁ ବନ୍ଦନା ଉତ୍ସବ-୨୦୨୬' ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ପ୍ରଫେସର ପ୍ରଦୀପ କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଶିକ୍ଷା, ସଂସ୍କାର ଓ ସମାଜ ଗଠନରେ ଗୁରୁଙ୍କ ଅବଦାନ ଉପରେ ବିଶଦ ଆଲୋଚନା ହୋଇଥିଲା। ଉତ୍ସବରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସହଯୋଗୀ ପ୍ରଫେସର ପ୍ରଫେସର ଡ. ବିଷ୍ଣୁପ୍ରିୟା ହାଁସଦା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗୁରୁ-ଶିଷ୍ୟ ପରମ୍ପରାର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ, ଜଣେ ଶିକ୍ଷକ କେବଳ ପାଠ୍ୟପୁସ୍ତକର ଜ୍ଞାନ ପ୍ରଦାନ କରନ୍ତି ନାହିଁ; ବରଂ ଶିକ୍ଷାର୍ଥୀଙ୍କ ଚରିତ୍ର, ଚିନ୍ତନଶକ୍ତି ଓ ମାନବିକ ମୂଲ୍ୟବୋଧର ବିକାଶରେ ମଧ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ମୁଖ୍ୟ ବକ୍ତା ଭାବେ ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଡ. ପୁଷ୍ପା ପାତ୍ର ଯୋଗଦେଇ ଗୁରୁଙ୍କ ତ୍ୟାଗ, ନିଷ୍ଠା ଓ ଆଦର୍ଶ ଶିକ୍ଷାଦାନ ସମାଜର ଭବିଷ୍ୟତ ଗଢ଼ିବାର ମୁଖ୍ୟ ଆଧାର ବୋଲି କହିଥିଲେ। ଶିକ୍ଷକମାନେ ନିଜ ଜ୍ଞାନ ସହିତ ମୂଲ୍ୟବୋଧ ଓ ନୈତିକତାର ବୀଜ ଶିକ୍ଷାର୍ଥୀଙ୍କ ମନରେ ରୋପଣ କରିବା ଆବଶ୍ୟକ ବୋଲି ସେ ମତ ରଖିଥିଲେ। ଶିକ୍ଷାବିତ୍ ତଥା ବରିଷ୍ଠ ସାମ୍ବାଦିକ କଲ୍ୟାଣ ସିହ୍ନା ବିଶେଷ ଅତିଥି ଭାବେ ଯୋଗଦେଇ ପରିବର୍ତ୍ତିତ ସମାଜରେ ଶିକ୍ଷକଙ୍କ ଦାୟିତ୍ୱ ଆହୁରି ବଢ଼ିବା ସହ ଆଜିର ଛାତ୍ରଛାତ୍ରୀ ମାନଙ୍କୁ ସେମାନଙ୍କର ଲକ୍ଷସ୍ଥଳ ରେ ପହଂଚିବା ପାଇଁ ତ୍ୟାଗ, ନିଷ୍ଠା ଓ ପରିଶ୍ରମ ସହ ଉତ୍ତମ ଆଚରଣ କୁ ଗୁରୁତ୍ୱ ଦେବା ପାଇଁ ପରାମର୍ଶ ଦେଇଥିଲେ। ଆଜିର ଦୁନିଆ ରେ ଯେତେ ପ୍ରଯୁକ୍ତିବିଦ୍ୟା ର ପ୍ରୟୋଗ କରାଗଲେ ମଧ ଗୋଟିଏ ଶ୍ରେଣୀ ଗୃହ ଶିକ୍ଷକ ର ଭୂମିକା ସର୍ବଦା ଅପରିହାର୍ଯ୍ୟ ବୋଲି ଶ୍ରୀ ସିହ୍ନା ମତବ୍ୟକ୍ତ କରିଥିଲେ। ପୂର୍ବତନ ରାଇରଙ୍ଗପୁର ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ସୁନୀଲ କୁମାର ଜେନା ଗୁରୁଙ୍କ ଆଦର୍ଶ ଓ ଶିକ୍ଷାର୍ଥୀଙ୍କ ପ୍ରତି ତାଙ୍କର ଦାୟିତ୍ୱ ଉପରେ ମତବ୍ୟକ୍ତ କରିଥିଲେ। ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟର ପ୍ରତିଷ୍ଠାତା ଶ୍ରୀ ଲକ୍ଷ୍ମୀକାନ୍ତ ଦାସ ଶିକ୍ଷାର ବ୍ୟାପକତା ଓ ସମାଜର ଶେଷ ଧାଡ଼ିର ଶିକ୍ଷାର୍ଥୀଙ୍କ ନିକଟରେ ଶିକ୍ଷା ପହଞ୍ଚାଇବାର ଆବଶ୍ୟକତା ଉପରେ ମତ ରଖିଥିଲେ। ସାଇ ବିବେକାନନ୍ଦ ଶିକ୍ଷାଶ୍ରମର ଅଧକ୍ଷା ଶ୍ରୀମତୀ ବୀଣାପାଣି ଦାସ ଶିକ୍ଷାର୍ଥୀଙ୍କ ଚରିତ୍ର ଗଠନରେ ଶିକ୍ଷକ ଓ ଅଭିଭାବକଙ୍କ ମିଳିତ ଭୂମିକା ଉପରେ ଗୁରୁତ୍ୱ ଦେଇଥିଲେ। କୁଣ୍ଡାବାଇସ୍ଥିତ ରୋହିଦାସ ସୋରେନ ମହାବିଦ୍ୟାଳୟର ଇଂରାଜୀ ବିଭାଗର ମୁଖ୍ୟ ଡ. ଅଜିତ କୁମାର ମହାପାତ୍ର ଭାଷା ଓ ସାହିତ୍ୟ ମାଧମରେ ମାନବିକ ମୂଲ୍ୟବୋଧର ବିକାଶ ଉପରେ ଆଲୋକପାତ କରିଥିଲେ। ବା।ଇଗଣବା।ଡ଼ି ଅ। ମହାବିଦ୍ୟାଳୟର ପ୍ରାଧାପକ ପ୍ରଫେସର ଡ. ଶରତ କୁମାର ମହାନ୍ତି ଶିକ୍ଷକଙ୍କ ନିଷ୍ଠା, ଆଦର୍ଶ ଓ ଶିକ୍ଷାର୍ଥୀଙ୍କ ଭବିଷ୍ୟତ ଗଠନରେ ଗୁରୁଙ୍କ ଭୂମିକା ସମ୍ପର୍କରେ ନିଜର ମତ ରଖିଥିଲେ। ଏହି ଅବସରରେ ଅତିଥି ପରିଚୟ ପ୍ରଦାନ କରିଥିଲେ କଲେଜର ଆଇନ ବିଭାଗର ମୁଖ୍ୟ ଶ୍ରୀ ଜ୍ଞାନରଞ୍ଜନ ପଣ୍ଡା। ଛାତ୍ର ଚିନ୍ମୟୀ ସେଜପଡ଼ା ଓ ଛାତ୍ରୀ ଗାୟତ୍ରୀ ପଟ୍ଟନାୟକଙ୍କ ଦ୍ୱାରା ପରିବେଷିତ ସ୍ୱାଗତ ଗୁରୁବନ୍ଦନା ନୃତ୍ୟ ଉତ୍ସବର ପରିବେଶକୁ ଭକ୍ତିମୟ ଓ ଭାବଗମ୍ଭୀର କରିଥିଲା।ସୋନାଲି ମାରାଣ୍ଡି ଓ ସାଥି ଆବାହନ ସଂଗୀତ ପରିବେଷଣ କରିଥିଲେ। ଉତ୍ସବ ଅବସରରେ ଏକ ତର୍କ ପ୍ରତିଯୋଗିତା ମଧ ଆୟୋଜିତ ହୋଇଥିଲା। ବରିଷ୍ଠ ବିଭାଗରେ ଦୀକ୍ଷା ଅଗ୍ରୱାଲ ପ୍ରଥମ, ସୁଭାସ୍ମିତା ବେହେରା ଦ୍ୱିତୀୟ ଓ ପ୍ରିୟଦର୍ଶିନୀ ମୁର୍ମୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି କନିଷ୍ଠ ବିଭାଗରେ ବିଜୟଲକ୍ଷ୍ମୀ ଗିରି ପ୍ରଥମ, ସୁଜାତା ମହାଲି ଦ୍ୱିତୀୟ ଓ ପ୍ରତୀକ୍ଷା ଗିରି ତୃତୀୟ ସ୍ଥାନ ହାସଲ କରିଥିଲେ। ଗୁରୁବନ୍ଦନା ଉତ୍ସବର ଅନ୍ୟତମ ଆକର୍ଷଣ ଥିଲା 'ମୟୂରଭଞ୍ଜ ଗୌରବ ସମ୍ମାନ'। ଶିକ୍ଷା କ୍ଷେତ୍ରରେ ଦୀର୍ଘଦିନର ଅବଦାନ, ନିଷ୍ଠା, ତ୍ୟାଗ ଓ ଶିକ୍ଷାର୍ଥୀଙ୍କ ଜୀବନ ଗଠନରେ ଉଲ୍ଲେଖନୀୟ ଭୂମିକା ପାଇଁ ଜିଲ୍ଲାର ୧୦ ଜଣ ବିଶିଷ୍ଟ ଶିକ୍ଷକଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଥିଲା। ସମ୍ବର୍ଦ୍ଧିତ ପ୍ରତିଭା ମାନଙ୍କ ମଧ୍ୟରେ ବାଙ୍ଗିରିପୋଷି ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟ ର ପ୍ରତିଷ୍ଠାତା ତଥା ଶିକ୍ଷକ ଶ୍ରୀ ଲକ୍ଷ୍ମୀକାନ୍ତ ଦାସ, ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ର ଉଦ୍ଭିଦ ବିଜ୍ଞାନ ବିଭାଗର ସହଯୋଗୀ ପ୍ରଫେସର ଡ଼ ବିଷ୍ଣୁପ୍ରିୟା ହାଁସଦା, ଶିକ୍ଷ୍ୟାବିତ ତଥା ବରିଷ୍ଠ ସାମ୍ବାଦିକ କଲ୍ୟାଣ ସିହ୍ନା, ରରଙ୍ଗପୁର ଅଂଚଳ ର ବରିଷ୍ଠ ଶିକ୍ଷକ ଶ୍ରୀ ତିମିର ରଞ୍ଜନ ପଣ୍ଡା, ଶିକ୍ଷକ ଶ୍ରୀ ଶଙ୍କର ଜେନା, ସାହିତ୍ୟିକ ଶ୍ରୀ ଅଜୟ ପାଳ, ରୋହିଦାସ ସୋରେନ ମହାବିଦ୍ୟାଳୟ ର ଇରାଜ୍ଞି ବିଭାଗ ମୁଖ୍ୟ ଡ଼ ଅଜିତ କୁମାର ମହାପାତ୍ର, ଶିରୀଶବଣୀ ସ୍ଥିତ ସ୍ୱାମୀ ବିବେକାନନ୍ଦ ଶିକ୍ଷାଶ୍ରମ ର ଅଧକ୍ଷା ଶ୍ରୀମତୀ ବୀଣାପାଣି ଦାସ, ଶିକ୍ଷୟତ୍ରୀ ମାଧୁରୀ ଦ୍ୱିବେଦୀ ଓ ଶିକ୍ଷୟତ୍ରୀ ପ୍ରଣତି ପଟ୍ଟନାୟକ ଅନ୍ୟତମ। କାର୍ଯ୍ୟକ୍ରମକୁ ଦେବସ୍ମିତା ବିଶ୍ୱାଳ, ଅଭିପ୍ସା ନାୟକ, ପୂର୍ଣ୍ଣିମା ମହାନ୍ତି, ରୂପମଞ୍ଜରୀ ବେହେରା ଓ ସୁଜାତା ପାଲ ସୁଚାରୁ ଭାବେ ସଂଯୋଜନା କରିଥିଲେ। ଶେଷରେ କଲେଜର ଉପାଧକ୍ଷା ପ୍ରଫେସର ସଙ୍ଘମିତ୍ରା ରାଉତ ଧନ୍ୟବାଦ ଅର୍ପଣ କରିଥିଲା।

# ଅଗଷ୍ଟ ୨୦୨୬ରେ ସେଲ୍‌ର ବୃହତ ବିକ୍ରୟ ଏବଂ ଉତ୍ପାଦନ ବୃଦ୍ଧି; ଆର୍ଥିକ ସ୍ଥିତି ସୁଦୃଢ଼



ରାଉରକେଲା,୬/୦୯ (ନି.ପ୍ର): ଷ୍ଟିଲ୍ ଅଥୋରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେଲ) ଅଗଷ୍ଟ ୨୦୨୬ ମାସ ସହିତ ଏପ୍ରିଲ୍ - ଅଗଷ୍ଟ ୨୦୨୬ ଅବଧି ପାଇଁ ଏହାର ବିକ୍ରୟ ପ୍ରଦର୍ଶନରେ ଏକ ମଜବୁତ ଉର୍ଦ୍ଧ୍ୱଗାମୀ ପ୍ରବୃତ୍ତି ରିପୋର୍ଟ କରିଛି। ଅଗଷ୍ଟ ୨୦୨୬ ମଧ ଉତ୍ପାଦନ କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଛି, ଯେଉଁଥିରେ କମ୍ପାନୀ ହଟ୍ ମେଟାଲ୍, କ୍ରୁଡ୍ ଷ୍ଟିଲ୍ ଏବଂ ସେଲେବୁଲ୍ ଷ୍ଟିଲ୍ (ବିକ୍ରୟ ଯୋଗ୍ୟ ଇସ୍ପାତ)ର ସର୍ବଶ୍ରେଷ୍ଠ ଅଗଷ୍ଟ ଉତ୍ପାଦନ ହାସଲ କରିଛି। ଅଗଷ୍ଟ, ୨୦୨୬ ରେ ଗତ ବର୍ଷର ସମାନ ଅବଧିରେ ହୋଇଥିବା ୧.୫୫ ନିୟୁତ ଟନ୍ ତୁଳନାରେ କ୍ରୁଡ୍ ଷ୍ଟିଲ୍ ଉତ୍ପାଦନ ୮% ବୃଦ୍ଧି ପାଇ ୧.୬୮ ନିୟୁତ ଟନ୍ ହୋଇଛି, ହଟ୍ ମେଟାଲ୍ ୧.୬୩ ନିୟୁତ ଟନ୍ ତୁଳନାରେ ୯% ବୃଦ୍ଧି ପାଇ ୧.୭୮ ନିୟୁତ ଟନ୍ ହୋଇଛି ଏବଂ ସେଲେବୁଲ୍ ଷ୍ଟିଲ୍ ଗତ ବର୍ଷର ସମାନ ଅବଧିର ୧.୬୬ ନିୟୁତ ଟନ୍ ତୁଳନାରେ ୧% ବୃଦ୍ଧି ସହ ୧.୬୯ ନିୟୁତ ଟନ୍ ରହିଛି।

ଅଗଷ୍ଟ ୨୦୨୬ ରେ, ସେଲ୍ ମୋଟ ବିକ୍ରୟ ପରିମାଣରେ ଦୁଇଟି ଅଙ୍କବିଶିଷ୍ଟ ବାର୍ଷିକ ବୃଦ୍ଧି ହାସଲ କରିଛି, ଯେଉଁଥିରେ ଟାୟାର ୧ ଏବଂ ଟାୟାର ୨ ଖୁଚୁରା କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ଦେଖିବାକୁ ମିଳିଛି। ମୋଟ ବିକ୍ରୟ ୧.୮୭୧ ନିୟୁତ ଟନ୍ ରହିଥିଲା, ଯାହା ଗତ ବର୍ଷର ସମାନ ଅବଧିର ୧.୬୫୪ ନିୟୁତ ଟନ୍ ତୁଳନାରେ ୧୩% ବାର୍ଷିକ ବୃଦ୍ଧି ଦର୍ଶାଉଛି। ନଗଦ ଆଦାୟ ମଧ ବାର୍ଷିକ ଭିତ୍ତିରେ ୨୩% ର ଦୃଢ଼ ବୃଦ୍ଧି ହାସଲ କରିଛି। କୋଲ୍ଡ ରୋଲଡ୍, ଗାଲଭାନାଇଜଡ୍ ଏବଂ ଆଲୋଏ ଷ୍ଟିଲ୍ ପରି କେତେକ ମୂଲ୍ୟବର୍ଦ୍ଧିତ ଉତ୍ପାଦ ବର୍ଗରେ କମ୍ପାନୀ ଏହାର ସର୍ବକାଳୀନ ସର୍ବାଧିକ ଅଗଷ୍ଟ ବିକ୍ରୟ ରେକର୍ଡ କରିଛି। ଏହି ମାସରେ ଗଚ୍ଛିତ ମାଲ୍ ରେ ଏକ ଗୁରୁତ୍ୱପୂର୍ଣ୍ଣ ହ୍ରାସ ଦେଖିବାକୁ ମିଳିଛି, ଯାହା ଦକ୍ଷ ଯୋଗାଣ ଶୃଙ୍ଖଳା ସଂଯୋଜନା ଏବଂ ଦ୍ରୁତ ବଜାର ସେବାକୁ ସୂଚାଉଛି। ଅଗଷ୍ଟ ୨୦୨୬ ମଧରେ, ଭାରତୀୟ ରେଳବାଇକୁ ରେଳ ଯୋଗାଣ ଗତ ବର୍ଷର ସମାନ ଅବଧିର ୧.୧୮ ଲକ୍ଷ ଟନ୍ ତୁଳନାରେ ବାର୍ଷିକ ୫% ବୃଦ୍ଧି ପାଇ ୧.୨୩ ଲକ୍ଷ ଟନ୍ ହୋଇଛି। ଲଙ୍ଗ୍ ରେଲ୍ସ ବର୍ଗରେ, କମ୍ପାନୀ ୧.୧୨ ଲକ୍ଷ ଟନ୍ ଯୋଗାଣ କରି ବାର୍ଷିକ ୧୧% ବୃଦ୍ଧି ସହିତ ସର୍ବକାଳୀନ ସର୍ବାଧିକ ଯୋଗାଣ ହାସଲ କରିଛି। ଏହି ଅବଧି ମଧରେ, ସେଲ୍ ୩୧.୦୩.୨୦୨୬ ର ସ୍ତରରୁ ଋଣ ୮୭୦ କୋଟି ଟଙ୍କା ହ୍ରାସ କରି ଏହାର ଆର୍ଥିକ ସ୍ଥିତିକୁ ଆହୁରି ସୁଦୃଢ଼ କରିଛି। ଏହି ଗତିଶୀଳତା ଏପ୍ରିଲ୍ - ଅଗଷ୍ଟ ୨୦୨୬ ଅବଧିରେ ମଧ ଜାରି ରହିଥିଲା। ବିଶ୍ୱସ୍ତରୀୟ ଅସ୍ଥିରତା ସତ୍ତ୍ୱେ, ସେଲ୍‌ର ସଞ୍ଚିତ ବିକ୍ରୟ ୭.୭୧ ନିୟୁତ ଟନ୍‌ରେ ପହଞ୍ଚି ଗତ ବର୍ଷର ସମାନ ଅବଧି ତୁଳନାରେ ୫.୬% ବୃଦ୍ଧି ହାସଲ କରିଛି। ଉନ୍ନତ ଉତ୍ପାଦ ମିଶ୍ରଣ, ସୁଦୃଢ଼ ଆଞ୍ଚଳିକ ପହଞ୍ଚ ଏବଂ ଦୃଢ଼ ଘରୋଇ ଚାହିଦା ଦ୍ୱାରା ସମର୍ଥିତ ହୋଇ ଫିନିଶ୍ଡ ଏବଂ ପ୍ରୋସେସଡ୍ ଷ୍ଟିଲ୍ ବିଭାଗଗୁଡ଼ିକ ଭଲ କାରବାର ବଜାୟ ରଖିଛନ୍ତି। ପାଞ୍ଚ ମାସର ଅବଧି ପାଇଁ ନଗଦ ଆଦାୟ ମଧ ବୃଦ୍ଧି ପାଇଛି, ଯାହା ଅନୁଶାସିତ ବ୍ୟାବସାୟିକ ପ୍ରକ୍ରିୟା ଏବଂ ଗ୍ରାହକଙ୍କ ନିକଟରୁ ସମୟୋପଯୋଗୀ ଅର୍ଥପ୍ରାପ୍ତିକୁ ଦର୍ଶାଉଛି। ଏହି ପ୍ରଦର୍ଶନ ଉପରେ ମନ୍ତବ୍ୟ ଦେଇ ସେଲ୍‌ର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଡାକ୍ତର ଏ.କେ. ପଣ୍ଡା କହିଛନ୍ତି: "ଅଗଷ୍ଟ ଏବଂ ଏପ୍ରିଲ୍-ଅଗଷ୍ଟ'୨୬ ଅବଧିରେ ସେଲ୍‌ର ପ୍ରଦର୍ଶନ ଅପରେସନାଲ୍ ଦକ୍ଷତା, ବ୍ୟାବସାୟିକ ବିତରଣ ଏବଂ ଆର୍ଥିକ ବିଚକ୍ଷଣତା ମଧରେ ସଂସ୍ଥାର ବୃଦ୍ଧିପାଉଥିବା ସମନ୍ୱୟକୁ ପ୍ରତିଫଳିତ କରୁଛି। ରେକର୍ଡ ଉତ୍ପାଦନ ସ୍ତର, ଦୃଢ଼ ବିକ୍ରୟ ଗତିଶୀଳତା ଏବଂ ଅନୁଶାସିତ ଆର୍ଥିକ ପରିଚାଳନା ଏକତ୍ରିତ ହୋଇ କମ୍ପାନୀର ମଜବୁତ ହେଉଥିବା ଭିତ୍ତିଭୂମିକୁ ସୂଚାଉଛି। ସମ୍ପ୍ରସାରଣ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ଏବଂ ଚାହିଦା ଆଶାନୁରୂପ ସକାରାତ୍ମକ ରହିବା ସହିତ, ଭାରତର ଇସ୍ପାତ ବ୍ୟବହାର କାହାଣୀରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବା ସହ ସେଲ୍ ଏହାର ଅଭିବୃଦ୍ଧି ଯାତ୍ରାକୁ ତ୍ୱରାନ୍ୱିତ କରିବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି।"

# ଦୁଇ ଦଶନ୍ଧି ଧରି ଶିକ୍ଷା, ସଂସ୍କାର ଓ ଆତ୍ମବିଶ୍ୱାସର ଆଲୋକ ବାଂଟୁଛନ୍ତି ଗୁରୁ ବିନାଶ ମିଶ୍ର

ମାଲକାନଗିରି,୬/୦୯ (ନି.ପ୍ର): ଗୁରୁ ଦିବସ ଅବସରରେ ଆଜି ଆମେ ଏମିତି ଜଣେ ଆଦର୍ଶ ଗୁରୁଙ୍କ କଥା ଉପସ୍ଥାପନ କରୁଛୁ, ଯିଏ ନିଜ ଜୀବନର ସମସ୍ତ ସୁଖ-ସ୍ୱପ୍ନକୁ ପଛରେ ପକାଇ ଗତ ଦୁଇ ଦଶନ୍ଧି ଧରି ଅନ୍ୟମାନଙ୍କ ଜୀବନ ଗଢ଼ିବାରେ ନିଜକୁ ସମର୍ପିତ କରିଛନ୍ତି। ସେ ହେଲେ ମାଲକାନଗିରି ଜିଲ୍ଲାର ବିନାଶ ମିଶ୍ର। ଗତ ୨୦ ବର୍ଷ ଧରି ସେ ନିଜସ୍ୱ ଉଦ୍ୟମରେ ଗରିବ, ଅସହାୟ ଓ ଆଦିବାସୀ ପିଲାମାନଙ୍କୁ ଶିକ୍ଷା ସହ ମାର୍ଶାଲ ଆର୍ଟ ଓ ଜୁଡୋ ପ୍ରଶିକ୍ଷଣ ଦେଇ ଆସୁଛନ୍ତି। 'ଆଓମା ଗୁରୁକୁଳ' ନାମକ ଏକ ସଂସ୍ଥା ପ୍ରତିଷ୍ଠା କରି ବିନାଶ ମିଶ୍ର ପ୍ରାୟ ୭୦ରୁ ଅଧିକ ପିଲାଙ୍କ ଭବିଷ୍ୟତ ଗଠନ ପାଇଁ ଅକ୍ଲାନ୍ତ ପରିଶ୍ରମ କରୁଛନ୍ତି। ଜିଲ୍ଲାର ଦୁର୍ଗମ ବଣ୍ଡାଘାଟି ଓ ସ୍ୱାଭିମାନ ଅଂଚଳ ସମେତ ବିଭିନ୍ନ ଗ୍ରାମର ଅନାଥ, ବାପା-ମା' ଛେଉଣ୍ଡ ଓ ଦରିଦ୍ର ପିଲାମାନଙ୍କୁ ନିଜ ପାଖରେ ରଖି ସେମାନଙ୍କ ଶିକ୍ଷା ଓ ସର୍ବାଙ୍ଗୀନ ବିକାଶର ବ୍ୟବସ୍ଥା କରିଛନ୍ତି। କେବଳ ଶିକ୍ଷା ନୁହେଁ, ଜଣେ ଦକ୍ଷ ଜୁଡୋ ଖେଳାଳି ଭାବେ ବିନାଶ ମିଶ୍ର ପିଲାମାନଙ୍କୁ ଜୁଡୋ ଓ ମାର୍ଶାଲ ଆର୍ଟରେ ମଧ ପ୍ରଶିକ୍ଷଣ ଦେଉଛନ୍ତି। ତାଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷିତ ଛାତ୍ରଛାତ୍ରୀମାନେ ରାଜ୍ୟ, ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ୬୦ରୁ ଅଧିକ ପଦକ ଜିତି ମାଲକାନଗିରି ଜିଲ୍ଲାକୁ ଗୌରବାନ୍ୱିତ କରିଛନ୍ତି। ସେଥିମଧ୍ୟରେ ୩୦ଟି ସ୍ୱର୍ଣ୍ଣ ପଦକ ରହିଥିବା ବେଳେ ଦୁଇଟି ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ମଧ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହି ଛାତ୍ରଛାତ୍ରୀମାନେ କେବଳ କ୍ରୀଡ଼ା କ୍ଷେତ୍ରରେ ନୁହେଁ, ଜାତୀୟ ଟେଲିଭିଜନ ଚ୍ୟାନେଲ ଜି ଟିଭି, ସୋନି ଟିଭି ଓ କଲର୍ସ ଭଳି ମଂଚରେ ନିଜ ପ୍ରତିଭା ପ୍ରଦର୍ଶନ କରି ଜିଲ୍ଲା ପାଇଁ ସମ୍ମାନ ଆଣିଛନ୍ତି। ବିନାଶ ମିଶ୍ର ନିଜସ୍ୱ ଉଦ୍ୟମରେ ପିଲାମାନଙ୍କ ଖାଦ୍ୟ, ପୋଷାକ ଓ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀର ବ୍ୟବସ୍ଥା କରୁଥିବା ବେଳେ ବର୍ତ୍ତମାନ ମଧ ପ୍ରାୟ ୩୦ ଜଣ ଯୁବକ-ଯୁବତୀ ତାଙ୍କ ନିକଟରେ ରହି ପ୍ରଶିକ୍ଷଣ ଗ୍ରହଣ କରୁଛନ୍ତି। ସେ ମାଥିଲିରେ 'ଆଓମା'ର ଏକ ଶାଖା କେନ୍ଦ୍ର ଖୋଲି ସେଠାରେ ମଧ ଶିକ୍ଷା ଓ ଜୁଡୋ ପ୍ରଶିକ୍ଷଣ ଜାରି ରଖିଛନ୍ତି। ବିନାଶଙ୍କ ଉଦ୍ୟମ ଅନେକ ଯୁବକ ଯୁବତୀଙ୍କ ଜୀବନରେ ନୂଆ ଆଶାର ସଂଚାର କରିଛି। ବାପା-ଛେଉଣ୍ଡ ମାସି ହନ୍ତାଲ ବିଭିନ୍ନ ପ୍ରଶିକ୍ଷଣ ଓ ପଦକ ହାସଲ କରି ବର୍ତ୍ତମାନ ଜଣେ ଜିମ୍ ଟ୍ରେନର ଭାବେ କାର୍ଯ୍ୟ କରୁଛନ୍ତି। ସେହିପରି ଲକ୍ଷ୍ମୀ ସୋଡି ଜଣେ କନିଷ୍ଠ ଯନ୍ତ୍ରୀ ଭାବେ ନିଯୁକ୍ତି ପାଇଥିବା ବେଳେ ବଣ୍ଡାଘାଟିର ରାମ କବାସୀ, ଯାହାଙ୍କୁ ୯ ବର୍ଷ ବୟସରୁ ବିନାଶ ନିଜ ପାଖରେ ରଖି ପ୍ରଶିକ୍ଷଣ ଦେଇଥିଲେ, ସେ ଆଜି ଜଣେ ସରକାରୀ ଶିକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି। ପ୍ରଶାସନ, ବିଭିନ୍ନ ଅଧିକାରୀ ଓ ସମାଜର ଅନେକ ସହୃଦୟ ବ୍ୟକ୍ତିଙ୍କ ସହଯୋଗରେ ଏହି ଅନୁଷ୍ଠାନ ଆଗକୁ ବଢୁଥିବା ବେଳେ ବିନାଶ ମିଶ୍ର ନିଜର ବ୍ୟକ୍ତିଗତ ଜୀବନକୁ ପଛରେ ରଖି ଅବିବାହିତ ରହି ସମ୍ପୂର୍ଣ୍ଣ ଭାବେ ଅସହାୟ ପିଲାଙ୍କ ସେବାରେ ନିଜକୁ ନିୟୋଜିତ କରିଛନ୍ତି।

# ସୋସିଆଲ ମିଡିଆରେ ଘୁରି ବୁଲୁଥିବା ସେଲ୍, ରାଉରକେଲା ଇସ୍ପାତ କାରଖାନାର ଜାଲ୍ ନିଯୁକ୍ତି ବିଜ୍ଞାପନ ପ୍ରତି ପ୍ରାର୍ଥୀମାନଙ୍କୁ ସଜାଗ ରହିବାକୁ ପରାମର୍ଶ

ରାଉରକେଲା,୬/୦୯ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା ସ୍ପଷ୍ଟ କରିଛି ଯେ, " ସେଲ (ଆର.ଏସ.ପି) ର ଆଇ.ଜି.ଏଚ, ପ୍ରଶିକ୍ଷାର୍ଥୀ ନିଯୁକ୍ତି (ଟ୍ରେନୀ ରେକ୍ରୁଟମେଣ୍ଟ) ୨୦୨୬ " ଶୀର୍ଷକରେ ବିଭିନ୍ନ ଇଞ୍ଜିନିୟରିଂ ଶାଖାରେ ଇଣ୍ଡଷ୍ଟ୍ରିଆଲ୍ ଗ୍ରାଜୁଏଟ୍ ଟ୍ରେନି ପଦବୀ ପାଇଁ ସୋସିଆଲ ମିଡିଆରେ ଘୁରି ବୁଲୁଥିବା ନିଯୁକ୍ତି ବିଜ୍ଞାପନଟି ଜାଲ୍ ଅଟେ ଏବଂ ଏହା ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ଜାରି କରାଯାଇ ନାହିଁ। ତେବେ, ଆତ୍ମନିଯୁକ୍ତି ଏବଂ ଦକ୍ଷତା ବୃଦ୍ଧି ତାଲିମ କାର୍ଯ୍ୟକ୍ରମ ଅଧୀନରେ ରାଉରକେଲା ସ୍ଥିତ ଇସ୍ପାତ ଜେନେରାଲ ହସପିଟାଲ (ଆଇ.ଜି.ଏଚ) ରେ ଟ୍ରେନିମାନଙ୍କ ନିଯୁକ୍ତି ପାଇଁ ଆର.ଏସ.ପି ଏକ ସରକାରୀ/ଅଫିସିଆଲ୍ ବିଜ୍ଞାପନ ଜାରି କରିଛି। ଏହି ପ୍ରକୃତ ବିଜ୍ଞାପନଟି ମେଡିକାଲ ଆଟେଣ୍ଡାଣ୍ଟ ଟ୍ରେନିଂ, ହସପିଟାଲ ଆଡମିନିଷ୍ଟ୍ରେସନ ଟ୍ରେନିଂ ଏବଂ ଓଟି/ଆନାସ୍ଥେସିଆ ଆସିଷ୍ଟାଣ୍ଟ ଟ୍ରେନିଂ କ୍ଷେତ୍ରରେ ଷ୍ଟାଇପେଣ୍ଡ୍ ଭିତ୍ତିକ ଗୋଟିଏ ବର୍ଷର ତାଲିମ କାର୍ଯ୍ୟକ୍ରମ ସହିତ ସମ୍ପୃକ୍ତ।

ଏହି କାର୍ଯ୍ୟକ୍ରମଗୁଡ଼ିକ ମଧ୍ୟରେ ମେଡିକାଲ ଆଟେଣ୍ଡାଣ୍ଟ ଟ୍ରେନିଂ ପାଇଁ ୧୦୦ ଟି ସିଟ୍, ହସପିଟାଲ ଆଡମିନିଷ୍ଟ୍ରେସନ ଟ୍ରେନିଂ ପାଇଁ ୭ ଟି ସିଟ୍ ଏବଂ ଓଟି/ଆନାସ୍ଥେସିଆ ଆସିଷ୍ଟାଣ୍ଟ ଟ୍ରେନିଂ ପାଇଁ ୫ ଟି ସିଟ୍ ରହିଛି।

ପ୍ରକୃତ ବିଜ୍ଞାପନ ଅନୁଯାୟୀ, ଯୋଗ୍ୟ ପ୍ରାର୍ଥୀମାନେ କେବଳ ଅଫିସିଆଲ୍ ଆଇ.ଜି.ଏଚ ପୋର୍ଟାଲ୍, https://igh.sailrsp.co.in ମାଧ୍ୟମରେ ୫ ସେପ୍ଟେମ୍ବର ରୁ ୨୦ ସେପ୍ଟେମ୍ବର, ୨୦୨୬ ପର୍ଯ୍ୟନ୍ତ ଅନଲାଇନ୍ ଆବେଦନ କରିପାରିବେ। ଆର.ଏସ.ପି ପ୍ରାର୍ଥୀ ଏବଂ ସାଧାରଣ ଜନତାଙ୍କୁ ଏହି ଜାଲ୍ ନିଯୁକ୍ତି ବିଜ୍ଞାପନ ଉପରେ ବିଶ୍ୱାସ ନକରିବାକୁ କିମ୍ବା ଏହାକୁ ସୋସିଆଲ ମିଡିଆରେ ସେୟାର ନକରିବାକୁ ପରାମର୍ଶ ଦେଉଛି ଏବଂ ସମସ୍ତ ନିଯୁକ୍ତି ଓ ତାଲିମ ସମ୍ବନ୍ଧୀୟ ସୂଚନା କେବଳ ପ୍ରାମାଣିକ ଏବଂ ସରକାରୀ ସୂତ୍ରରୁ ଯାଞ୍ଚ କରିବାକୁ ଅନୁରୋଧ କରୁଛି। ପ୍ରକୃତ ବିଜ୍ଞାପନର ବିସ୍ତୃତ ବିବରଣୀ ସେଲ୍ ୱେବସାଇଟର "କାରୀୟର" ବିଭାଗ (https://sailcareers.com/) ଏବଂ ଅଫିସିଆଲ୍ ଆଇ.ଜି.ଏଚ ୱେବସାଇଟରେ ଉପଲବ୍ଧ।

ପ୍ରାର୍ଥୀମାନଙ୍କୁ ଭ୍ରାନ୍ତିକର ସୂଚନାର ଶିକାର ନହେବା ପାଇଁ ସତର୍କ କରାଯାଉଛି ଏବଂ କୌଣସି ନିଯୁକ୍ତି କିମ୍ବା ତାଲିମ ସମ୍ବନ୍ଧୀୟ ବିଜ୍ଞାପନରେ ଆବେଦନ କରିବା କିମ୍ବା ସୋସିଆଲ ମିଡିଆରେ ସେୟାର କରିବା ପୂର୍ବରୁ ସେଗୁଡ଼ିକର ସତ୍ୟତା ସାବଧାନତାର ସହିତ ଯାଞ୍ଚ କରିବାକୁ ଅନୁରୋଧ କରାଯାଉଛି।

# ୨୮ କୋଟିରୁ ଉର୍ଦ୍ଧ୍ୱ ବିକାଶ ପ୍ରକଳ୍ପକୁ ମିଳିଲା ଗତି: ବିଭିନ୍ନ ୱାର୍ଡରେ ଉଦ୍ଘାଟନ, ଶିଳାନ୍ୟାସ ଓ ନୂଆ ପ୍ରକଳ୍ପ ଘୋଷଣା

ଝାରସୁଗୁଡ଼ା,୬/୦୯ (ନି.ପ୍ର): ଝାରସୁଗୁଡ଼ା ପୌରପାଳିକା ଅଧୀନ ବିଭିନ୍ନ ୱାର୍ଡର ସାମଗ୍ରିକ ବିକାଶ ଓ ସହରର ଭିତିଭୂମିକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ୨୮.୦୬ କୋଟି ଟଙ୍କାର ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଉଦ୍ଘାଟନ ଓ ଶିଳାନ୍ୟାସ କରାଯାଇଛି। ଏହା ସହିତ ଆଗାମୀ ଦିନରେ ଆଉ ଅନେକ ପ୍ରକଳ୍ପ କାର୍ଯ୍ୟକାରୀ ହେବାକୁ ଥିବାରୁ ସହରର ବିକାଶ ପ୍ରକ୍ରିୟା ଆହୁରି ତ୍ୱରାନ୍ୱିତ ହେବ ବୋଲି ଆଶା ପ୍ରକାଶ ପାଇଛି।

ଏମଏସବିୱାଇ ୨୦୨୫-୨୬ ଯୋଜନା ଅଧୀନରେ ୧.୪୦ କୋଟି ଟଙ୍କା ବ୍ୟୟରେ ୭ଟି ପ୍ରକଳ୍ପର ଉଦ୍ଘାଟନ ଓ ୪.୮୦ କୋଟି ଟଙ୍କାର ୧୦ଟି ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ସେହିପରି ସିଏସଆର, ୧୫ତମ ଅର୍ଥ କମିଶନ, ଉନ୍ନତି ଓ ଏମଏସବିୱାଇ ଯୋଜନାରେ ୪.୦୧ କୋଟି ଟଙ୍କାର ୨୩ଟି ପ୍ରକଳ୍ପ ଉଦ୍ଘାଟିତ ହୋଇଥିବା ବେଳେ ୧୦.୧୫ କୋଟି ଟଙ୍କାର ୩୮ଟି ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନ ହୋଇଛି।

ଏହା ବ୍ୟତୀତ ଏମଏସବିୱାଇ ୨୦୨୬-୨୭ ଅଧୀନରେ ବିଭିନ୍ନ ୱାର୍ଡ ପାଇଁ ପ୍ରାୟ ୭.୬୦ କୋଟି ଟଙ୍କା ବ୍ୟୟରେ ଆଉ ୮ଟି ପ୍ରକଳ୍ପକୁ ମଞ୍ଜୁରି ମିଳିଛି। ମଞ୍ଜୁରିପ୍ରାପ୍ତ ଓ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡ଼ିକ ମଧ୍ୟରେ ୱାର୍ଡ ନମ୍ବର ୧୯ ମଙ୍ଗଳ ବଜାରରେ ପ୍ରାୟ ୭୦ ଲକ୍ଷ ଟଙ୍କା ବ୍ୟୟରେ ସ୍ମାର୍ଟ ଇ-ଲାଇବ୍ରେରୀ ଓ ଡିଜିଟାଲ ଲର୍ଣ୍ଣିଂ ସେଣ୍ଟର, ୱାର୍ଡ ନମ୍ବର ୧୩ ଦେବାଡ଼ିହିରେ ୧.୬୦ କୋଟି ଟଙ୍କାରେ କମ୍ୟୁନିଟି ମଲ୍ଟିପର୍ପସ୍ ହଲ୍ ଏବଂ ୱାର୍ଡ ନମ୍ବର ୭ରେ ୧ କୋଟି ଟଙ୍କା ବ୍ୟୟରେ ସ୍ମାର୍ଟ ପାର୍କ ପ୍ରମୁଖ ରହିଛି।

ସେହିପରି ବୁରୋମାଲ ଶ୍ମଶାନ ଘାଟର ଉନ୍ନତିକରଣ ଓ ଆଧୁନିକୀକରଣ ପାଇଁ ୧.୬୦ କୋଟି ଟଙ୍କା, ସରବାହାଲ ନିକଟରେ ମଡର୍ଣ୍ଣ ଫୁଡ୍ ଷ୍ଟ୍ରିଟ୍, ଏକତାଲିରେ ଶ୍ମଶାନ ଶେଡ୍ ଓ ଆପ୍ରୋଚ୍ ରୋଡ୍, ମା' କାଳୀ ମନ୍ଦିର ନିକଟରେ କମ୍ୟୁନିଟି ମଣ୍ଡପ ଏବଂ ବିର୍ସା ମୁଣ୍ଡା କଲ୍ୟାଣ ମଣ୍ଡପର ସମ୍ପ୍ରସାରଣ ଓ ଉନ୍ନତିକରଣ ଭଳି ପ୍ରକଳ୍ପ ଅନ୍ତର୍ଭୁକ୍ତ।

ଏହି ଅବସରରେ ପୌରପାଳିକା ଅଧକ୍ଷା ରାନୀ ହାତୀ ରାଜ୍ୟ ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗକୁ ନିରନ୍ତର ସହଯୋଗ ପାଇଁ ସାଧୁବାଦ ଜଣାଇଥିଲେ। ଏଥିସହ ସମସ୍ତ କାଉନସିଲର, କାର୍ଯ୍ୟନିର୍ବାହୀ ଅଧିକାରୀ ଓ ପୌର କର୍ମଚାରୀଙ୍କ ନିଷ୍ଠାପର ଉଦ୍ୟମକୁ ସେ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ପୌର ଅଧକ୍ଷା ରାନୀ ହାତୀଙ୍କ ସମେତ ପୱନ ଶର୍ମା, ରମାନ୍ନା ରାଓ, ଗୀତାଞ୍ଜଳି ପଣ୍ଡା, ମଧୁମିତା ସୁଭନିଲ, ନବନୀତ କୌର, ସୁଷମା ବରାଳ, ନିତାରାଣୀ ଶାହା, ବାସନ୍ତୀ ଟପୋ, ଝରଣା ଭୋଇ, ତରଙ୍ଗ ଦୁବେ, ଜୟନ୍ତୀ ନାଏକ, ପ୍ରତିମା ଭଇଁସାଲ, ହରିଶ ଗନାତ୍ରା, ରବି ସିଂ, ପୱନ ସିଂ ଯାଦବ, ଅଶୋକ ଦାସ, ତୁଳସୀ ଦାସ, ମଦନ ହାତୀ, ଆଲୋକ ତ୍ରିପାଠୀ ଓ ଶଶି ଭୂଷଣ ତିୱାରୀ ପ୍ରମୁଖ ଉପସ୍ଥିତ ଥିଲେ।

# କୁରୁଟୁଙ୍ଗା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଚଳାବସ୍ଥା: ନାହାଁନ୍ତି ଡାକ୍ତର, ରୋଗୀଙ୍କ ବଢୁଛି ସମସ୍ୟା

କେନ୍ଦ୍ରାପଡ଼ା,୬/୦୯ (ନି.ପ୍ର): ରାଜ୍ୟ ସରକାର ସ୍ୱାସ୍ଥ୍ୟ ସଚେତନତା ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି କାର୍ଯ୍ୟକ୍ରମ ବାବଦରେ ପ୍ରଚାର ଚଳାଇଥିବା ବେଳେ ମାର୍ଶାଘାଇ ଗୋଷ୍ଠୀ କେନ୍ଦ୍ର ଅଧିନ କୁରୁଟୁଙ୍ଗା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଚଳାବସ୍ଥା ଦେଖାଦେଇଛି । ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ନିର୍ଭର କରି ମହାକାଳପଡା, ବାବର, ବଢିଅ, ବିଜୟନଗର, ଓରତ, କଂଟାବଣ, ଦେଉଳି, ଅନ୍ଦୁଳି, ସାନଜରିଆ, ପାତ୍ରଗଡ ପ୍ରଭୃତି ଦୂରଦୂରାନ୍ତ ଅଂଚଳରୁ ଦୈନିକ ରୋଗୀମାନେ ଆସିଥାନ୍ତି । ପ୍ରସୂତି, ଆସନପ୍ରସବା ମହିଳା, ଗର୍ଭବତୀ ରୋଗୀଙ୍କ ଠାରୁ ଆରମ୍ଭ କରି ଡେଙ୍ଗୁ, ମ୍ୟାଲେରିଆ ଜ୍ୱର ପିଡୀତ ରୋଗୀମାନେ ଚିକିତ୍ସା ପାଇଁ ଆସୁଥିବା ବେଳେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ରେ କୌଣସି ଏମ୍ବିବିଏସ୍ ଡାକ୍ତର ନଥିବାରୁ ରୋଗୀମାନେ ବାଧ ହୋଇ ଆୟୁଷ ଡାକ୍ତର ଓ ଫାର୍ମାସିଷ୍ଟ ରୋଗୀମାନଙ୍କୁ ଚିକିତ୍ସା କରୁଛନ୍ତି । ସରକାର ମାଗଣାରେ ରୋଗୀ ମାନଙ୍କ ପାଇଁ ସମସ୍ତ ପ୍ରକାର ଔଷଧ ଚିକିତ୍ସା କେନ୍ଦ୍ରରେ ଉପଲବ୍ଧ କରାଉଥିବା ବେଳେ ଏଠାରେ ନିଯୁକ୍ତ ଫାର୍ମାସିଷ୍ଟ ବାହାରୁ ଔଷଧ କିଣିଆଣିବା ପାଇଁ ରୋଗୀ ମାନଙ୍କୁ ପରାମର୍ଶ ଦେଉଥିବା ଅଭିଯୋଗ ହୋଇଛି । ସାଧାରଣ ରୋଗୀମାନେ ପଇସା ଅଭାବରୁ ଔଷଧ କିଣି ନପାରି ଖାଲି ଚିଠା ଧରି ବୁଲୁଥିବା ଦେଖିବାକୁ ମିଳୁଛି । ସାଂସଦଙ୍କ ପାଣ୍ଠିରୁ ବସା ଯାଇଥିବା ଥଣ୍ଡା ଓ ଗରମ ପାଣି ବାହାରୁଥିବା ମେସିନ ଦୀର୍ଘଦିନ ହେବ ଅଚଳ ହୋଇ ପଡିଥିବାରୁ ରୋଗୀମାନଙ୍କୁ ସେବା ମିଳି ପାରୁନାହିଁ । ସେହିଭଳି ନୂତନ ଗୃହ ନିର୍ମାଣ ଅଧାପନ୍ତରିଆ ଭାବେ ଦୀର୍ଘଦିନ ହେଲା ପଡିରହିଛି । ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଖଟିଆ ଗୁଡିକ ଭାଙ୍ଗିରୁଜି ଯାଇଥିଲେ ମଧ ମରାମତି କରାଯାଇ ପାରୁନାହିଁ କିମ୍ବା ନୂତନ ଖଟିଆ ଯୋଗାଇ ଦିଆଯାଉ ନାହିଁ । ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ଷ୍ଟାଫ କ୍ୱାଟର ଗୁଡିକରୁ ଛାତରୁ ପାଣି ଗଳୁଥିବା ବେଳେ ଝରକା କବାଟ ସବୁ ଅଧା ଭଙ୍ଗା ଅବସ୍ଥାରେ ଓ ଗଛଲତା ମାଡି ବ୍ୟବହାର ଅନୁପଯୋଗୀ ହୋଇପଡିଥିବାରୁ ମେଡିକାଲ ଅଫିସର ଓ କର୍ମଚାରୀମାନେ କେହି ରହୁନାହାଁନ୍ତି । ତେବେ ସ୍ଥାନୀୟ ବିଧାୟକ ଡ଼ ଦୁର୍ଗାପ୍ରସନ୍ନ ନାୟକଙ୍କୁ ଏବାବଦରେ ଅନେକ ଥର ଅଭିଯୋଗ କରାଯାଇ ଥିଲେ ମଧ ଏହାକୁ ଏପର୍ଯ୍ୟନ୍ତ ଗୁରୁତର ସହ ନେଇ ନଥିବାରୁ ସ୍ଥାନୀୟ ଅଂଚଳରେ ଅସନ୍ତୋଷ ବୃଦ୍ଧି ପାଇପାରେ ଲାଗିଛି ।

# ନେପାଳ ବନ୍ୟା ମୃତକଙ୍କୁ ଶ୍ରଦ୍ଧାଞ୍ଜଳି, ପୀଡ଼ିତଙ୍କ ପାଇଁ ୫୧ ହଜାର ଟଙ୍କା ସହାୟତା

ଝାରସୁଗୁଡ଼ା,୬/୦୯ (ନି.ପ୍ର): ନେପାଳରେ ଘଟିଥିବା ବନ୍ୟା ବିପର୍ଯ୍ୟୟରେ ପ୍ରାଣ ହରାଇଥିବା ଲୋକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ପୀଡ଼ିତଙ୍କ ସହାୟତା ପାଇଁ ଆଗେଇ ଆସିଛି ରୋଟାରୀ କ୍ଲବ୍ ଅଫ୍ ଝାରସୁଗୁଡ଼ା। ଏନେଇ ଟାଉନ୍ ଥାନା ନିକଟରେ କ୍ଲବ୍ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା। କ୍ଲବ୍ ସଭାପତି ନବୀନ ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସଭାରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ମହମବତୀ ଜଳାଇ ନେପାଳ ବନ୍ୟାରେ ମୃତକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ଅବସରରେ ବନ୍ୟା ପୀଡ଼ିତଙ୍କ ସହାୟତା ପାଇଁ ରୋଟାରୀ କ୍ଲବ୍ ପକ୍ଷରୁ ୫୧ ହଜାର ଟଙ୍କାର ଚେକ୍ ନେପାଳ ପ୍ରଧାନମନ୍ତ୍ରୀ ରିଲିଫ୍ ଫଣ୍ଡକୁ ପ୍ରଦାନ କରାଯାଇଥିଲା। ସଭାରେ କ୍ଲବ୍ ସମ୍ପାଦକ ସୁଶୀଲ ମୁଦ୍ରା, କୋଷାଧ୍ୟକ୍ଷ ରବି ଅଗ୍ରୱାଲ, ପ୍ରୋଜେକ୍ଟ ଡାଇରେକ୍ଟର ରାକେଶ ଅଗ୍ରୱାଲ, ରାକେଶ ସା, ମନିଷ ସା, ବିକାଶ ବଧାନ, ଅଶୋକ କେଡିଆ, ସୁନୀଲ କେଡିଆ, ନୀରବ ଆଥା, ରଞ୍ଜିତ ଚୌଧୁରୀ, ଅଶୋକ ଗାନ୍ଧୀ, ଚୁନ୍ନି କକାନି ପ୍ରମୁଖ ଉପସ୍ଥିତ ଥିଲେ।

# ଦେଶି ମଦ ଚାଲାଣ ବେଳେ ଚଢଉ: ୨ ଅଭିଯୁକ୍ତ ଗିରଫ

ଜୟପୁର,୬/୦୯ (ନି.ପ୍ର): ଜୟପୁର ଦେଶି ମଦ ଚାଲାଣ ବେଳେ କୋରାପୁଟ ଜିଲା ଜୟପୁର ଅବକାରି ଥାନା ଆଜି ପାଞ୍ଜିଆଗୁଡା ଓ ତେଲିଗୁଡାରେ ଚଢଉ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ୨ ଅଭିଯୁକ୍ତ ହେଲେ କଳାଗୁଡାର ଆକାଶ କନ୍ଦପାନ ଓ ନିଳାଗୁଡାର ସଦାଶିବ ଦୁରୁଆ । ସୂଚନା ଅନୁଯାୟୀ, ଦେଶି ମଦ ଚାଲାଣ ସୂଚନା ପାଇ ଜୟପୁର ଅବକାରି ଥାନା ପକ୍ଷରୁ ଚଢଉ କରାଯାଇଥିଲା। ତେଲିଗୁଡାରେ ଚଢଉ କରି ୫୦ ଲିଟର ଦେଶି ମଦ ସହ ବାଇକ କୁ ଜବତ କରିଛି। ସେହିପରି ପାଞ୍ଜିଆଗୁଡାରେ ଚଢଉ କରି ୧୮ ଲିଟର ଦେଶି ମଦ ସହ ବାଇକ କୁ ଜବତ କରିଛି। ଗିରଫ ଅଭିଯୁକ୍ତ ମାନେ ବାଇକ ରେ ନିଳାଗୁଡା ଓ କଳାଗୁଡାରୁ ଜୟପୁର ସହରକୁ ଚାଲାଣ କରୁଥିବା ଅବକାରି ବିଭାଗ ତଦନ୍ତରୁ ଜାଣିବାକୁ ପାଇଛି । ଗିରଫ ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବିଷୟ ଜୟପୁର ଅବକାରି ଥାନା ଓଆଇସି ସୁବ୍ରତ କେଶୋରି ହିରନ ସୂଚନା ଦେଇଛନ୍ତି।

# ଚିନି ଖାଇଲେ କ'ଣ ଡାଇବେଟିସ୍ ହୁଏ ? ଜାଣନ୍ତୁ ଏହା ପଛରେ ଥିବା ସତ୍ୟତାକୁ




ଆଜିକାଲି ଅନେକ ଲୋକ ବିଶ୍ୱାସ କରନ୍ତି ଯେ ଚିନି ଖାଇବା ଦ୍ୱାରା ଡାଇବେଟିସ୍ ହୋଇଯାଏ। ଏହି କାରଣରୁ ଅନେକ ଲୋକ ଚା', ଓ ଅନ୍ୟାନ୍ୟ ମିଠା ଜିନିଷଠାରୁ ଦୂରେଇ ରୁହନ୍ତି। କିନ୍ତୁ କେବଳ ଚିନି ଖାଇବା ଦ୍ୱାରା ଜଣେ ବ୍ୟକ୍ତିର ଡାଇବିଟିକ୍ ହୋଇପାରିବ କି ? ମେଡିକାଲ୍ ରିସର୍ଚ୍ଚ ଅନୁଯାୟୀ ଏହାର ଉତ୍ତର ଏତେ ସରଳ ନୁହେଁ। କେବଳ ଧଳା ଚିନି ଖାଇବା ଦ୍ୱାରା ସିଧାସଳଖ ଡାଇବେଟିସ୍ ହୁଏ ନାହିଁ, କିନ୍ତୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଅଧିକ ମାତ୍ରାରେ ମିଠା ଖାଇବା, ବିଶେଷକରି ମିଠା ପାନୀୟ ପିଇବା ଦ୍ୱାରା ଡାଇବେଟିସ୍ ରୋଗର ଆଶଙ୍କା ବଢ଼ିପାରେ। ଏହା ସହିତ ଓଜନ ବୃଦ୍ଧି ପାଇବା, କମ୍ ବ୍ୟାୟାମ କରିବା ଓ ବଂଶଗତ କାରଣ ଥାଇପାରେ।

କେବଳ ଚିନି ଖାଇବା ଦ୍ୱାରା ଜଣେ ବ୍ୟକ୍ତିର ସିଧାସଳଖ ଡାଇବେଟିସ୍ ହୋଇଯାଏ, ଏହା ନୁହେଁ। ଏହା ସେତେବେଳେ ହୁଏ ଯେତେବେଳେ ଶରୀର ରକ୍ତରେ ଶର୍କରାକୁ ଠିକ୍ ଭାବରେ ନିୟନ୍ତ୍ରଣ କରିପାରେ ନାହିଁ। ଏହାର ପଛରେ ଅନେକ କାରଣ ଥାଇପାରେ, ଯେପରିକି- ଅଧିକ ଓଜନ, କମ୍ ଶାରୀରିକ ପରିଶ୍ରମ, ଭୁଲ୍ ଖାଦ୍ୟପେୟ ଏହାର ଆଶଙ୍କାକୁ ବଢ଼ାଇଥାଏ। ତେଣୁ କେବଳ ଚିନିକୁ ହିଁ ଡାଇବେଟିସ୍‌ର କାରଣ ବୋଲି ଭାବିବା ଠିକ୍ ହେବ ନାହିଁ।

ଯଦି କୌଣସି ବ୍ୟକ୍ତି ପ୍ରତିଦିନ ବହୁତ ଅଧିକ ମିଠା ଖାଆନ୍ତି, ତେବେ ଶରୀରକୁ ଆବଶ୍ୟକତାଠାରୁ ଅଧିକ କ୍ୟାଲୋରି ମିଳିପାରେ। ଦୀର୍ଘ ସମୟ ଧରି ଏପରି ହେବା ଦ୍ୱାରା ଓଜନ ବୃଦ୍ଧି ପାଇପାରେ। ଅଧିକ ଓଜନ ରହିବା ଦ୍ୱାରା ଟାଇପ୍-୨ ଡାଇବିଟିଜ୍ ର ବିପଦ ବଢ଼ିଯାଏ। ଅର୍ଥାତ୍ ଚିନିର ପ୍ରଭାବ କେବଳ ରକ୍ତରେ ଶର୍କରା ବୃଦ୍ଧି ପାଇବା ପର୍ଯ୍ୟନ୍ତ ସୀମିତ ନୁହେଁ। ଅଧିକ ମିଠା ଖାଇବା ଦ୍ୱାରା ଓଜନ ଏବଂ ସମଗ୍ର ଡାଏଟ୍ ଖରାପ ହେବା ଦ୍ୱାରା ମଧ ଏହାର ପ୍ରଭାବ ପଡ଼ିପାରେ।

କୋଲ୍ଡ଼ ଡ୍ରିଙ୍କ୍, ପ୍ୟାକେଜ୍ ଜୁସ୍, ଏନର୍ଜି ଡ୍ରିଙ୍କ୍ ଓ ଅନ୍ୟାନ୍ୟ ମିଠା ପାନୀୟରେ ଯଥେଷ୍ଟ ପରିମାଣରେ ଶର୍କରା ଥାଇପାରେ। ଏଗୁଡ଼ିକୁ ପିଇବା ଦ୍ୱାରା ଶରୀରକୁ କମ୍ ସମୟ ଭିତରେ ଅଧିକ ଶର୍କରା ମିଳିଯାଏ। ଅନେକ ସମୟରେ ଲୋକମାନେ ଏହି ପାନୀୟଗୁଡ଼ିକୁ ପାଣି ପରି ପିଇଯାଆନ୍ତି ଓ ସେମାନେ ଜାଣିପାରନ୍ତି ନାହିଁ ଯେ ସେମାନେ କେତେ ଅତିରିକ୍ତ ଚିନି ଗ୍ରହଣ କରୁଛନ୍ତି। ଏଗୁଡ଼ିକରେ କ୍ୟାଲୋରି ମଧ ଅଧିକ ଥାଇପାରେ, ଯାହା ଦୀର୍ଘ ସମୟ ଧରି ଅଧିକ ସେବନ କରିବା ଦ୍ୱାରା ଓଜନ ବୃଦ୍ଧି ପାଇବାର ଆଶଙ୍କା ରହିଥାଏ। ବୃଦ୍ଧି ପାଇଥିବା ଓଜନ ଟାଇପ୍-୨ ଡାଇବେଟିସ୍‌ର ବିପଦକୁ ବଢ଼ାଇପାରେ। ଗବେଷଣାରୁ ମଧ ଚିନିଯୁକ୍ତ ପାନୀୟ ଏବଂ ଟାଇପ୍-୨ ଡାଇବେଟିସ୍ ମଧରେ ସମ୍ପର୍କ ରହିଥିବାର ଜଣାପଡ଼ିଛି। ଡାଏଟ୍‌ରେ ଅଧିକ ଚିନି ମାତ୍ରା କମ୍ କରିବା ଦ୍ୱାରା ଶରୀରକୁ ମିଳୁଥିବା ଅତିରିକ୍ତ କ୍ୟାଲୋରି କମ୍ ହୋଇପାରେ। ଏହାଦ୍ୱାରା ଓଜନକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ ମିଳିପାରେ। ଚିନି କମ୍ କରିବାର ଅର୍ଥ କେବଳ ଚା'ରେ କମ୍ ଚିନି ପକାଇବା ନୁହେଁ ବରଂ ମିଠା, ଚକୋଲେଟ୍, ମିଠା ବିସ୍କୁଟ୍, କେକ୍ ଓ ସୁଗାରଯୁକ୍ତ ପାନୀୟ ଭଳି ଜିନିଷଗୁଡ଼ିକର ସେବନ ମଧ କମ୍ କରିବା। ଏହାଦ୍ୱାରା ପ୍ରତିଦିନ ଗ୍ରହଣ କରାଯାଉଥିବା ସମୁଦାୟ ଶର୍କରା ପରିମାଣ କମ୍ ହୋଇପାରେ। ଯଦି ଏହା ସହିତ ଘରର ସନ୍ତୁଳିତ ଖାଦ୍ୟ ଏବଂ ପ୍ରତିଦିନ ଅଳ୍ପ ଶାରୀରିକ ପରିଶ୍ରମ କରାଯାଏ, ତେବେ ଶରୀରକୁ ଦୀର୍ଘକାଳୀନ ଭାବରେ ଲାଭ ମିଳିପାରେ। ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଚିନିକୁ ସମ୍ପୂର୍ଣ୍ଣ ଭାବରେ ବନ୍ଦ କରିବା ଜରୁରୀ ନୁହେଁ। ଅଧିକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପ୍ରତିଦିନ ଆବଶ୍ୟକତାଠାରୁ ଅଧିକ ଶର୍କରା ନ ନେବା। ମିଠା, ଚକୋଲେଟ୍, ମିଠା ବିସ୍କୁଟ୍ ଏଓ ସୁଗାରଯୁକ୍ତ ପାନୀୟଗୁଡ଼ିକୁ କମ୍ ପରିମାଣରେ ଗ୍ରହଣ କରିବା ଅଧିକ ଭଲ। ଯଦି କୌଣସି ବ୍ୟକ୍ତିଙ୍କୁ ପୂର୍ବରୁ ଡାଇବେଟିସ୍ ଅଛି କିମ୍ବା ବ୍ଲଡ୍ ସୁଗାର ବଢ଼ି ରହିଛି, ତେବେ ସେ ନିଜର ଡାଏଟ୍ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ରଖିବା ଉଚିତ୍।

# ଏଠାରେ ପେଟ୍ରୋଲ୍‌ଠାରୁ ମହଙ୍ଗା ପାଣି, ଗୋଟିଏ ବୋତଲ ପାଣିର ଦାମ୍‌ରେ ଫୁଲ ହୋଇଯିବ ପୁରା ଟାଙ୍କି

ଭାରତରେ ପାଣି ଅତି ସହଜରେ ମିଳିଯାଏ । କିନ୍ତୁ ଜାଣନ୍ତି କି ଏପରି କିଛି ଦେଶ ଅଛି ଯେଉଁଠାରେ ଲୋକଙ୍କୁ ପାଣି ପାଇଁ ଏତେ ଟଙ୍କା ଦେବାକୁ ପଡିଥାଏ ଯାହା ଆମ ଦେଶରେ ପେଟ୍ରୋଲ ସହିତ ସମାନ । ଦୁନିଆରେ ସବୁଠାରୁ ମହଙ୍ଗା ପାଣି କୋଷ୍ଟାରିକାରେ ମିଳିଥାଏ । ଯେଉଁଠାରେ ଗୋଟିଏ ବୋତଲ ପାଣିର ମୂଲ୍ୟ ୧୭୫ ଟଙ୍କା । ନରୱେରେ ମଧ ପାଣିର ବହୁତ ମୂଲ୍ୟବାନ । ଏଠାରେ ଗୋଟିଏ ବୋତଲ ପାଣି ୧୭୩ ଟଙ୍କାରେ ମିଳିଥାଏ । ବିଶ୍ୱ ମହାଶକ୍ତି ଆମେରିକାରେ ମଧ ସହଜରେ ମିଳେନି ପାଣି । ଏଠାରେ ଗୋଟିଏ ବୋତଲ ପାଣିର ଦାମ୍ ୧୫୬ ଟଙ୍କା । ସେହିପରି ଅଷ୍ଟ୍ରେଲିଆରେ ୧୩୯ ଟଙ୍କାରେ ଗୋଟିଏ ବୋତଲ ପାଣି ମିଳିଥାଏ । କାନାଡାରେ ମଧ ପାଣି ସମସ୍ୟା ସମାନ । କାନାଡାରେ ଗୋଟିଏ ବୋତଲ ପାଣି କିଣିବାକୁ ହେଲେ ଦେବାକୁ ପଡିଥାଏ ୧୩୮ ଟଙ୍କା । ଫିନଲ୍ୟାଣ୍ଡ କଥା କହିବାକୁ ଗଲେ ସେଠାରେ ଗୋଟିଏ ବୋତଲ ପାଣି ୧୩୭ ଟଙ୍କା ଏବଂ ଆୟରଲ୍ୟାଣ୍ଡରେ ପାଣି ବୋତଲର ଦାମ୍ ହେଉଛି ୧୩୫ ଟଙ୍କା । ପୁଏର୍ତୋ ରିକୋ ବିଷୟରେ କହିବାକୁ ଗଲେ ଏଠାରେ ୧.୫ ଲିଟର ପାଣି ପାଇଁ ଦେବାକୁ ପଡିଥାଏ ୧୩୨ଟଙ୍କା । ଏହାବ୍ୟତୀତ ସିଙ୍ଗାପୁରରେ ମଧ ପାଣି ଶସ୍ତା ନୁହେଁ । ଏଠାରେ ଗୋଟିଏ ବୋତଲ ପାଣିର ଦାମ୍ ହେଉଛି ୧୩୦ ଟଙ୍କା । ସବୁଠାରୁ ମହଙ୍ଗା ପାଣି ମିଳୁଥିବା ଦେଶ ଲିଷ୍ଟର ୧୦ମ ସ୍ଥାନରେ ରହିଛି ହଂକଂ । ଏଠାରେ ଗୋଟିଏ ପାଣି ବୋତଲ ପାଇଁ ଦେବାକୁ ପଡିବ ୧୨୯ ଟଙ୍କା ।



# ଚିନି ଖାଇବା କମାଇବେ କିପରି ?



ଅଧିକ ଚିନି ଖାଇଲେ ଟାଇପ୍-୨ ମଧୁମେହ, ହୃଦ୍‌ରୋଗ, ମେଦବହୁଳତା ଓ ନିର୍ଦ୍ଦିଷ୍ଟ ପ୍ରକାରର କର୍କଟ ପରି ରୋଗ ହେବାର ଆଶଙ୍କା ବଢ଼ିଥାଏ। ମିଠା ଲାଗୁଥିବା ଖାଦ୍ୟଗୁଡ଼ିକରେ ମଧ ବିଭିନ୍ନ ପ୍ରକାର ଭିଟାମିନ୍, ଖଣିଜ ଓ ତନ୍ତୁର ଅଭାବ ଥାଏ। ଅଧିକ ଚିନିମିଶ୍ରିତ ଖାଦ୍ୟ ଖାଇବା ଦ୍ୱାରା ଆମ ଖାଦ୍ୟସାରରେ ସନ୍ତୁଳନ ନ ରହି ନାନା ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୁଏ। ତେଣୁ ସେଭଳି ଖାଦ୍ୟର ପରିମାଣ କିପରି କମାଇହେବ, ସେ ସମ୍ପର୍କରେ ଆଲୋଚନା କରିବା।କୌଣସି କିଣା ଖାଦ୍ୟରେ କେତେ ପରିମାଣର ଚିନି ମିଶିଛି, ତାହା ଜାଣିବା ପାଇଁ ପ୍ୟାକେଟ୍ ଉପରେ ଦର୍ଶାଯାଇଥିବା ବିଭିନ୍ନ ଖାଦ୍ୟସାର ପରିମାଣ ବାବଦରେ ଜାଣନ୍ତୁ। ପ୍ୟାକେଟ୍ ଖାଦ୍ୟ ବା ପ୍ରକ୍ରିୟାକୃତ ଖାଦ୍ୟରେ ସାଧାରଣତଃ ଅଧିକ ପରିମାଣର ଚିନି ମିଶିଥାଏ। ତେଣୁ ପ୍ରକ୍ରିୟାକୃତ ଖାଦ୍ୟ ବଦଳରେ ଫଳମୂଳ, ପନିପରିବା ପରିପୂର୍ଣ୍ଣ ଖାଦ୍ୟ ଖାଇବା ଦରକାର।

ପରିଷ୍କୃତ ଧଳା ଚିନି ବଦଳରେ ମହୁ, ମ୍ୟାପଲ୍ ସିରପ୍ କି ଷ୍ଟିଭିଆ ପରି ପ୍ରାକୃତିକ ମଧୁକାରୀ ଗ୍ରହଣ କରିବା ଉଚିତ। ଭୋଜନରେ ଅଧିକ ପରିମାଣର ପୁଷ୍ଟିସାର ଓ ସ୍ୱାସ୍ଥ୍ୟପ୍ରଦ ସ୍ନେହସାର ସାମିଲ କଲେ ଚିନି ପ୍ରତି କ୍ଷୁଧା ଓ ଦୁର୍ବଳତା କମିଥାଏ।

ଶୋଷ ମେଣ୍ଟାଇବା ଲାଗି ସୋଡ଼ାପାଣି, ଶକ୍ତିବର୍ଦ୍ଧକ ପାନୀୟ ବା ଫଳରସ ପିଇବା ବଦଳରେ ପ୍ରଚୁର ପରିମାଣର ସାଦା ପାଣି ପିଇବା ଉଚିତ।

ସମୟ ଅଭାବରୁ ସୁବିଧାରେ ଉପଲବ୍ଧ ମିଠାଳିଆ ସ୍ନାକ୍ସ ଉପରେ ନିର୍ଭର ନକରି ଯଥେଷ୍ଟ ଆଗରୁ ଭୋଜନର ଯୋଜନା କରି ସ୍ୱାସ୍ଥ୍ୟପ୍ରଦ ଖାଦ୍ୟ ପ୍ରସ୍ତୁତ କରିବା ଶ୍ରେୟସ୍କର।

ପାଟିକୁ ଅରୁଚି ଲାଗୁଥିଲେ କୌଣସି ମିଠା କି ଚକୋଲେଟ୍ ଗ୍ରହଣ ନକରି ତଟକା ଫଳ ଗ୍ରହଣ କରନ୍ତୁ। ବିଭିନ୍ନ ଫଳରେ ପ୍ରାକୃତିକ ଶର୍କରା ସହ ପ୍ରଚୁର ତନ୍ତୁ ଓ ଅନ୍ୟାନ୍ୟ ପୋଷକ ରହିଛି ଯାହା ଆମ ସ୍ୱାସ୍ଥ୍ୟ ପାଇଁ ଉପକାରୀ।

ନିୟମିତ ବ୍ୟାୟାମ ମଧ ଚିନି ବା ଶର୍କରା ପ୍ରତି ଦୁର୍ବଳତା କମାଇଦେଇଥାଏ। ବ୍ୟାୟାମ ମଧ ଆମ ରକ୍ତଶର୍କରା ସ୍ତରକୁ ନିୟନ୍ତ୍ରଣ କରେ।

ଉପରୋକ୍ତ ବିଷୟଗୁଡ଼ିକ ପ୍ରତି ଧ୍ୟାନ ଦେଲେ ଆମେ ନିଜ ଖାଦ୍ୟରେ ଶର୍କରା ପରିମାଣକୁ ଯଥେଷ୍ଟ କମାଇପାରିବା ଏବଂ ବିଭିନ୍ନ ରୋଗର ଆଶଙ୍କାକୁ ମଧ ଦୂରେଇ ଦେଇପାରିବା।

# ବୟସ ବୃଦ୍ଧି ସହ ଏସବୁ ଦିଗ ପ୍ରତି ଧ୍ୟାନ ଦେଲେ ଆମେ ସୁସ୍ଥ ଜୀବନଯାପନ କରି ପାରିବା



ପୂର୍ବ ଅପେକ୍ଷା ଆଜିକାଲି ଲୋକେ ନିଜର ସ୍ୱ ?ାସ୍ଥ୍ୟପ୍ରତି ଯତ୍ନବାନ ହେଲେଣି। କିନ୍ତୁ ଏବେ ବି କିଛିଲୋକ ଅଛନ୍ତି ଯେଉଁମାନେ ନିଜର ସ୍ୱାସ୍ଥ୍ୟ ପ୍ରତି କଦାପି ଧ୍ୟାନ ଦିଅନ୍ତି ନାହିଁ। ଏମିତିକି ଯେତେବେଳେ ଯାହା ମିଳିଲା ଖାଇ ଦେଇଥାଆନ୍ତି ଶୋଇବାର ବି କିଛି ସମୟସୀମା ନଥାଏ। ଏମିତି ଅଭ୍ୟାସ ଥିବା ବ୍ୟକ୍ତିଙ୍କୁ ବୟସ ବଢ଼ିବା ସହିତ ବିଭିନ୍ନ ପ୍ରକାର ଶାରୀରିକ ସମସ୍ୟା ସହିତ ରୋଗମାଡ଼ି ବସିଥାଏ।

ତେବେ ଆସନ୍ତୁ ଜାଣିବା ବୟସ ବଢ଼ିବା ସହିତ ଆମକୁ କେଉଁ ସବୁ ଦିଗ ପ୍ରତି ଯତ୍ନବାନ ହେବାକୁ ପଡ଼ିବ।

ପ୍ରଥମତଃ ପ୍ରତି ଦୁଇମାସରେ ଆପଣ ମଧୁମେହ ପରୀକ୍ଷା କରାଇ ନିଅନ୍ତୁ। ସେହିପରି ଶରୀରରେ କୋଲେଷ୍ଟ୍ରଲସ୍ତର କେତେ ତାହା ବି ଜାଣି ରଖନ୍ତୁ। ଏତଦ ବ୍ୟତୀତ ମାସ ?ରେ ଥରେ ରକ୍ତଚାପ କେତେ ଅଛି। ଛଅମାସରେ ଥରେ କ୍ୟାନସର ସ୍କ୍ରିନିଂ ପରୀକ୍ଷା କରାଇ ନିଅନ୍ତୁ। କେବଳ ଏତିକି ନୁହେଁ କିଡନି ଓ ଲିଭର କେମିତି ଅଛି ତାହାବି ଡାକ୍ତରଙ୍କ ପରାମର୍ଶରେ ପରୀକ୍ଷା କରାନ୍ତୁ।

୩୦-୪୦ବର୍ଷ ଅତିକ୍ରମ କରିଗଲେ କେଉଁ ଖାଦ୍ୟ କେତେ ପରିମାଣରେ ଖାଇବାର ଅଛି ସେନେଇ ଡାକ୍ତରଙ୍କୁ ପରାମର୍ଶ କରନ୍ତୁ। ଏହାପରେ ଏହାର ଏକ ତାଲିକା ପ୍ରସ୍ତୁତ କରି ଦିଅନ୍ତୁ। ଏହି ତାଲିକା ଅନୁଯାୟୀ ଆପଣ ଖାଦ୍ୟ ଖାଇ ସୁସ୍ଥ ଜୀବନଯାପନ କରି ପାରିବେ। କାରଣ ସ୍ୱାସ୍ଥ୍ୟ ହିଁ ସମ୍ପଦ। ସ୍ୱାସ୍ଥ୍ୟ ଠିକ ଥିଲେ ମନ ଖୁସି ରହିବ। ମନ ଖୁସି ହେଲେ ପ୍ରତ୍ୟେକ କାମ କରିବାରେ ମନ ଲାଗିବ।

# କେଉଁ ଖାଦ୍ୟରୁ ମିଳିଥାଏ ଅଧିକ ପ୍ରୋଟିନ୍ : ଅଣ୍ଡା ନା ପନୀର



ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ତାଲିକାରେ ପ୍ରଥମେ ଆସିଥାଏ ଅଣ୍ଡା ଓ ପନୀର । କିନ୍ତୁ ପ୍ରାୟ ଲୋକ ପନୀର ଓ ଅଣ୍ଡାରେ ଥିବା ପ୍ରୋଟିନ୍ ପରିମାଣକୁ ନେଇ ଦ୍ୱନ୍ଦ୍ୱରେ ରହିଥାନ୍ତି । ପନୀର ନା ଅଣ୍ଡା କେଉଁଥିରୁ ଶରୀରକୁ ଅଧିକ ପ୍ରୋଟିନ୍ ମିଳିଥାଏ । ଆପଣଙ୍କ ଭିତରେ ଏମିତି ଦ୍ୱନ୍ଦ୍ୱ ରହିଛି କି ? ତେବେ ଚାଲନ୍ତୁ ଜାଣିବା କାହାରା କ୍ୟାଲୋରୀ କାଉଣ୍ଟ୍ କେତେ ? ସମସ୍ତଙ୍କ ଡାଏଟ୍‌ରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ୍ କରିବା ବହୁତ ଜରୁରି । କିନ୍ତୁ ଅନେକ ଲୋକ ଅଣ୍ଡା ଓ ପନୀରକୁ ନେଇ ଦ୍ୱନ୍ଦ୍ୱରେ ରହିଥାନ୍ତି । ଅଣ୍ଡା ତୁଳନାରେ ପନୀରରେ ଅଧିକ ଅପମିଶ୍ରଣର ଆଶଙ୍କା ରହିଥାଏ । ଶରୀରର ଉପଯୁକ୍ତ ବୃଦ୍ଧି ପାଇଁ ପର୍ଯ୍ୟାପ୍ତ ପରିମାଣର ପ୍ରୋଟିନ୍ ଆବଶ୍ୟକ।

ଅଣ୍ଡା- ଅଣ୍ଡା ପ୍ରୋଟିନ୍‌ରେ ଭରା । ଗୋଟିଏ ଅଣ୍ଡାରେ ୬ ଗ୍ରାମ୍ ପ୍ରୋଟିନ୍ ରହିଥାଏ । ଏହାବ୍ୟତୀତ ଶରୀରକୁ ଅନେକ ପ୍ରକାରର ଜରୁରି ଭିଟାମିନ୍ ମଧ ମିଳିଥାଏ । ଏଥିରେ ଫ୍ୟାଟ୍‌ର ମାତ୍ରା ଅଧିକ ରହିଥାଏ, ତେଣୁ ଶୀତ ଦିନେ ଅଧିକ ଅଣ୍ଡା ଖାଇବା ଲାଭଦାୟକ । ଏହାର ହଳଦିଆ ଅଂଶରେ ଅଧିକ ଭିଟାମିନ୍ସ ରହିଥାଏ । ଗୋଟିଏ ଅଣ୍ଡାରେ ୪ ଗ୍ରାମ୍‌ରୁ ଅଧିକ ଫ୍ୟାଟ୍, ଏକ ମି.ଲି.ଗ୍ରାମ୍ ଆଇରନ୍ ଓ ପ୍ରାୟ ୨୫ ମି.ଲି.ଗ୍ରାମ୍ କ୍ୟାଲସିୟମ୍ ରହିଥାଏ । ତେବେ ନିୟମିତ କେତୋଟି ଅଣ୍ଡା ଖାଇବା ଉଚିତ୍ ହେବ । ଏହା ବ୍ୟକ୍ତିର ବୟସ, ଓଜନ ଓ ଦୈନନ୍ଦିନ ରୁଟିନ୍ ଉପରେ ନିର୍ଭର କରିଥାଏ । ଏଥିପାଇଁ ନ୍ୟୁଟ୍ରିସିଆନ୍‌ଙ୍କ ମତ ନେବା ଉଚିତ୍ ।

ପନୀର- ୪୦ ଗ୍ରାମ୍ ପନୀରରେ ପ୍ରାୟ ୭ ଗ୍ରାମ୍ ପ୍ରୋଟିନ୍, ୧୯୦ ମି.ଲି. ଗ୍ରାମ୍ କ୍ୟାଲସିୟମ୍ ୫ ଗ୍ରାମ୍ କାର୍ବୋହାଇଡ୍ରେଟ୍ସ ଏବଂ ଫ୍ୟାଟ୍‌ର ମାତ୍ରା ରହିଥାଏ । ଏହାର ଭିନ୍ନ ଭିନ୍ନ ଆଇଟମ୍ କରି ଖାଇପାରିବେ । ବିଶେଷକରି ନିରାମିଷାଶୀମାନଙ୍କର ଏହା ପ୍ରଥମ ପସନ୍ଦ । ଅଣ୍ଡାର ପୋଷକ ତତ୍ତ୍ୱକୁ ପିସ୍ ହିସାବ କରାଯାଉଥିବା ବେଳେ ପନୀରର ଗ୍ରାମ୍‌ରେ କରାଯାଇଥାଏ । ଅଣ୍ଡା ତୁଳନାରେ ପନୀର ସାମାନ୍ୟ ଦାମୀ ।

ଅଣ୍ଡା ନା ପନୀର : ଉଭୟ ଅଣ୍ଡା ଓ ପନୀର ସ୍ୱାସ୍ଥ୍ୟ ପାଇଁ ଲାଭପ୍ରଦ । ଯଦି କେହି ଅଣ୍ଡା ଖାଉ ନଥାନ୍ତି, ତେବେ ପନୀର ଖାଇବା ଦ୍ୱାରା ସେହି ପୋଷକ ତତ୍ତ୍ୱ ମିଳିପାରିବ । କିନ୍ତୁ ପନୀରରେ ଅପମିଶ୍ରଣର ଆଶଙ୍କା ଅଧିକ ରହିଥାଏ । ତେଣୁ ଯଦି ସମ୍ଭବ ନିଜେ ପନୀର ତିଆରି କରିବା ଉଚିତ୍ ହେବ ।

# ଏକମାସ ପର୍ଯ୍ୟନ୍ତ ଆଳୁ ନ ଖାଆନ୍ତି, ତେବେ କ'ଣ ହେବ ? ଆସନ୍ତୁ ଜାଣିବା...



ପରିବାର ରାଜା ଆଳୁ । ଅଧିକାଂଶ ପନିପରିବା ସହିତ ମିଶାଇ ଆଳୁକୁ ରୋଷେଇ କରାଯାଏ । ସବୁ ଭାରତୀୟଙ୍କ ପ୍ରିୟ ଖାଦ୍ୟ ଆଳୁ । ପ୍ରତିଘରେ ଏହାକୁ ପ୍ରଚୁର ପରିମାଣରେ ଖିଆଯାଏ । କିନ୍ତୁ ଯଦି ଏକମାସ ପର୍ଯ୍ୟନ୍ତ ଆଳୁ ନ ଖାଆନ୍ତି, ତେବେ କ'ଣ ହେବ ? ଆସନ୍ତୁ ଜାଣିବା...

ମାସକ ପାଇଁ ଯଦି ଆଳୁ ଖାଇବା ଛାଡି ଦିଅନ୍ତି ତେବେ ଓଜନ ନିୟନ୍ତ୍ରଣ ହୋଇପାରିବ । କାରଣ ଅଧିକାଂଶ ଆଳୁ ତେଲରେ ରନ୍ଧା ଯାଇଥାଏ ଏବଂ ଏହି କାରଣରୁ କ୍ୟାଲୋରୀ ବଢିଯାଇଥାଏ । କିଛି ଲୋକ ଆଳୁ ଖାଇବା ପରେ ପେଟରେ ଗ୍ୟାସ୍ ଏବଂ ଏସିଡିଟି ପରି ସମସ୍ୟା ଦେଖାଯାଇଥାଏ । ଯଦି ଏସିଡିଟି ସମସ୍ୟା ରହିଛି ତେବେ ଆଳୁ ଖାଆନ୍ତୁନି । ଆଳୁ ଖାଇବା ବନ୍ଦ କରିବା ଫଳରେ ହାଇ ବ୍ଲଡ୍ ସୁଗର କଣ୍ଟ୍ରୋଲ୍ କରିହେବ । ଏଥିପାଇଁ ମଧୁମେହ ରୋଗୀଙ୍କୁ ଆଳୁ ନ ଖାଇବାକୁ ପରାମର୍ଶ ଦିଆଯାଇଥାଏ । ଯଦି ସଂପୂର୍ଣ୍ଣ ଭାବେ ଆଳୁ ନଖାଆନ୍ତି, ତେବେ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ହୋଇପାରେ । ତେବେ ଆଳୁ ବଦଳରେ ଆପଣ ଅନ୍ୟ ଖାଦ୍ୟ ଖାଇପାରିବେ । ଆଳୁ ମଧ ପୁଷ୍ଟିକର ଖାଦ୍ୟରେ ଭରପୂର । କିନ୍ତୁ ଏହାକୁ ସୀମିତ ପରିମାଣରେ ଏବଂ ଅଳ୍ପ ତେଲରେ ଖାଇବା ଉଚିତ୍ ।



# ରାଜନୈତିକ ଚାନ୍ଦା ନା ମନି ଲଣ୍ଡରିଂ ?

ଗଣତନ୍ତ୍ରର ମୂଳଦୁଆ ହେଉଛି ସ୍ୱଚ୍ଛତା ଏବଂ ନିରପେକ୍ଷତା, କିନ୍ତୁ ଭାରତୀୟ ରାଜନୀତିରେ ନିର୍ବାଚନୀ ପାଣ୍ଠି ବା ରାଜନୈତିକ ଚାନ୍ଦା ସର୍ବଦା ଏକ ରହସ୍ୟମୟ ଏବଂ ବିବାଦୀୟ ପ୍ରସଙ୍ଗ ହୋଇ ରହିଆସିଛି । ସାଧାରଣତଃ ନିର୍ବାଚନ ସମୟରେ ବଡ଼ ବଡ଼ ରାଜନୈତିକ ଦଳଗୁଡ଼ିକ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାର ଦୃଶ୍ୟ ଆମେ ଦେଖିବାକୁ ପାଉ, ଯାହାକି ସେମାନଙ୍କର ବ୍ୟାପକ ଜନସମର୍ଥନ ଏବଂ ସାଂଗଠନିକ ଦକ୍ଷତାକୁ ପ୍ରମାଣିତ କରିଥାଏ । ତେବେ ସାମ୍ପ୍ରତିକ ସମୟରେ ଗୁଜରାଟର ଛଅଟି ପଞ୍ଜୀକୃତ କିନ୍ତୁ ଅସ୍ୱୀକୃତ ରାଜନୈତିକ ଦଳ (ଆରୟୁପିପି)କୁ ନେଇ ଯେଉଁ ତଥ୍ୟ ପଦାକୁ ଆସିଛି, ତାହା କେବଳ ଆଶ୍ଚର୍ଯ୍ୟଜନକ ନୁହେଁ ବରଂ ଭାରତୀୟ ନିର୍ବାଚନ ବ୍ୟବସ୍ଥାରେ ଥିବା ଏକ ବଡ଼ ଧରଣର ତ୍ରୁଟିକୁ ପଦାରେ ପକାଇଛି । ବିବିସି ହିନ୍ଦୀ ଏବଂ ଦୈନିକ ଭାସ୍କର ଭଳି ଗଣମାଧ୍ୟମର ଅନୁସନ୍ଧାନ ତଥା ଆସୋସିଏସନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମସ୍ (ଏଡିଆର)ର ରିପୋର୍ଟ ଅନୁଯାୟୀ, ଗୁଜରାଟ ଭିତ୍ତିକ ଏହି ଛଅଟି ଅସ୍ୱୀକୃତ ଦଳ ୨୦୨୨-୨୩ ଏବଂ ୨୦୨୩-୨୪ ଆର୍ଥିକ ବର୍ଷରେ ପ୍ରାୟ ୧୫୦୦ ରୁ ୧୭୦୦ କୋଟି ଟଙ୍କାର ବିପୁଳ ଚାନ୍ଦା ସଂଗ୍ରହ କରିଛନ୍ତି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ଏତେ ବଡ଼ ପରିମାଣର ପାଣ୍ଠି ସଂଗ୍ରହ କରିଥିବା ସତ୍ତ୍ୱେ ଏହି ଦଳଗୁଡ଼ିକ ୨୦୨୪ ଲୋକସଭା ନିର୍ବାଚନରେ ସମ୍ମିଳିତ ଭାବେ ମାତ୍ର ୧୫ ଜଣ ପ୍ରାର୍ଥୀଙ୍କୁ ନିର୍ବାଚନ ମଇଦାନକୁ ଓହ୍ଲାଇଥିଲେ । ଏହି ଘଟଣାଟି ରାଜନୈତିକ ପାଣ୍ଠି ସଂଗ୍ରହ ନାମରେ କିପରି କଳାଧନକୁ ଧଳା କରାଯାଉଛି ଏବଂ ଟିକସ ଫାଙ୍କିବା ପାଇଁ ରାଜନୈତିକ ଦଳଗୁଡ଼ିକୁ ଏକ ମାଧ୍ୟମ ଭାବରେ ବ୍ୟବହାର କରାଯାଉଛି, ତାହାର ଏକ ଜ୍ୱଳନ୍ତ ଉଦାହରଣ ସାଜିଛି ।

ଏହି ପ୍ରସଙ୍ଗର ଗଭୀରତାକୁ ବୁଝିବା ପାଇଁ ଆମକୁ କିଛି ତୁଳନାତ୍ମକ ତଥ୍ୟ ଉପରେ ନଜର ପକାଇବାକୁ ପଡ଼ିବ । ୨୦୨୩-୨୪ ଆର୍ଥିକ ବର୍ଷରେ ଦେଶର ପାଞ୍ଚଟି ପ୍ରମୁଖ ଜାତୀୟ ଦଳ ଯଥା ଭାରତୀୟ ଜାତୀୟ କଂଗ୍ରେସ, ଆମ ଆଦମୀ ପାର୍ଟି, ବହୁଜନ ସମାଜ ପାର୍ଟି, ସିପିଆଇ (ଏମ) ଏବଂ ନ୍ୟାସନାଲ ପିପୁଲ୍ସ ପାର୍ଟି ସମ୍ମିଳିତ ଭାବରେ ପ୍ରାୟ ୧୪୮୦ କୋଟି ଟଙ୍କାର ଚାନ୍ଦା ପାଇଥିଲେ । ଏହି ପାଞ୍ଚଟି ଜାତୀୟ ଦଳ ୨୦୨୪ ସାଧାରଣ ନିର୍ବାଚନରେ ସମୁଦାୟ ୮୯୩ ଜଣ ପ୍ରାର୍ଥୀ ଦେଇଥିଲେ । ଅନ୍ୟପକ୍ଷରେ, ଗୁଜରାଟର ଏହି ଛଅଟି ଅଖ୍ୟାତ ଦଳ- ଆମ୍ ଜନମତ ପାର୍ଟି, ଭାରତୀୟ ନ୍ୟାସନାଲ ଜନତା ଦଳ, ଗରିବ କଲ୍ୟାଣ ପାର୍ଟି, ନ୍ୟୁ ଇଣ୍ଡିଆ ୟୁନାଇଟେଡ୍ ପାର୍ଟି, ସତ୍ୟବାଦୀ ରକ୍ଷକ ପାର୍ଟି ଏବଂ ସ୍ୱତନ୍ତ୍ରତା ଅଭିବ୍ୟକ୍ତି ପାର୍ଟି ମିଳିତ ଭାବେ ୧୭୦୦ କୋଟି ଟଙ୍କା ପାଇଥିଲେ ଏବଂ ମାତ୍ର ୧୫ ଜଣ ପ୍ରାର୍ଥୀ ଦେଇଥିଲେ । କେବଳ ଆମ୍ ଜନମତ ପାର୍ଟି ଏକାକୀ ୬୨୦ କୋଟି ଟଙ୍କାର ଚାନ୍ଦା ପାଇଥିଲା, ଯାହାକି ଦେଶର ସର୍ବପୁରାତନ ଦଳ କଂଗ୍ରେସ ପାଇଥିବା ୨୮୧ କୋଟି ଟଙ୍କାର ଦୁଇଗୁଣରୁ ମଧ୍ୟ ଅଧିକ । ସେହିପରି ସତ୍ୟବାଦୀ ରକ୍ଷକ ପାର୍ଟି ୩୩୦ କୋଟି, ନ୍ୟୁ ଇଣ୍ଡିଆ ୟୁନାଇଟେଡ୍ ପାର୍ଟି ୨୦୦ କୋଟି ଏବଂ ଗରିବ କଲ୍ୟାଣ ପାର୍ଟି ୧୩୮ କୋଟି ଟଙ୍କାର ଚାନ୍ଦା ହାସଲ କରିଥିଲେ । ଏହି ପରିସଂଖ୍ୟାନ ସ୍ପଷ୍ଟ ଭାବରେ ସୂଚାଉଛି ଯେ ଏହି ଦଳଗୁଡ଼ିକର ମୂଳ ଉଦ୍ଦେଶ୍ୟ ନିର୍ବାଚନ ଲଢ଼ିବା କିମ୍ବା ଜନସେବା କରିବା ନୁହେଁ, ବରଂ ଆର୍ଥିକ ହେରଫେର ପାଇଁ ଏକ ସୁରକ୍ଷିତ ଆଶ୍ରୟସ୍ଥଳୀ ସୃଷ୍ଟି କରିବା । ନିର୍ବାଚନୀ ପ୍ରଦର୍ଶନ ଏବଂ ଆର୍ଥିକ କାରବାର ମଧ୍ୟରେ ଥିବା ଏହି ଆକାଶ ପାତାଳ ପ୍ରଭେଦ ଭାରତୀୟ ନିର୍ବାଚନ ଆୟୋଗଙ୍କ କାର୍ଯ୍ୟଶୈଳୀ ଉପରେ ମଧ୍ୟ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରୁଛି ।

ଏହି ଦଳଗୁଡ଼ିକର କାର୍ଯ୍ୟକଳାପ ଉପରେ ଅଧିକ ଅନୁସନ୍ଧାନ କଲେ ଆହୁରି ଅନେକ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସେ । ଉଦାହରଣ ସ୍ୱରୂପ, ନ୍ୟୁ ଇଣ୍ଡିଆ ୟୁନାଇଟେଡ୍ ପାର୍ଟି ନାମକ ଏକ ଦଳ ୨୦୨୪ ଲୋକସଭା ନିର୍ବାଚନରେ ଗୁଜରାଟରୁ ମାତ୍ର ତିନୋଟି ଆସନରେ ପ୍ରାର୍ଥୀ ଦେଇଥିଲା ଏବଂ ସମୁଦାୟ ମାତ୍ର ୮,୫୪୨ ଖଣ୍ଡ ଭୋଟ୍ ପାଇଥିଲା । କିନ୍ତୁ ନିର୍ବାଚନ ଆୟୋଗଙ୍କ ନିକଟରେ ଦାଖଲ କରାଯାଇଥିବା ହିସାବ ଅନୁଯାୟୀ, ଏହି ଦଳ ପ୍ରାୟ ୨୯୦ କୋଟି ଟଙ୍କାର ଚାନ୍ଦା ପାଇଥିଲା । ଏହି ଦଳ ନିଜର ଖର୍ଚ୍ଚ ହିସାବରେ ଦର୍ଶାଇଛି ଯେ ସେମାନେ ଡାକବାଜି ଯନ୍ତ୍ର ଏବଂ ମାଇକ୍ରୋଫୋନ୍ ବାବଦରେ ୨୦.୭୦ କୋଟି, ପାମ୍ପଲେଟ୍ ଏବଂ ବ୍ୟାନର ବାବଦରେ ୨୬.୩୩ କୋଟି, ପତାକା ବାବଦରେ ୨୦.୯୯ କୋଟି ଏବଂ ନିର୍ବାଚନୀ ପ୍ରଚାର ବାବଦରେ ୯୨.୭୭ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି । ଏହା ସହିତ ରାଲି ଏବଂ ଖାଦ୍ୟପେୟ ପାଇଁ ୭୫.୯୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ଦର୍ଶାଯାଇଛି । ମାତ୍ର ତିନୋଟି ଆସନରେ ଲଢ଼ି ଆଠ ହଜାରରୁ କିଛି ଅଧିକ ଭୋଟ୍ ପାଇଥିବା ଗୋଟିଏ ଦଳ ପ୍ରଚାରରେ ଏତେ କୋଟି ଟଙ୍କା ଖର୍ଚ୍ଚ କରିବା କଥାଟି ସାଧାରଣ ଲୋକଙ୍କର ବିଶ୍ୱାସଯୋଗ୍ୟ ନୁହେଁ । ଏହା ସ୍ପଷ୍ଟ କରୁଛି ଯେ କାଗଜପତ୍ରରେ ଜାଲ୍ ଖର୍ଚ୍ଚ ଦର୍ଶାଇ କଳାଧନକୁ ଠିକଣା ଲଗାଇବାର ଏକ ସୁଚିନ୍ତିତ ଷଡ଼ଯନ୍ତ୍ର ରଚନା କରାଯାଇଛି । ଦୈନିକ ଭାସ୍କରର ଏକ ପୂର୍ବ ରିପୋର୍ଟ ଅନୁଯାୟୀ, ଗୁଜରାଟର ଏଭଳି ୧୦ଟି ଅନାମଧେୟ ଦଳ ୨୦୧୯ ରୁ ୨୦୨୪ ମଧ୍ୟରେ ପ୍ରାୟ ୪୩୦୦ କୋଟି ଟଙ୍କାର ପାଣ୍ଠି ସଂଗ୍ରହ କରିଥିଲେ, କିନ୍ତୁ ସେମାନଙ୍କର ୪୩ ଜଣ ପ୍ରାର୍ଥୀ ମିଳିତ ଭାବେ ମାତ୍ର ୫୪,୦୬୯ ଭୋଟ୍ ପାଇବାକୁ ସକ୍ଷମ ହୋଇଥିଲେ । ଏହି ତଥ୍ୟଗୁଡ଼ିକ ପ୍ରମାଣ କରୁଛି ଯେ ରାଜନୈତିକ ଦଳଗୁଡ଼ିକ ଏବେ ମନି ଲଣ୍ଡରିଂର ସବୁଠାରୁ ବଡ଼ ମାଧ୍ୟମ ପାଲଟିଛନ୍ତି ।

ଏହି ପୂରା ଦୁର୍ନୀତିର ଚେର ଆମର ଆୟକର ଆଇନ ଏବଂ ରାଜନୈତିକ ପାଣ୍ଠି ସମ୍ବନ୍ଧୀୟ ନିୟମାବଳୀର ଦୁର୍ବଳତା ମଧ୍ୟରେ ଲୁଚି ରହିଛି । ଭାରତୀୟ ଆୟକର ଆଇନର ଧାରା ୮୦ଜିଜିସି ଏବଂ ୮୦ଜିଜିବି ଅନୁଯାୟୀ, କୌଣସି ବ୍ୟକ୍ତି କିମ୍ବା କମ୍ପାନୀ ଯଦି କୌଣସି ପଞ୍ଜୀକୃତ ରାଜନୈତିକ ଦଳକୁ ଚାନ୍ଦା ଦିଅନ୍ତି, ତେବେ ସେମାନଙ୍କୁ ଶତପ୍ରତିଶତ ଟିକସ ଛାଡ଼ ମିଳିଥାଏ । ଏହି ନିୟମର ଫାଇଦା ଉଠାଇ ଏକ ବଡ଼ ଧରଣର ସ୍କାମ୍ ଚାଲିଛି । ଚାର୍ଟାର୍ଡ ଆକାଉଣ୍ଟାଣ୍ଟମାନଙ୍କ ମତରେ, କିଛି ଧନୀ ବ୍ୟକ୍ତି କିମ୍ବା କମ୍ପାନୀ ନିଜର ଆୟକର ବଞ୍ଚାଇବା ପାଇଁ ଏହିଭଳି ଅସ୍ୱୀକୃତ ରାଜନୈତିକ ଦଳଗୁଡ଼ିକୁ ଚେକ୍ କିମ୍ବା ବ୍ୟାଙ୍କ ଟ୍ରାନ୍ସଫର ମାଧ୍ୟମରେ କୋଟି କୋଟି ଟଙ୍କାର ଚାନ୍ଦା ଦେଇଥାନ୍ତି । ଏହା ବଦଳରେ ସେମାନଙ୍କୁ ଟିକସ ଛାଡ଼ ପାଇଁ ରସିଦ ମିଳିଯାଏ । ପରବର୍ତ୍ତୀ ସମୟରେ, ସେହି ରାଜନୈତିକ ଦଳଗୁଡ଼ିକ ଏକ ନିର୍ଦ୍ଦିଷ୍ଟ କମିଶନ ବା ସର୍ଭିସ୍ ଚାର୍ଜ ରଖି ବାକି ସମସ୍ତ ଟଙ୍କା ନଗଦ ଆକାରରେ ସେହି ଦାତାମାନଙ୍କୁ ଫେରାଇ ଦିଅନ୍ତି । ଏହି ପ୍ରକ୍ରିୟାରେ ଦାତାମାନେ ନିଜର ଟିକସ ବଞ୍ଚାଇବାରେ ସଫଳ ହୁଅନ୍ତି ଏବଂ ରାଜନୈତିକ ଦଳର କର୍ମକର୍ତ୍ତାମାନେ ବିନା ପରିଶ୍ରମରେ କୋଟି କୋଟି ଟଙ୍କାର କମିଶନ ପାଇଯାଆନ୍ତି । ଆସୋସିଏସନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମସ୍ ଦ୍ୱାରା ଜୁଲାଇ ୨୦୨୫ ରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ୨୦୨୨-୨୩ ଆର୍ଥିକ ବର୍ଷରେ ଭାରତରେ ଥିବା ପଞ୍ଜୀକୃତ ଅସ୍ୱୀକୃତ ରାଜନୈତିକ ଦଳଗୁଡ଼ିକର ଘୋଷିତ ଆୟରେ ୨୨୩ ପ୍ରତିଶତ ବୃଦ୍ଧି ଘଟିଛି । ଦେଶରେ ଥିବା ସମୁଦାୟ ୨୭୬୪ ଟି ଏଭଳି ଦଳ ମଧ୍ୟରୁ ୭୩ ପ୍ରତିଶତରୁ ଅଧିକ ଅର୍ଥାତ୍ ପ୍ରାୟ ୨୦୨୫ ଟି ଦଳ ନିଜର ଆର୍ଥିକ କାରବାରର ହିସାବ ନିର୍ବାଚନ ଆୟୋଗଙ୍କୁ ପ୍ରଦାନ କରିନାହାନ୍ତି । ଏହା ସ୍ପଷ୍ଟ କରୁଛି ଯେ ଏହି ଦଳଗୁଡ଼ିକ କେବଳ କାଗଜପତ୍ରରେ ସୀମିତ ଏବଂ ଏମାନଙ୍କର ଏକମାତ୍ର ଲକ୍ଷ୍ୟ ହେଉଛି ଆର୍ଥିକ ହେରଫେର କରିବା ।

ଏହି ଦଳଗୁଡ଼ିକର ବାସ୍ତବ ସ୍ଥିତି ଅନୁଧ୍ୟାନ କଲେ ଆହୁରି ନିରାଶ ହେବାକୁ ପଡ଼େ । ଗଣମାଧ୍ୟମର ଅନୁସନ୍ଧାନରୁ ଜଣାପଡ଼ିଛି ଯେ ଏହି ଛଅଟି ଗୁଜରାଟ ଭିତ୍ତିକ ଦଳ ମଧ୍ୟରୁ ପାଞ୍ଚଟିର ମୁଖ୍ୟ କାର୍ଯ୍ୟାଳୟ ଅହମ୍ମଦାବାଦରେ ଏବଂ ଗୋଟିଏର କାର୍ଯ୍ୟାଳୟ ଆଣନ୍ଦରେ ରହିଛି । ଅହମ୍ମଦାବାଦର ନରୋଦା ଅଞ୍ଚଳରେ ହିଁ ଚାରୋଟି ଦଳର ଠିକଣା ରହିଛି । ଯେତେବେଳେ ଅନୁସନ୍ଧାନକାରୀ ଦଳ ଏହି ଠିକଣାଗୁଡ଼ିକରେ ପହଞ୍ଚିଲେ, ସେତେବେଳେ ସେଠାରେ କୌଣସି ରାଜନୈତିକ କାର୍ଯ୍ୟାଳୟ ପରିବର୍ତ୍ତେ ବନ୍ଦ ଥିବା ଦୋକାନ ଘର କିମ୍ବା ସାଧାରଣ ଆବାସିକ ଫ୍ଲାଟ୍ ଦେଖିବାକୁ ମିଳିଥିଲା । ସେଠାରେ କୌଣସି ରାଜନୈତିକ ଗତିବିଧିର ନାମଗନ୍ଧ ସୁଦ୍ଧା ନଥିଲା । ୩୩୦ କୋଟି ଟଙ୍କାର ଚାନ୍ଦା ପାଇଥିବା ସତ୍ୟବାଦୀ ରକ୍ଷକ ପାର୍ଟିର ସଭାନେତ୍ରୀ ସ୍ୱାତୀ ବେନ୍ ଆଣନ୍ଦ ସହରର ଏକ ଆବାସିକ କମ୍ପ୍ଲେକ୍ସରେ ରହୁଥିବା ବେଳେ, ସେ ଗଣମାଧ୍ୟମକୁ କହିଥିଲେ ଯେ ତାଙ୍କ ଦଳ ପାଇଥିବା ସମସ୍ତ ଅର୍ଥ ଦାତବ୍ୟ କାର୍ଯ୍ୟରେ ଖର୍ଚ୍ଚ କରାଯାଇଛି । କିନ୍ତୁ ଆଶ୍ଚର୍ଯ୍ୟର କଥା ହେଉଛି, ଏହି ବିପୁଳ ଖର୍ଚ୍ଚର କୌଣସି ଲିଖିତ ହିସାବ କିମ୍ବା ପ୍ରମାଣ ତାଙ୍କ ପାଖରେ ନଥିଲା । ଏହା ପ୍ରମାଣ କରୁଛି ଯେ ନିର୍ବାଚନ ଆୟୋଗ ଏବଂ ଆୟକର ବିଭାଗର ଆଖିରେ ଧୂଳି ଦେଇ ଖୁଲମ୍ ଖୁଲା ଭାବରେ ଦୁର୍ନୀତିର ଖେଳ ଚାଲିଛି । ଯଦିଓ ନିର୍ବାଚନ ଆୟୋଗ ନିୟମିତ ଭାବରେ ନିର୍ବାଚନ ନଲଢୁଥିବା ଦଳଗୁଡ଼ିକର ପଞ୍ଜୀକରଣ ରଦ୍ଦ କରୁଛନ୍ତି ଏବଂ ପୂର୍ବରୁ ପ୍ରାୟ ୮୦୦ ଦଳର ପଞ୍ଜୀକରଣ ରଦ୍ଦ କରାଯାଇଛି, ତଥାପି ଏହି ଛଅଟି ଦଳ ମାତ୍ର କିଛି ପ୍ରାର୍ଥୀଙ୍କୁ ଠିଆ କରାଇ ନିଜର ପଞ୍ଜୀକରଣ ବଜାୟ ରଖିବାରେ ସଫଳ ହୋଇଛନ୍ତି । ଏହା ଏକ ଆଇନଗତ ତ୍ରୁଟି ଯାହାର ସୁଯୋଗ ନେଇ ଏହି ମାଫିଆମାନେ ସକ୍ରିୟ ରହିଛନ୍ତି ।

ଏହି ସମଗ୍ର ଘଟଣାକ୍ରମରେ ନିର୍ବାଚନ ଆୟୋଗଙ୍କ ଭୂମିକାକୁ ନେଇ ମଧ୍ୟ ଅନେକ ପ୍ରଶ୍ନ ଉଠୁଛି । ନିର୍ବାଚନ ଆୟୋଗଙ୍କ ନିୟମ ଅନୁଯାୟୀ ପ୍ରତ୍ୟେକ ପଞ୍ଜୀକୃତ ଦଳ ନିଜର ବାର୍ଷିକ ଆୟବ୍ୟୟର ହିସାବ ଏବଂ କୋଡ଼ିଏ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ଚାନ୍ଦା ଦେଇଥିବା ବ୍ୟକ୍ତିବିଶେଷଙ୍କ ତାଲିକା ଦାଖଲ କରିବା ବାଧ୍ୟତାମୂଳକ ଅଟେ । ତେବେ ବାସ୍ତବରେ ଅଧିକାଂଶ ଅସ୍ୱୀକୃତ ଦଳ ଏହି ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରୁଛନ୍ତି । ଯେତେବେଳେ ଗୋଟିଏ ଦଳ ମାତ୍ର କିଛି ହଜାର ଭୋଟ୍ ପାଇ ଶହ ଶହ କୋଟି ଟଙ୍କାର ଖର୍ଚ୍ଚ ଦର୍ଶାଉଛି, ସେତେବେଳେ ଆୟୋଗଙ୍କ ତରଫରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା କଥା । କିନ୍ତୁ ଦୁଃଖର ବିଷୟ, ଆମର ଆଇନଗତ ବ୍ୟବସ୍ଥା ଏତେ ଜଟିଳ ଏବଂ ଦୁର୍ବଳ ଯେ ଏହିଭଳି କାଗଜପତ୍ରରେ ଚାଲୁଥିବା ଦଳଗୁଡ଼ିକ ବିରୋଧରେ କୌଣସି ଦୃଢ଼ ପଦକ୍ଷେପ ନିଆଯାଇପାରୁନାହିଁ । ଏହା କେବଳ ପ୍ରଶାସନିକ ବିଫଳତା ନୁହେଁ, ବରଂ ଏହା ରାଜନୈତିକ ଇଚ୍ଛାଶକ୍ତିର ଅଭାବକୁ ମଧ୍ୟ ସୂଚାଉଛି । କାରଣ ବଡ଼ ବଡ଼ ରାଜନୈତିକ ଦଳଗୁଡ଼ିକ ମଧ୍ୟ ନିଜର ସ୍ୱାର୍ଥ ପାଇଁ ଏହି ତ୍ରୁଟିପୂର୍ଣ୍ଣ ବ୍ୟବସ୍ଥାକୁ ବଞ୍ଚାଇ ରଖିବାକୁ ଚାହାଁନ୍ତି । ଏହି ଅସ୍ୱୀକୃତ ଦଳଗୁଡ଼ିକ ଅନେକ ସମୟରେ ବଡ଼ ଦଳଗୁଡ଼ିକର ବି-ଟିମ୍ ଭାବରେ କାର୍ଯ୍ୟ କରିଥାନ୍ତି ଏବଂ ଭୋଟ୍ କାଟିବା କିମ୍ବା କଳାଧନକୁ ସୁରକ୍ଷିତ ଭାବରେ ସ୍ଥାନାନ୍ତର କରିବାରେ ସାହାଯ୍ୟ କରିଥାନ୍ତି । ତେଣୁ ଏହି ସମସ୍ୟାର ମୂଳୋତ୍ପାଟନ ପାଇଁ କେବଳ ଆଇନଗତ ପରିବର୍ତ୍ତନ ଯଥେଷ୍ଟ ନୁହେଁ, ବରଂ ଏକ ବ୍ୟାପକ ସାମାଜିକ ଏବଂ ରାଜନୈତିକ ଆନ୍ଦୋଳନର ଆବଶ୍ୟକତା ରହିଛି ।

ଏହି ଘଟଣା ଭାରତୀୟ ଗଣତନ୍ତ୍ରର ଭବିଷ୍ୟତ ପାଇଁ ଏକ ବଡ଼ ବିପଦ ସୃଷ୍ଟି କରିଛି । ସୁପ୍ରିମକୋର୍ଟ ନିକଟରେ ଇଲେକ୍ଟୋରାଲ୍ ବଣ୍ଡ୍ ବ୍ୟବସ୍ଥାକୁ ଅସାମ୍ବିଧାନିକ ଦର୍ଶାଇ ରଦ୍ଦ କରିଦେଇଥିଲେ, ଯାହାର ମୂଳ ଉଦ୍ଦେଶ୍ୟ ଥିଲା ରାଜନୈତିକ ପାଣ୍ଠିରେ ସ୍ୱଚ୍ଛତା ଆଣିବା । କିନ୍ତୁ ଗୁଜରାଟର ଏହି ଅସ୍ୱୀକୃତ ଦଳଗୁଡ଼ିକର ଉଦାହରଣ ପ୍ରମାଣ କରୁଛି ଯେ ଦୁର୍ନୀତିଗ୍ରସ୍ତ ଲୋକମାନେ କଳାଧନ କାରବାର ପାଇଁ ନୂଆ ନୂଆ ବାଟ ଖୋଜି ବାହାର କରୁଛନ୍ତି । ଯେତେବେଳେ କୋଟି କୋଟି ଟଙ୍କାର ଅବୈଧ ପାଣ୍ଠି ରାଜନୈତିକ ବ୍ୟବସ୍ଥା ଭିତରକୁ ପ୍ରବେଶ କରେ, ସେତେବେଳେ ନିର୍ବାଚନ ପ୍ରକ୍ରିୟା ତାର ନିରପେକ୍ଷତା ହରାଇବସେ । ଏହାଦ୍ୱାରା ସାଧାରଣ ଏବଂ ସଚ୍ଚୋଟ ପ୍ରାର୍ଥୀମାନେ ନିର୍ବାଚନ ଲଢ଼ିବା ଅସମ୍ଭବ ହୋଇପଡ଼େ ଏବଂ ଧନବଳ ତଥା ବାହୁବଳର ପ୍ରାଦୁର୍ଭାବ ବୃଦ୍ଧି ପାଏ । ରାଜନୈତିକ ଦଳଗୁଡ଼ିକୁ ସୂଚନା ଅଧିକାର ଆଇନ ବା ଆରଟିଆଇ ପରିସରଭୁକ୍ତ ନକରିବା ମଧ୍ୟ ଏହି ସମସ୍ୟାକୁ ଅଧିକ ଜଟିଳ କରିଦେଇଛି । ସାଧାରଣ ନାଗରିକମାନେ ଜାଣିପାରୁନାହାନ୍ତି ଯେ ଏହି ଦଳଗୁଡ଼ିକୁ କିଏ ଚାନ୍ଦା ଦେଉଛି ଏବଂ ସେହି ଟଙ୍କା କେଉଁଠି ଖର୍ଚ୍ଚ ହେଉଛି । ଏହା କେବଳ ଏକ ଆର୍ଥିକ ଅପରାଧ ନୁହେଁ, ବରଂ ଏହା ଦେଶର ଗଣତାନ୍ତ୍ରିକ ଢାଞ୍ଚା ଉପରେ ଏକ ପ୍ରତ୍ୟକ୍ଷ ଆକ୍ରମଣ ।

ଏହି ସମସ୍ୟାର ସମାଧାନ ପାଇଁ ତୁରନ୍ତ କଠୋର ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି । ପ୍ରଥମତଃ, ନିର୍ବାଚନ ଆୟୋଗ ଏବଂ ଆୟକର ବିଭାଗ ମିଳିତ ଭାବରେ ଏହି ସମସ୍ତ ଅସ୍ୱୀକୃତ ଦଳଗୁଡ଼ିକର ଆର୍ଥିକ କାରବାରର ଏକ ଉଚ୍ଚସ୍ତରୀୟ ତଦନ୍ତ କରିବା ଉଚିତ୍ । ଯେଉଁ ଦଳଗୁଡ଼ିକର ନିର୍ବାଚନୀ ପ୍ରଦର୍ଶନ ଏବଂ ଆର୍ଥିକ ସ୍ଥିତି ମଧ୍ୟରେ ଅସ୍ୱାଭାବିକ ତାରତମ୍ୟ ରହିଛି, ସେମାନଙ୍କର ବ୍ୟାଙ୍କ ଖାତାକୁ ତୁରନ୍ତ ସିଜ୍ କରାଯିବା ଦରକାର । ଦ୍ୱିତୀୟତଃ, ରାଜନୈତିକ ଦଳଗୁଡ଼ିକୁ ମିଳୁଥିବା ଟିକସ ଛାଡ଼ ନିୟମରେ ପରିବର୍ତ୍ତନ ଆଣିବା ଜରୁରୀ । ଯେଉଁ ଦଳଗୁଡ଼ିକ ଏକ ନିର୍ଦ୍ଦିଷ୍ଟ ସଂଖ୍ୟକ ଭୋଟ୍ କିମ୍ବା ଆସନ ଜିତିବାରେ ବିଫଳ ହେଉଛନ୍ତି, ସେମାନଙ୍କୁ ଟିକସ ଛାଡ଼ ସୁବିଧାରୁ ବଞ୍ଚିତ କରାଯିବା ଉଚିତ୍ । ତୃତୀୟତଃ, ସମସ୍ତ ରାଜନୈତିକ ଦଳର ହିସାବଖାତାକୁ କମ୍ପ୍ଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ ବା ସିଏଜିଙ୍କ ଦ୍ୱାରା ଅନୁମୋଦିତ ସ୍ୱାଧୀନ ଅଡିଟରଙ୍କ ଦ୍ୱାରା ବାଧ୍ୟତାମୂଳକ ଭାବେ ଯାଞ୍ଚ କରାଯିବା ଆବଶ୍ୟକ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ରାଜନୈତିକ ଦଳଗୁଡ଼ିକୁ ସୂଚନା ଅଧିକାର ଆଇନର ପରିସରଭୁକ୍ତ କରାଯିବା ଉଚିତ୍, ଯାହାଦ୍ୱାରା ଦେଶର ପ୍ରତ୍ୟେକ ନାଗରିକ ଜାଣିପାରିବେ ଯେ ରାଜନୀତି ନାମରେ କିପରି ଅର୍ଥର ଖେଳ ଚାଲିଛି । ଗୁଜରାଟର ଏହି ଛଅଟି ଦଳର କାହାଣୀ କେବଳ ଗୋଟିଏ ରାଜ୍ୟର ସମସ୍ୟା ନୁହେଁ, ବରଂ ଏହା ସମଗ୍ର ଦେଶରେ ବ୍ୟାପିଥିବା ଏକ ଭୟଙ୍କର ରୋଗର ଲକ୍ଷଣ । ଯଦି ଆମେ ଆମର ଗଣତନ୍ତ୍ରକୁ ଅର୍ଥବଳର କବଳରୁ ମୁକ୍ତ କରିବାକୁ ଚାହୁଁଛୁ, ତେବେ ରାଜନୈତିକ ପାଣ୍ଠି ସଂଗ୍ରହ ପ୍ରକ୍ରିୟାରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଆଣିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନାହିଁ । ନଚେତ୍ ନିର୍ବାଚନ କେବଳ ଏକ ପ୍ରହସନ ହୋଇ ରହିଯିବ ଏବଂ ପ୍ରକୃତ କ୍ଷମତା କଳାଧନ ବେପାରୀଙ୍କ ହାତରେ ବନ୍ଦୀ ହୋଇ ରହିବ ।

# ଦଳର ସ୍ଥିତି ନାହିଁ ହେଲେ ଚାନ୍ଦା ମିଳୁଛି କୋଟି କୋଟି



## ଗୋପାଳ ମହାପାତ୍ର

ଭାରତ ଭଳି ବିଶାଳ ଗଣତନ୍ତ୍ରରେ ରାଜନୈତିକ ଦଳ ଜନମତର ବାହକ ବୋଲି କୁହାଯାଏ । ରାଜନୈତିକ ଦଳମାନେ ନିର୍ବାଚନ ଲଢ଼ିଥାନ୍ତି, ଲୋକଙ୍କୁ ସେମାନଙ୍କ ଦଳର ବିଚାରଧାରା ପ୍ରସଙ୍ଗରେ ଅବଗତ କରାଇଥାନ୍ତି ଏବଂ ଜନତାଙ୍କ ସମସ୍ୟା ଲୋକସଭା ବା ବିଧାନସଭାରେ ଉଠାଇଥାନ୍ତି। କିନ୍ତୁ ବିଗତ କିଛି ବର୍ଷ ହେବ ଏକ ବିଚିତ୍ର ପ୍ରବୃତି ଦେଖିବାକୁ ମିଳୁଛି । ଦେଶରେ ଏମିତି ଅନେକ ପଂଜିକୃତ ହୋଇଥିବା ରାଜନୈତିକ ଦଳ ରହିଛନ୍ତି ଯେଉଁମାନଙ୍କର ଜନମତ ବା ଜନତାଙ୍କ ସହ କିଛି ସଂପର୍କ ନାହିଁ କିମ୍ବା ଏମାନେ ନିର୍ବାଚନ ଲଢ଼ି ନାହାନ୍ତି । କାଗଜ କଲମରେ ଥିବା ଏହିଭଳି ରାଜନୈତିକ ଦଳମାନଙ୍କର ସ୍ଥିତିନଥାଇ ମଧ୍ୟ ଏମାନଙ୍କ ବ୍ୟାଙ୍କ ଖାତାକୁ କୋଟି କୋଟି ଟଙ୍କା ଚାନ୍ଦା ଆକାରରେ ଆସୁଛି । ଏହି ଘଟଣା ଯେ ଆଜିର ତାହାନୁହେଁ । ଏହା ଏବେ ଯେ କେବଳ ରାଜନୈତିକ ଅର୍ଥ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଛି ତାହାନୁହେଁ ବଂର ଗଣତନ୍ତ୍ରର ପାରଦର୍ଶିତା ପାଇଁ ଏକ ଚାଲେ ସୃଷ୍ଟି କରିଛି । ନିର୍ବାଚନ କମିଶନଙ୍କ ତଥ୍ୟ ଅନୁସାରେ ଦେଶରେ ୨୮୦୦ରୁ ଅଧିକ ରାଜନୈତିକ ଦଳ ଅଛନ୍ତି । ଏମାନେ ସବୁ ପଂଜିକୃତ । ଦେଶରେ ରାଷ୍ଟ୍ରିୟ ଏବଂ ଆଂଚଳିକ ଦଳମାନଙ୍କର ସଂଖ୍ୟ ମାତ୍ର ୭୩ ଅଟେ । ବାକି ଅନ୍ୟ ସବୁଦଳ କେବଳ କାଗଜ କଲମରେ ରହିଛି ଓ ଏମାନଙ୍କ ମଧ୍ୟରୁ ଅନେକ କେବେ କୌଣସି ନିର୍ବାଚନରେ ଭାଗ ନେଇ ନାହାନ୍ତି । ୨୦୨୨ ରୁ ୨୦୨୪ ମଧ୍ୟରେ କାଗଜ କଲମରେ ଥିବା ଏହି ଦଳମାନଙ୍କୁ ହଜାର ହଜାର କୋଟି ଟଙ୍କାର ଚାନ୍ଦା ମିଳିଛି । ଏକ ରିପୋର୍ଟ ଅନୁସାରେ ଏହି ଦଳମାନଙ୍କୁ ମିଳିଥିବା ଚାନ୍ଦାର ପରିମାଣ ୧୦ହଜାର କୋଟିରୁ ଅଧିକ ଅଟେ । ଦେଶରେ ଥିବା କେତେକ ପ୍ରମୁଖ ଦଳକୁ ମଧ୍ୟ ଏତେ ପରିମାଣରେ ଚାନ୍ଦା ମିଳିନାହିଁ। ବିବିସି ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ୬ଟି ଏମିତି କାଗଜ କଲମର ରାଜନୈତିକ ଦଳ ରହିଛି ଯାହାକୁ ୨୦୨୩-୨୪ରେ ଶହ ଶହ କୋଟି ଟଙ୍କାର ଚାନ୍ଦା ମିଳିଥିଲା। ଏହିଭଳି ଏକ ରାଜନୈତିକ ତଳ ହେଉଛି ଆମ୍ ଜନମତ ପାର୍ଟି । ଏହି ଦଳକୁ ୨୦୨୩-୨୪ରେ ୬୨୦କୋଟି ଟଙ୍କା ଚାନ୍ଦା ମିଳିଛି । ଏହି ଦଳ ୨୦୨୪ ଲୋକସଭା ନିର୍ବାଚନରେ ଜଣେ ବ୍ୟକ୍ତିଙ୍କୁ ପ୍ରାର୍ଥୀ କରିଥିଲା । ଅନ୍ୟ ଏକ ଦଳ ହେଉଛି ସତ୍ୟବାଦୀ ରକ୍ଷକ ପାର୍ଟି । ଏହି ଦଳକୁ ୩୩୦କୋଟି ଟଙ୍କା ଚାନ୍ଦା ମିଳିଛି। ଏହି ଦଳ ନିର୍ବାଚନରେ ନାମମାତ୍ର ଭାଗ ନେଇଛି । ଦେଶରେ ଏମିତି ୬ଟି ଦଳ ଅଛି ଯେଉଁମାନଙ୍କ କାର୍ଯ୍ୟାଳୟ ସଂପର୍କରେ ଲୋକେ ଜାଣିନାହାନ୍ତି ଓ ଅନେକଙ୍କ କାର୍ଯ୍ୟାଳୟକୁ ନେଇ ସନ୍ଦେହ ରହିଛି । କିନ୍ତୁ ଏହିସବୁ ଦଳମାନେ ସେମାନଙ୍କ ଅଡ଼ିଟ୍ ରିପୋର୍ଟରେ ଦର୍ଶାଇଛନ୍ତି ଯେ ମିଳିଥିବା ଚାନ୍ଦାର ଅଧିକ ଭାଗ ଜନକଲ୍ୟାଣ ପାଇଁ ବ୍ୟୟ କରାଯାଇଛି । ଅଡ଼ିଟ୍ ରିପୋର୍ଟ ନିଶ୍ଚିତଭାବେ ସଂନ୍ଦେହ ସୃଷ୍ଟି କରୁଛି । ସମସ୍ୟାର ମୂଳ ଆୟକର ସହ ଜଡ଼ିତ । ରାଜନୈତିକ ଦଳମାନଙ୍କୁ ଆୟକର ରିହାତି ମିଳିଥାଏ । ଦଳ କରମୁକ୍ତ ହୋଇଥାଏ । ରାଜନୈତିକ ଦଳମାନଙ୍କୁ ଚାନ୍ଦା ଦେଉଥିବା ବ୍ୟକ୍ତିମାନେ ମଧ୍ୟ ଆୟକର ରିହାତି ପାଇଥାନ୍ତି । ଆୟକର ବିଭାଗ ପକ୍ଷରୁ ତଦନ୍ତବେଳେ ଅନେକ ବେଆଇନ୍ ତଥ୍ୟ ଜଣାପଡ଼ିଛି । ନିର୍ବାଚନ କମିଶନ ଗତବର୍ଷ ଶହ ଶହ ନିଷ୍କ୍ରିୟ ରାଜନୈତିକ ଦଳକୁ ତାଲିକାରୁ ହଟାଇବା ପାଇଁ ଉଦ୍ୟମ କରିଥିଲେ । ଅନେକ ଦଳକୁ ଇନ୍‌ଆକ୍ଟିଭ୍ ଘୋଷିତ କରିଥିଲେ। ତଥାପି ସମସ୍ୟା ଶେଷ ହୋଇନାହିଁ । ପାରଦର୍ଶିତାର ନିୟମ କେବଳ ଚାନ୍ଦା ଜମା କରିବା, ଖର୍ଚ୍ଚର ହିସାବ ଦେବା ନୁହେଁ । ଅନ୍ୟ କେତେକ ନିୟମର ପାଳନକ କରାଯିବା ଆବଶ୍ୟକ । ୨୦ ହଜାର ଟଙ୍କାରୁ କମ୍ ଚାନ୍ଦା ବାବଦରେ ରାଜନୈତିକ ଦଳମାନେ ତଥ୍ୟ ପ୍ରଦାନ କରନ୍ତି ନାହିଁ ଯାହା ଅସ୍ୱଷ୍ଟତା ବଢ଼ାଇଥାଏ। କାଗଜ କଲମରେ ଥିବା ଏହି ଦଳମାନଙ୍କର ଖେଳ ଯଦି ଜାରି ରହେ ଏହା ଗଣତନ୍ତ୍ରକୁ ଦୁର୍ବଳ କରିବ ନିଶ୍ଚୟ।

+ରାମଚନ୍ଦ୍ରପୁର, ରଣପୁର
ମୋ.-୯୪୩୮୪୮୫୦୯୪

# ସୁଭଦ୍ରାର ଟଙ୍କା ପାଇଁ ରକ୍ତ କାହିଁକି ? ଟଙ୍କାଠାରୁ ଜୀବନ ବଡ଼



## ସୌଭାଗ୍ୟ ରଞ୍ଜନ ମହାନ୍ତି

ସୁଭଦ୍ରା ଯୋଜନାର ଟଙ୍କା ଜଣେ ମହିଳାଙ୍କ ହାତରେ ପହଞ୍ଚିବା କେବଳ ଏକ ଆର୍ଥିକ ହସ୍ତାନ୍ତର ନୁହେଁ, ଏହା ତାଙ୍କ ଆତ୍ମସମ୍ମାନ, ନିଷ୍ପତ୍ତି ନେବାର କ୍ଷମତା ଓ ପରିବାରରେ ତାଙ୍କ ଆର୍ଥିକ ଭୂମିକାକୁ ସୁଦୃଢ଼ କରିବାର ଏକ ପ୍ରୟାସ; କିନ୍ତୁ ଯେତେବେଳେ ଜଣେ ମହିଳାଙ୍କ ହାତକୁ ଆସୁଥିବା ସହାୟତାର ଟଙ୍କାକୁ ନେଇ ପରିବାର ଭିତରେ ଲୋଭ, ସନ୍ଦେହ, ଅଧିକାର ଦାବି, ଝଗଡ଼ା ଓ ହିଂସା ଦେଖାଦିଏ, ସେତେବେଳେ ପ୍ରଶ୍ନ କେବଳ ଟଙ୍କାର ରହେ ନାହିଁ, ପ୍ରଶ୍ନ ହୋଇଯାଏ ଆମ ସମାଜର ମାନସିକତାର; ସୁଭଦ୍ରା ଯୋଜନାର ମୂଳ ଲକ୍ଷ୍ୟ ହେଉଛି ମହିଳାଙ୍କ ଆର୍ଥିକ ସଶକ୍ତୀକରଣ ଓ ସାମାଜିକ ସୁରକ୍ଷାକୁ ମଜବୁତ କରିବା, ତେଣୁ ଏହାର ଟଙ୍କା ଯଦି ଜଣେ ମହିଳାଙ୍କ ଜୀବନରେ ସୁଯୋଗ ସୃଷ୍ଟି କରିବା ବଦଳରେ ତାଙ୍କୁ ଚାପ କିମ୍ବା ହିଂସାର ସମ୍ମୁଖୀନ କରେ, ତେବେ ଏହା ଯୋଜନାର ବିଫଳତା ତୁଳନାରେ ସମାଜର ଗଭୀର ସମସ୍ୟାକୁ ପ୍ରକାଶ କରେ; ଏକ ଦୁଃଖଦ ଘଟଣାରେ ସୁଭଦ୍ରା ଯୋଜନାର ଟଙ୍କାକୁ ନେଇ ପାରିବାରିକ ବିବାଦ ମାରାତ୍ମକ ରୂପ ନେଇଥିବା ଖବର ଆମ ସାମ୍ନାକୁ ଆସିଛି, ଏବଂ ଏହି ଘଟଣାକୁ ସମଗ୍ର ସମାଜ ପାଇଁ ଏକ ସତର୍କ ସଙ୍କେତ ଭାବେ ଦେଖିବା ଆବଶ୍ୟକ; ତେବେ ଗୋଟିଏ କିମ୍ବା କିଛି ଘଟଣା ଆଧାରରେ ସମଗ୍ର ରାଜ୍ୟରେ ଏପରି ଘଟଣା ବ୍ୟାପକ ଭାବେ ଘଟୁଛି ବୋଲି ନିଷ୍କର୍ଷ କରିବା ମଧ୍ୟ ଦାୟିତ୍ୱଶୀଳ ନୁହେଁ; ବରଂ ଘଟଣାଗୁଡ଼ିକ ଆମକୁ ଏକ ବଡ଼ ପ୍ରଶ୍ନ ପଚାରୁଛି—କାହିଁକି ଗୋଟିଏ ସାମାଜିକ କଲ୍ୟାଣ ଯୋଜନାର ଅର୍ଥ ପରିବାର ମଧ୍ୟରେ ଦ୍ୱନ୍ଦ୍ୱର କାରଣ ହୋଇପାରେ; ଏହାର ପ୍ରଥମ କାରଣ ହୋଇପାରେ ଦାରିଦ୍ର୍ୟ ଓ ଆର୍ଥିକ ଅସୁରକ୍ଷା; ଯେଉଁ ପରିବାରର ଆୟ କମ୍, ଋଣ ଅଧିକ ଏବଂ ଦୈନନ୍ଦିନ ଖର୍ଚ୍ଚ ଚଳାଇବା କଷ୍ଟକର, ସେଠାରେ ଅଳ୍ପ ଟଙ୍କା ମଧ୍ୟ ବଡ଼ ଆଶାର କାରଣ ହୋଇପାରେ; ଦ୍ୱିତୀୟ କାରଣ ହେଉଛି ମହିଳାଙ୍କ ଆର୍ଥିକ ସ୍ୱାଧୀନତା ପ୍ରତି ପାରମ୍ପରିକ ମାନସିକତା; ଅନେକ ପରିବାରରେ ଆଜି ମଧ୍ୟ ମହିଳାଙ୍କ ନିଜ ଆୟ କିମ୍ବା ନିଜ ନାମରେ ଆସୁଥିବା ଅର୍ଥ ଉପରେ ଅନ୍ୟମାନେ ଅଧିକାର ଦାବି କରିବାକୁ ସ୍ୱାଭାବିକ ଭାବନ୍ତି; ତୃତୀୟ କାରଣ ହେଉଛି ଆର୍ଥିକ ସାକ୍ଷରତାର ଅଭାବ; ଟଙ୍କାକୁ କିପରି ବ୍ୟବହାର କରିବା, କିପରି ସଞ୍ଚୟ କରିବା, କିପରି ଉତ୍ପାଦନମୂଳକ କାର୍ଯ୍ୟରେ ଲଗାଇବା ଏବଂ ଆର୍ଥିକ ଠକେଇରୁ କିପରି ସୁରକ୍ଷିତ ରହିବା—ଏ ସମ୍ପର୍କରେ ସଚେତନତା ନଥିଲେ ସହାୟତା ଦୀର୍ଘକାଳୀନ ସୁରକ୍ଷାରେ ପରିଣତ ହୋଇନପାରେ; ଚତୁର୍ଥ କାରଣ ହେଉଛି ପାରିବାରିକ ହିଂସା ଓ ନିୟନ୍ତ୍ରଣର ମାନସିକତା; ଜଣେ ମହିଳାଙ୍କ ହାତରେ ଟଙ୍କା ଆସିଲା ବୋଲି ତାଙ୍କ ଉପରେ ଜୋରଜବରଦସ୍ତି କରିବା ତାଙ୍କ ଆର୍ଥିକ ସ୍ୱାଧୀନତାକୁ ଅସ୍ୱୀକାର କରିବା ସମାନ; ଏହି ପରିପ୍ରେକ୍ଷିତରେ ଆମେ ବୁଝିବା ଦରକାର ଯେ ମହିଳା ସଶକ୍ତୀକରଣ କେବଳ ଟଙ୍କା ପଠାଇଦେବାରେ ସମ୍ପୂର୍ଣ୍ଣ ହୁଏନାହିଁ; ଏହା ସହିତ ଶିକ୍ଷା, ସଚେତନତା, ଆର୍ଥିକ ଜ୍ଞାନ, ସୁରକ୍ଷିତ ବ୍ୟାଙ୍କିଙ୍ଗ ବ୍ୟବସ୍ଥା, ଆଇନଗତ ସହାୟତା ଓ ସାମାଜିକ ସମର୍ଥନ ମଧ୍ୟ ଆବଶ୍ୟକ; ରାଜ୍ୟ ସରକାରଙ୍କ ପାଇଁ ଏଠାରେ ଏକ ବଡ଼ ଶିକ୍ଷା ରହିଛି—କଲ୍ୟାଣମୂଳକ ଯୋଜନାର ସଫଳତାକୁ କେବଳ କେତେ ଲୋକଙ୍କୁ ଟଙ୍କା ମିଳିଲା ତାହାରେ ମାପିଲେ ଚାଲିବ ନାହିଁ, ବରଂ ସେହି ଟଙ୍କା ମହିଳାଙ୍କ ଜୀବନରେ କେତେ ସ୍ଥାୟୀ ସକାରାତ୍ମକ ପରିବର୍ତ୍ତନ ଆଣିଲା ତାହା ମଧ୍ୟ ମାପିବାକୁ ହେବ; ଯଦି ଟଙ୍କା ମହିଳାଙ୍କୁ ଛୋଟ ବ୍ୟବସାୟ ଆରମ୍ଭ କରିବା, ଶିକ୍ଷାରେ ଖର୍ଚ୍ଚ କରିବା, ସ୍ୱାସ୍ଥ୍ୟ ଆବଶ୍ୟକତା ପୂରଣ କରିବା କିମ୍ବା ସଞ୍ଚୟ କରିବାର ସୁଯୋଗ ଦିଏ, ତେବେ ତାହାର ପ୍ରକୃତ ସାମାଜିକ ମୂଲ୍ୟ ରହିଛି; ଏହା ସହିତ ସରକାରଙ୍କୁ ଗାଁ ଓ ସହର ଉଭୟ ସ୍ତରରେ ସଚେତନତା କାର୍ଯ୍ୟକ୍ରମ ବଢ଼ାଇବା ଆବଶ୍ୟକ; ମହିଳାଙ୍କ ଅର୍ଥ ଉପରେ ଜୋରଜବରଦସ୍ତି କରିବା ଅପରାଧ ହୋଇପାରେ, ପାରିବାରିକ ହିଂସା ବିରୋଧରେ କେଉଁଠାରେ ସହାୟତା ମିଳିବ, ଆଇନଗତ ସୁରକ୍ଷା କିପରି ପାଇବେ ଏବଂ ଆବଶ୍ୟକ ସମୟରେ କାହାକୁ ଯୋଗାଯୋଗ କରିବେ—ଏସବୁ ତଥ୍ୟ ସରଳ ଭାଷାରେ ଲୋକଙ୍କ ପାଖକୁ ପହଞ୍ଚିବା ଦରକାର; ଏଠାରେ ସମାଜର ଭୂମିକା ମଧ୍ୟ କମ୍ ନୁହେଁ; ଜଣେ ମହିଳାଙ୍କ ହାତରେ ଟଙ୍କା ଆସିଲେ ତାଙ୍କୁ ଦୁର୍ବଳ ଭାବିବା ନୁହେଁ, ତାଙ୍କୁ ସକ୍ଷମ ଭାବିବା ଆବଶ୍ୟକ; ଘରର ଅର୍ଥନୈତିକ ନିଷ୍ପତ୍ତିରେ ମହିଳାଙ୍କ ମତକୁ ସମ୍ମାନ ଦେବା ଆବଶ୍ୟକ; କାରଣ ଯେଉଁ ପରିବାରରେ ଅର୍ଥନୈତିକ ନିଷ୍ପତ୍ତି ସମ୍ମିଳିତ ଭାବେ ନିଆଯାଏ, ସେଠାରେ ବିବାଦର ସମ୍ଭାବନା କମିଥାଏ; ୟୁପିଏସସି ପ୍ରାର୍ଥୀଙ୍କ ଦୃଷ୍ଟିରୁ ଏହି ପ୍ରସଙ୍ଗ ଆହୁରି ଗଭୀର, କାରଣ ଏହା କେବଳ ଏକ ରାଜ୍ୟ ଯୋଜନାର ଆଲୋଚନା ନୁହେଁ; ଏହା ସାମାଜିକ ନ୍ୟାୟ, ମହିଳା ସଶକ୍ତୀକରଣ, ଦାରିଦ୍ର୍ୟ ହ୍ରାସ, ସମାବେଶୀ ବିକାଶ, ଭଲ ଶାସନ, ଆର୍ଥିକ ସାକ୍ଷରତା, ପାରିବାରିକ ହିଂସା ଓ ମାନବୀୟ ମର୍ଯ୍ୟାଦା ଭଳି ଅନେକ ବିଷୟକୁ ଏକାଠି କରେ; ଏହିପରି ଘଟଣାକୁ ନେଇ ଲେଖିବା ସମୟରେ ଭାବନା ଥିବା ଦରକାର, କିନ୍ତୁ ଭାବନା ତଥ୍ୟକୁ ଅତିକ୍ରମ କରିବା ଉଚିତ୍ ନୁହେଁ; ଜଣେ ମହିଳାଙ୍କ ମୃତ୍ୟୁକୁ ନେଇ ସମଗ୍ର ଯୋଜନାକୁ ଦୋଷ ଦେବା ଯେତେ ଭୁଲ, ସେତେ ଭୁଲ ଏକ ଦୁଃଖଦ ଘଟଣାକୁ ଅବହେଳା କରିଦେବା; ସଠିକ୍ ଦୃଷ୍ଟିକୋଣ ହେଉଛି ଘଟଣାରୁ ଶିକ୍ଷା ନେଇ ନୀତିକୁ ଆହୁରି ସୁଦୃଢ଼ କରିବା; ଶେଷରେ ଆମେ ଏକ କଠୋର ସତ୍ୟକୁ ସ୍ୱୀକାର କରିବାକୁ ପଡ଼ିବ—ଟଙ୍କା ମଣିଷର ଜୀବନକୁ ସହଜ କରିପାରେ, କିନ୍ତୁ ଟଙ୍କା ପାଇଁ ମଣିଷ ଯଦି ମଣିଷକୁ ହରାଇଦିଏ, ତେବେ ସେହି ଟଙ୍କାର ଅର୍ଥ ହିଁ ନଷ୍ଟ ହୋଇଯାଏ; ସୁଭଦ୍ରାର ଟଙ୍କା ଜଣେ ମହିଳାଙ୍କ ହାତରେ ଆଶାର ଚାରା ହେଉ, ଲୋଭର ଅଗ୍ନି ନୁହେଁ; ଏହା ତାଙ୍କ ପିଲାର ଶିକ୍ଷା ହେଉ, ଘରର ଆବଶ୍ୟକତା ହେଉ, ଛୋଟ ଉଦ୍ୟମର ଆରମ୍ଭ ହେଉ, ତାଙ୍କ ଆତ୍ମନିର୍ଭରତାର ପଥ ହେଉ; ଏକ ମୁହୂର୍ତ୍ତର କ୍ରୋଧରେ ଜୀବନ ନଷ୍ଟ କରିଦେବା ପୂର୍ବରୁ ପ୍ରତ୍ୟେକ ମଣିଷ ମନେ ରଖିବା ଦରକାର—ଟଙ୍କା ପୁଣି ମିଳିପାରେ, କିନ୍ତୁ ହାରାଇଥିବା ଜୀବନ କେବେ ଫେରିଆସେ ନାହିଁ; ତେଣୁ ସୁଭଦ୍ରାର ସତ୍ୟ ସଫଳତା ସେତେବେଳେ ହେବ, ଯେତେବେଳେ ଏହାର ଅର୍ଥ କେବଳ ଜଣେ ମହିଳାଙ୍କ ଖାତାରେ ଟଙ୍କା ପହଞ୍ଚିବା ନୁହେଁ, ବରଂ ତାଙ୍କ ଜୀବନରେ ସମ୍ମାନ, ସୁରକ୍ଷା, ନିଷ୍ପତ୍ତିର ଅଧିକାର ଓ ଆର୍ଥିକ ସ୍ୱାଧୀନତା ପହଞ୍ଚିବା; ଏବଂ ସେହି ଦିନ ଆସିଲେ ହିଁ ଆମେ କହିପାରିବା—ସହାୟତା କେବଳ ଟଙ୍କା ଦେଇନାହିଁ, ଏହା ମଣିଷର ଜୀବନକୁ ମୂଲ୍ୟ ଦେଇଛି ।

ମୋ: ୯୪୩୭୯୯୪୩୭୯

# ଜଗା ଛଡ଼ା ସମସ୍ତଙ୍କୁ ଟଙ୍କା ଦରକାର



## ସୁବ୍ରତ କର

ଦେଶର ସମସ୍ତଙ୍କଠୁ ଧନୀ ବ୍ୟକ୍ତିଙ୍କ ଠାରୁ ଦିନ ମଜୁରୀଆ ପର୍ଯ୍ୟନ୍ତ ସମସ୍ତେ ଟଙ୍କା ପଛରେ ଧାଇଁଛନ୍ତି । ମୋତେ ବହୁତ ବାହାର ଟଙ୍କା ଦରକାର ନାହିଁ । ଯାହା ପାଖରେ ଯେତେ ତାଙ୍କୁ ବେଶି ଲୋଡ଼ା। ସେ ଅମ୍ବାନି, ଟାଟା, ବିର୍ଲା ହେଉ ବା ଦିନ ମଜୁରିଆ । କିଏ ଏକ ନମ୍ବରରେ କମେଇବାରେ ଲାଗିଛି ଦୈହିକ ପରିଶ୍ରମ କରି ତ ଆଉ କେହି ଦୁଇ ନମ୍ବରୀ କରି ମୁଣ୍ଡ ଖଟେଇ କମେଇବାରେ ଲାଗିଛନ୍ତି । ଦୁଇ ନମ୍ବରୀ କରିଲେ ଧନୀ ହୋଇପାରିବେ କିନ୍ତୁ ଏକ ନମ୍ବରୀରେ ଖାଇ ପିଇ ଚଳି ପାରିବେ । ଅଧିକାଂଶ ଲୋକଙ୍କର ଗୋଟାଏ ଚିନ୍ତା ଟଙ୍କା ଅଳ୍ପ ପରିଶ୍ରମ ଏବଂ ଲୋକଙ୍କୁ ହେଉ ବା ସଂସ୍ଥାକୁ ହେଉ ଠକେଇ କରି ପ୍ରଚୁର ରୋଜଗାର କରିବା । ପୁଣି ସଂସ୍ଥା ସରକାରୀ ହୋଇପାରେ ବା ବେସରକାରୀ । ଆପଣ ଯଦି ସଚ୍ଚୋଟ ହୋଇ ଠିକ୍ ଭାବରେ ରୋଜଗାର କରିବେ କେବେ ପଇସାବାଲା ବା ବଡ଼ଲୋକ ହୋଇପାରିବେ ନାହିଁ । ଏବେ ଏବେ ଘଟିଥିବା ଦୁଇଟା ଉଦାହରଣ ରଖିବି ଆପଣମାନଙ୍କ ପାଖରେ । ଗୋଟାଏ ହେଲା ଦେଶର ଏକ ନମ୍ବର ଧନୀ ଭଦ୍ରଲୋକ ଦେଶର ରାଜଧାନୀଠାରେ ପ୍ରାୟ ୫୦୦- ୬୦୦ କୋଟି ଟଙ୍କାରେ ଘର କିଣିଛନ୍ତି । ତାଙ୍କ ପାଖରେ ଏତେ ଟଙ୍କା ଯେ ଆଉ ରଖିବାର ଜାଗା ନାହିଁ । କିନ୍ତୁ ଏପଟେ ଦେଖନ୍ତୁ ଆମ ରାଜ୍ୟରେ ବସ୍ତି ଘର ଗୁଡ଼ିକର ଅବସ୍ଥା । ଗୋଟିଏ ଘରରେ ୫ରୁ ୭ ଜଣ ଲେଖାଏଁ ଲୋକ ରହୁଛନ୍ତି। ପିଇବା ପାଣି ଠିକ୍ ସେ ମିଳୁନାହିଁ। ଅଧିକାଂଶ ଲୋକଙ୍କ ପାଇଁ ମେଳା ପଡ଼ିଆ ହେଉଛି ଇଂରାଜୀରେ ଯାହାକୁ କହନ୍ତି ଟଏଲେଟ୍ । ପୁଣି ଦେଖିବାକୁ ଗଲେ ଅଧିକାଂଶ ବସ୍ତି ବାସିନ୍ଦାଙ୍କ ଘର ସରକାରୀ ଜାଗା ଉପରେ । ଘରକୁ ସରକାରଙ୍କ ଲୋକ ଆସି ଯେକୌଣସି ମୁହୂର୍ତ୍ତରେ ଭାଙ୍ଗିବା ପାଇଁ ପ୍ରସ୍ତୁତ । ଆଲୁଅ ମଧ୍ୟ ନଥାଏ । ଏବେ ପ୍ରଶ୍ନ ଉଠୁଛି ସ୍ୱାଧୀନତାର ଏତେ ବର୍ଷ ପରେ ମଧ୍ୟ ଲୋକଙ୍କ ଠାରେ ସମାନତା ଆସି ପାରି ନାହିଁ କାହିଁକି ? ଏ ପାଇଁ ଦାୟୀ କିଏ ? ସରକାର ନା ଆମେ ? ବର୍ଷା ବା ବନ୍ୟା ହେଲେ ଆଉ କିଛି କହିବାର ନାହିଁ । ସମସ୍ତେ ଅଣ୍ଟାଏ ପାଣିରେ ଭାସୁଛନ୍ତି । ସ୍ଥାୟୀ ପ୍ରତିକାର ଏହା ପାଇଁ କିଛି କରିବାକୁ ରାଜି ନୁହଁନ୍ତି । ଏମିତି ହେଲେ ସରକାରୀ ବାବୁମାନଙ୍କୁ ବାରମ୍ବାର ରୋଜଗାରର ବାଟ ଖୋଲା ଥାଏ । ଏ ବର୍ଷ ଆପଣମାନେ ବିଶେଷ କରି ଆମ ଜିଲ୍ଲାର ଭୋଗରାଇ, ବାଲିଆପାଳ, ଜଳେଶ୍ୱର ଏବଂ ବସ୍ତା ବ୍ଲକର ଅବସ୍ଥାକୁ ଦେଖନ୍ତୁ । ଗତ ଦୁଇ ମାସ ହେଲା ହଜାର ହଜାର ଲୋକ ପାଣି ଘେରରେ ସ୍କୁଲ ବନ୍ଦ, ପିଲାଙ୍କ ପାଠପଢ଼ା ବନ୍ଦ । ଲୋକଙ୍କ ଧନ୍ଦା ବନ୍ଦ । ସେମାନେ ତ ପଶୁ ନୁହଁନ୍ତି ନିଶ୍ଚିତ ଭାବରେ ମଣିଷ । ସରକାର ଭୁବନେଶ୍ୱରରେ ବସି ଗୋଟାଏ ପରେ ଗୋଟାଏ ଅର୍ଡର କରୁଛନ୍ତି ଏବଂ ଦୁଃଖର କଥା ସେ ନିର୍ଦ୍ଦେଶ ମଧ୍ୟ ଠିକ୍ ଭାବରେ ଲୋକଙ୍କ ପାଖରେ ପହଞ୍ଚି ପାରୁନାହିଁ । ସେଇଥିପାଇଁ ମୋର ଅନୁରୋଧ ଆମର ଆରାଧ୍ୟ ଦେବତା ଜଗନ୍ନାଥଙ୍କୁ ଅନୁରୋଧ ତାଙ୍କ ହୁଣ୍ଡିରେ ଏବେ ଏବେ ହିସାବ ହୋଇଥିବା ୧୮୧୧ କୋଟି ଟଙ୍କା ଗରିବଙ୍କୁ ବାଣ୍ଟି ଦେଲେ କେମିତି ହୁଅନ୍ତା।




## କବିତା ପ୍ରେମ ଆଉ ବିରହର

### ସିଦ୍ଧେଶ୍ୱର ତ୍ରିପାଠୀ

ସେଇ ଅତୀତରେ ଯେଉଁ କବିତା ମୁଁ
ଲେଖିଥିଲି ତୁମ ପାଇଁ
ସେ କବିତା ମୋତେ ଉପହାସ କରେ
ମୋ ଆଖି ଲୁହକୁ ଚାହିଁ ।

ଜୁଡୁବୁଡୁ ସେଇ ଭାବ ତରଙ୍ଗରେ
ବୁଡ଼ି ଯାଇଥିଲି ଦିନେ
ଭିଜାଇ ଥିଲ ଗୋ ପ୍ରେମ ବରଷାରେ
ଆଜିବି ପଡୁଛି ମନେ ।

ଅତୀତର ସେଇ ଆତ୍ମୀୟ ଶବ୍ଦକୁ
ଆଜି ମୁଁ ପାରୁନି ଚାହିଁ
ସେଇ ଅତୀତର ଯେଉଁ କବିତା ମୁଁ
ଲେଖିଥିଲି ତୁମ ପାଇଁ ।

ଭାବ ବଦଳିଛି ଭାଷା ବଦଳିଛି
ବଦଳିଛି ଶବ୍ଦରୂପ
ଯାହା ଥିଲା ଦିନେ ସବୁଠୁ ସୌଭାଗ୍ୟ
ଆଜି ତାହା ଅଭିଶାପ ।

ତୁମବିନା ଏଇ ଗୀତ ମରମକୁ
ବୁଝି ପାରିବେନି କେହି
ସେଇ ଅତୀତର ଯେଉଁ କବିତା ମୁଁ
ଲେଖିଥିଲି ତୁମ ପାଇଁ ।

## ତୁମେ ଥକିଗଲା ପରେ

### ନିରଞ୍ଜନ ସାହୁ

ସାରା ଜୀବନଟା କାମ କରିକରି
ତୁମେ ଥକିଗଲା ପରେ
କେହି କହିବେନି ବହେ ଖଟିଲାଣି
ବିଶ୍ରାମ କରୁ ଏ ଘରେ ।
ବରଂ ନୂଆନୂଆ କାମ ଯୋଡିକରି
କାମରେ ଲଗାଇ ଦେବେ
ହାତରୁ ପାଇଟେ କାମ ଛଡାଇକି
କେହି କରିବେନି ଏବେ
ସମସ୍ତେ ଭାବିବେ ବସିକି ଖାଇବ
ବିଛଣା ଧରିବା ପରେ ।
ତୁମେ ଯଦି ଟିକେ ମନା କରିଦେବ
କରି ପାରିବିନି ଆଉ
ସୁବିଧାବାଦୀଏ କହିବେ, 'ଏହାର
ଖାଇବା ପିଇବା ଥାଉ



ଖାଇଖାଇ ଇଏ ଡିହାଳିଆ ଭାରି
ଏହା ପାଇଁ ଟଙ୍କା ସରେ ।
କାହାକୁ କହିବ କିଏସେ ଶୁଣିବ
କେହି ଶୁଣିବେନି କିଛି
ଯିଏ ଶୁଣିକରି ସାନ୍ତ୍ୱନା ବାଢ଼ିବ
ସେ ସାନ୍ତ୍ୱନା ମିଛିମିଛି
ଅବଶିଷ୍ଟ ଦିନ କେମିତି କଟିବ
ସେ ଚିନ୍ତା ମୁଣ୍ଡରେ ଭରେ ।
ମରିବାକୁ ତୁମେ ଇଚ୍ଛା କରିଲେ ବି
ପାରିବନି ଜମା ମରି
ଭାବିବ ମୋହରି ପିଲା ତ କହିଲେ
ମାନ ଅଭିମାନ କରି
ବୁଝାଉଥା' ଯେତେ ନିଜର ମନକୁ
ଆଖି କୋଣୁ ଲୁହ ଝରେ ।ଈଈଈ

+ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ -- ୭୫୯୦୧୬
ମୋ :-- ୯୯୩୮୭୪୧୫୮୩

ଗଳ୍ପମାଳା
ସାପ୍ତାହିକ ଗଳ୍ପ ଫର୍ଦ୍ଦ
୫
ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
୦୭ ସେପ୍ଟେମ୍ବର ସୋମବାର, ୨୦୨୬

# କୃଷ୍ଣଚୂଡ଼ାର ରଙ୍ଗ

ବିଷ୍ଣୁ ପ୍ରସାଦ ଦାସ



ଶୀତୁଆ ସକାଳ, ଖରା ଏତେଟା ଟାଣ ହୋଇ ନାହିଁ । ବୀରେନ ଚାଦରଟିଏ ଘୋଡ଼ି ହୋଇ ଛାତ ଉପରେ ବୁଲୁଛି । ପୂର୍ବ ଦିଗରେ ବିସ୍ତୀର୍ଣ୍ଣ ଖୋଲା ପଡିଆ, କିଛି ଗୋରୁ ସକାଳୁ ଘାସ ଖାଇବାରେ ବ୍ୟସ୍ତ। ଦକ୍ଷିଣ ଦିଗରେ କାଠ ଯୋଡ଼ି ନଦୀର ଶୁଷ୍କ ବାଲୁକା ରାଶି ଦୃଷ୍ଟି ଗୋଚର ହେଉଛି । ପଶ୍ଚିମ ପଟରେ ଏକ ବିରାଟ ଶାଗୁଆନ ଗଛ ଆଉ ତା ପାଖରେ କୃଷ୍ଣଚୂଡ଼ା ଗଛଟିଏ ଛିଡା ହୋଇଛି, ଅନେକ ଦିନରୁ କେହି ରହୁ ନଥିବା ଗୋଟାଏ ପୁରୁଣା ଏକ ମହଲା କୋଠା । କୃଷ୍ଣଚୂଡ଼ା ଗଛଟି ଘରର ସୌନ୍ଦର୍ଯ୍ୟକୁ ଅନେକାଂଶରେ ବଢ଼ାଇ ଦେଇଛି। ଉତ୍ତର ପଟେ ବୀରେନର ଘର ଦେଇ ରାସ୍ତାଟିଏ ଯାଇଛି । ବୀରେନ୍ ଘରର ଚତୁଃପାର୍ଶ୍ୱ ଖୁବ୍ ରମଣୀୟ । ଶୀତଦିନ ସକାଳୁ ଘଣ୍ଟାଏ ଛାତ ଉପରେ ବସିବା ତଥା ଖରାଦିନେ ରାତ୍ରୀରେ ଘଣ୍ଟାଏ ଦୁଇ ଘଣ୍ଟା ସମୟ କଟାଇବା ଖୁବ୍ ଆନନ୍ଦ ଦାୟକ ।

ବୀରେନ୍‌ର ବୟସ ୨୬/୨୭ ହେବ, ପାଠ ପଢ଼ା ସାରି ଚାକିରି ଅନ୍ୱେଷଣରେ ବ୍ୟସ୍ତ। ପରିବାରର ଅନେକଟା ସ୍ୱାଧୀନତା ବୀରେନ୍‌କୁ କିଛି ମାତ୍ରାରେ ବିଶୃଙ୍ଖଳିତ କରି ଦେଇଛି କିନ୍ତୁ ବିକଶିତ ଯୁବକ ସୁଲଭ ଗୁଣ ଗୁଡ଼ିକ ସକାରାତ୍ମକ ଦିଗ ନିର୍ଣ୍ଣୟ କରିବାରେ ସଫଳ ହେଉଛି। ପ୍ରେମ, ଦୁନିଆର ଚାକଚାକ୍ୟ, ବିଦେଶୀ ସଂସ୍କୃତି, ଉଚ୍ଚ ଆଶା କବଳରେ କବଳିତ ହୋଇ ଯାଇଛି ବୀରେନ୍ । ଏହି ବୟସରେ ମନ ଆଉ କ'ଣ ଚାହେଁ? ଗୋଟିଏ ସାଥୀ, ଯେ କି ତାକୁ ତା'ର ପ୍ରତ୍ୟେକ ମୁହୂର୍ତ୍ତରେ ସହଯୋଗ କରୁଥିବ । ବୀରେନ୍ ଅନେକ ରଙ୍ଗୀନ୍ ସ୍ୱପ୍ନ ଦେଖେ, ଆକାଶରେ ବିହଙ୍ଗ ପରି ଉଡିବାକୁ ଚେଷ୍ଟା କରେ, ସ୍ୱପ୍ନର ଦୁନିଆଁରୁ ନିଜର ଜୀବନ ସଙ୍ଗିନୀର ସତ୍ତା ଅନୁଭବ କରେ । ସ୍ୱପ୍ନ କ'ଣ ସତ ହୁଏ? ହୁଏତ କିଛିଟା ସତ୍ୟ ହୁଏ । ସମୟ ତା'ର ବାଟରେ ଆଗେଇ ଚାଲିଛି ଋତୁ ପରିବର୍ତ୍ତନ ମଧ ହୋଇ ଚାଲିଛି । ଏଇ କିଛିଦିନ ହେଲା ଶାଗୁଆନ ଗଛ ପାଖ ଘର ଛାତ ଉପରେ ୨/୩ଟି ଝିଅ ବୁଲିବା ଦେଖୁଛି । ଦୂରରୁ ସ୍ପଷ୍ଟ ଦେଖା ନ'ଗଲେ ମଧ୍ୟ ସେମାନେ ବୀରେନ୍‌ର ଦୃଷ୍ଟି ଆକର୍ଷଣ କରିଛନ୍ତି। ସେହି ଏକ ମହଲା ଘର ସନ୍ନିକଟ କୃଷ୍ଣ ଚୂଡ଼ା ବୃକ୍ଷରେ ଲାଲ୍ କୃଷ୍ଣ ଚୂଡ଼ା ଗୁଡ଼ିକ ପ୍ରସ୍ଫୁଟିତ ହେବାର ଲକ୍ଷଣ ବାରି ହୋଇ ପଡୁଛି। ଏହା କଣ ପ୍ରେମ? ନା ବିପରୀତ ଲିଙ୍ଗ ପ୍ରତି ଏକ ଆକର୍ଷଣ? ନା ନାରୀ ପୁରୁଷ ମଧ୍ୟରେ ଭୌତିକ ମିଳନର ନୀରବ ସଂକେତ ? ପ୍ରକୃତିର ଚିରନ୍ତନ ସତ୍ୟକୁ ଅସ୍ୱୀକାର କରିବାର ସାମର୍ଥ ହୁଏତ ବୀରେନ୍ ପାଖରେ ନ'ଥିଲା । ମନେ ମନେ ସେ ତିନୋଟି ତରୁଣୀଙ୍କ ମଧ୍ୟରୁ ଜଣକୁ ଭଲପାଇ ବସିଲା । ସବୁ ଭଲପାଇବା ସଫଳ ହୁଏ ନାହିଁ କି ଦୁଇଟି ମନର ମିଳନ ହୁଏ ନାହିଁ । କୃଷ୍ଣ ଚୂଡ଼ାର ଫୁଲ ଫୁଟିବା ସହିତ ବୀରେନ୍ ଜୀବନରେ ଏକ ମୋଡ଼ ଆସିଛି।

କୃଷ୍ଣଚୂଡ଼ାର ଲାଲ ରଙ୍ଗ ବୀରେନ ଜୀବନକୁ ରଙ୍ଗାୟିତ କରିବ କି ନା ସେକଥା ସମୟ କହିବ। ଆମ୍ବ ଗଛରେ କୋଇଲିର ସୁମଧୁର ସ୍ୱର ଶୁଭିବ କି ନାହିଁ ତାହା ବଉଳ କହିବ । ଶ୍ରୀ କୃଷ୍ଣଙ୍କ ବଂଶୀ ସ୍ୱର ରାଧାଙ୍କୁ ଆକର୍ଷିତ କରିବ କି ନାହିଁ ତାହା ଯମୁନା ନଦୀ କହିବ। ଦିନେ ସାହସ କରି ବୀରେନ୍ ତିନି ଯୁବତୀଙ୍କ ଘର ପାଖରେ ପହଞ୍ଚି ଯାଇଛି । ଗେଟ ସାମ୍ନାରେ ଛିଡା ହୋଇ କୃଷ୍ଣଚୂଡ଼ା ଫୁଲର ସୌନ୍ଦର୍ଯ୍ୟରେ ପାଗଳ ପ୍ରାୟ ବୀରେନ୍ ଏକ ସ୍ୱପ୍ନ ରାଇଜରେ ହଜି ଯାଇଛି । ଆପଣ କିଏ? କାହାକୁ ଖୋଜୁଛନ୍ତି ଏକ ସୁଲଳିତ ସ୍ୱରରେ ପଚାରି ଥିବା ପ୍ରଶ୍ନରେ ବୀରେନ୍ ପ୍ରକୃତିସ୍ଥ ହୋଇ ଚାହିଁଲେ। ଜଣେ ସୁନ୍ଦରୀ ଯୁବତୀ ତା' ସାମ୍ନାରେ ଠିଆ ହୋଇଛନ୍ତି । ବୀରେନ୍ ଏବଂ ସେହି ଯୁବତୀଙ୍କ ଚାରି ଚକ୍ଷୁର ମିଳନ ସହିତ ଯୁବତୀଙ୍କ ପ୍ରଶ୍ନର ଉତ୍ତର ରଖିବାକୁ ଯାଇ ବୀରେନ୍ କହିଥିଲା । ମ୍ୟାଡ଼ାମ୍ ମୁଁ ଆପଣଙ୍କ ପଡୋଶୀ, ଅନେକ ଦିନ ଧରି ଆପଣ ମାନଙ୍କୁ ଛାତ ଉପରୁ ଦେଖୁଛି, ମନ ମଧ୍ୟରେ ମୋର ଅନେକ ପ୍ରଶ୍ନ, ତେଣୁ ମୁଁ ଚାଲି ଆସିଛି ଆପଣମାନଙ୍କ ବିଷୟରେ କିଛି ଜାଣିବା ପାଇଁ । ଜାଣେନା ଏହା ଆପଣଙ୍କ ପାଇଁ ମୋର ଆକର୍ଷଣ ନା ଉତ୍ତମ ପଡୋଶୀ ହିସାବରେ ଏକ ସୌଜନ୍ୟ ମୂଳକ ପରିଦର୍ଶନ, ତେବେ ଆଶାକରେ ଆପଣମାନେ ଭୁଲ ବୁଝିବେ ନାହିଁ । ଓ. କେ; ନୋ ପ୍ରୋବ୍ଲେମ୍; କହି ଯୁବତୀ ଜଣକ ଗେଟ୍ ଖୋଲି ଭିତରକୁ ଡାକିଲେ। ବୀରେନ୍ ଯୁବତୀଙ୍କ ପଛେ ପଛେ ଆଗେଇ ଚାଲିଲେ , ଯୁବତୀ ଜଣକ ବୀରେନ୍‌ଙ୍କୁ ଗୋଟିଏ ଚୌକି ଦେଇ ବସିବାକୁ ଅନୁରୋଧ କରିଥିଲେ । ବୀରେନ୍ କିଛି ସମୟ



ବସିବା ପରେ ଜଣେ ବୟସ୍କ ଭଦ୍ରଲୋକ ଆସି ବୀରେନ୍ ଙ୍କୁ ସ୍ୱାଗତ କରି ବସିଲେ ।

ୟଙ୍ଗ ମ୍ୟାନ୍, ମୁଁ ଆପଣଙ୍କ ବିଷୟରେ କିଛି ଜାଣି ପାରେକି? ବୀରେନ୍ ସମ୍ମାନ ସୂଚକ ଢଙ୍ଗରେ ନମସ୍କାର କରି କହିଥିଲା ସାର, ମୁଁ ଆପଣଙ୍କ ପଡୋଶୀ ମୋର ନାମ ବୀରେନ ଦାସ। ମୁଁ ସ୍ନାତକ ସାରି ଏବେ କର୍ମ ସଂସ୍ଥାନ ନିମନ୍ତେ ଚେଷ୍ଟା କରୁଛି, ଘରେ ବାପା, ମା ଅଛନ୍ତି । ଭେରୀ ଗୁଡ୍, ମାଇ ସେଲ୍ଫ ଅଜୟ ଚୌଧୁରୀ। ମୁଁ ଜଣେ ଅବସରପ୍ରାପ୍ତ ସେନା ଅଧିକାରୀ। ଅବସର ପରେ ମୋର ନିଜ ଘରକୁ ଫେରିଛି, ମୋର ତିନୋଟି ଝିଅ, ସୁନୀତି, ସୁପ୍ରିତି ଏବଂ ସୁମତି ସମସ୍ତେ ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ସ୍ନାତକ ପାଠ୍ୟକ୍ରମ ଶେଷ କରିଛନ୍ତି । ତାଙ୍କର ମା' ଅନେକ ଦିନ ଆଗରୁ ସେଇ ଅଫେରା ରାଇଜକୁ ଚାଲି ଯାଇଛନ୍ତି । ମୋର ଜୀବନ ମୋର ତିନୋଟି ଝିଅଙ୍କ ସହିତ ଯୋଡ଼ା, ଭଗବାନଙ୍କ ଆଶୀର୍ବାଦରୁ ତାଙ୍କର ବିବାହ ହୋଇ ଗଲେ ମୁ ନିଶ୍ଚିନ୍ତ ହେବି । ଏହା ମଧ୍ୟରେ ସୁନୀତି ଦୁଇଟି ଗ୍ଲାସରେ ସର୍ବତ ଆଣି ପହଞ୍ଚାଇ ଦେଇଥିଲେ । ପ୍ରଥମ ଦେଖାରୁ ବୀରେନ୍ ସୁନୀତିକୁ ମନ ମନ୍ଦିରରେ ସ୍ଥାନ ଦେଇ ସାରିଥିଲା । ସୁପ୍ରିତି ଏବଂ ସୁମତି ମଧ ଆସି ଅଳ୍ପ ଆଳାପ କରି ଚାଲି ଯାଇଥିଲେ । କିଛି ସମୟର ଆଳାପ, ଅତ୍ମୀୟତା ବୀରେନ୍‌କୁ ଖୁବ୍ ଭଲ ଲାଗିଥିଲା । ଫେରିବା ସମୟରେ ଅଙ୍କଲ୍ କହିଥିଲେ ସମୟ ପାଇଲେ ଆସିବ, ବସି ଟିକେ କଥା ହେବା, ଘରେ ମୋତେ ଖୁବ୍ ଏକୁଟିଆ ଲାଗେ । ବୀରେନ୍ ଉପଯୁକ୍ତ ସମ୍ମାନ ଦେଇ ଫେରିବା ସମୟରେ ସୁନୀତି ଗେଟ୍ ପାଖରେ ବୀରେନକୁ ବିଦାୟ ଦେଇ ଗଲା । ପୁନଶ୍ଚ ଚାରି ଚକ୍ଷୁର ମିଳନ ଭବିଷ୍ୟତର ସମ୍ପର୍କକୁ ହୁଏତ ଆଗେଇ ନେବାର ଏକ ଝଲକ୍ ବୋଲି ବୀରେନ୍ ଅନୁଭବ କରୁଥିଲା ।

ସମୟ କାହାରି ପାଇଁ ଅପେକ୍ଷା କରେ ନାହିଁ, ଦୁଇଟି ପରିବାର ମଧ୍ୟରେ ସମ୍ପର୍କର ସେତୁ ଗଢି ଉଠିଛି । ପରସ୍ପର ପରସ୍ପରର ଦୁଃଖ ସୁଖର ସାଥି ହୋଇ ଯାଇଛନ୍ତି। ସୁମତି ଏବଂ ବୀରେନ ଆଉ ସାଧାରଣ ବନ୍ଧୁ ନୁହନ୍ତି ବର୍ତ୍ତମାନ ସେମାନେ ଅନ୍ତରଙ୍ଗ ବନ୍ଧୁ, ଦୁହେଁ ଦୁହିଁଙ୍କର ଦୁଃଖ ସୁଖ ବାଣ୍ଟୁଛନ୍ତି । ଦୁଇଟି ମନ ଇନ୍ଦ୍ରଧନୁର ରଙ୍ଗ ନେଇ ନିଜକୁ ରଙ୍ଗାୟିତ କରିବା, ସ୍ୱର୍ଗର ପାରିଜାତ ଫୁଲର ମହକ ଉପଭୋଗ କରିବା, ଐରାବତ ଚଢିବାର ଆନନ୍ଦ ସହିତ ଜୀବନର ଅନେକ ସ୍ୱପ୍ନକୁ ରୂପ ଦେବା ପାଇଁ ଦୁଇ ଜଣ ବାହୁ ବନ୍ଧନରେ ବାନ୍ଧି ହେବାର ନିର୍ଣ୍ଣୟ ନେଇଥିଲେ। ବୀରେନ୍‌କୁ ଗୋଟିଏ ଅର୍ଦ୍ଧ ସରକାରୀ ଅଫିସ୍‌ରେ ଚାକିରୀ ମିଳି ଯାଇଛି । ସୁନିତା ଏବେ ଆଇନ୍ ପଢୁଛି ହୁଏତ ଭବିଷ୍ୟତରେ ଓକିଲାତି କରିବାକୁ ଇଚ୍ଛା ରଖିଛି । ଦୁହେଁ ଦୁହିଁଙ୍କ ପରିବାରରେ ବିବାହ ପ୍ରସ୍ତାବ ରଖିଲେ, ଦୁଇ ପରିବାରର ସମ୍ମତି କ୍ରମେ ବିବାହ ଖୁବ୍ ସରଳ ଭାବେ ବିନା ଯୌତୁକରେ ମନ୍ଦିରରେ ଅନୁଷ୍ଠିତ ହୋଇଗଲା । ଚୌଧୁରୀ ବାବୁ ସୁପ୍ରିତି ଏବଂ ସୁମତିର ବିବାହ ନିମନ୍ତେ ଉପଯୁକ୍ତ ପାତ୍ର ଖୋଜିବାକୁ ଆରମ୍ଭ କରିଦେଲେ । ଆନନ୍ଦ ମଧ୍ୟରେ ବୀରେନ୍ ଏବଂ ସୁମତିଙ୍କ ଦାମ୍ପତ୍ୟ ଜୀବନ ଆଗେଇ ଚାଲିଲା । ଦୁହେଁ ଦୁହିଁଙ୍କୁ ଅନାବିଳ ପ୍ରେମରେ ବାନ୍ଧି ରଖିଥିଲେ । ପୁଣି କୃଷ୍ଣଚୂଡ଼ା ଗଛରେ କଢ଼ ଧରିଲା, ସମସ୍ତେ ଆନନ୍ଦିତ ହେଲେ କାରଣ ସୁମତି ମା' ହେବାକୁ ଯାଉଛି । ବୀରେନ୍ ପିତୃତ୍ୱ ତଥା ସୁମତି ମାତୃତ୍ୱର ପରିଚୟ ପାଇବ ଏହା ଖୁବ୍ ଆନନ୍ଦ ଦେଉଥିଲା ଉଭୟ ପରିବାରର ସଦସ୍ୟ ମାନଙ୍କୁ । ଏହା ଭିତରେ ସୁପ୍ରିତି ଏବଂ ସୁମତିଙ୍କ ବିବାହ ଠିକ୍ ହୋଇଯାଇଛି ।

ଚୌଧୁରୀ ବାବୁଙ୍କ ଦୁଇ ଝିଅଙ୍କ ବିବାହ ତାରିଖ ଧାର୍ଯ୍ୟ ହୋଇଯାଇଛି । କିଛି ଯୌତୁକ ଦାବି ତଥା ଭାବି ବରର ଚରିତ୍ରକୁ ନେଇ ସୁପ୍ରିତିର ବିଭାଘର ସ୍ଥଗିତ ରହିଲା । ସାନ ଝିଅ ସୁମତିର ନିର୍ଦ୍ଦିଷ୍ଟ ସମୟରେ ଧୁମ୍‌ଧାମ୍‌ରେ ବିବାହ ହୋଇଗଲା ଏବଂ ସେ ନିଜ ଶ୍ୱଶୁର ଘରକୁ ଚାଲିଗଲା । ଚୌଧୁରୀ ବାବୁ ସୁପ୍ରିତି ପାଇଁ ଅନେକ ସମୟରେ କବାଟ ଦେଇ ନୀରବରେ ଚକ୍ଷୁରୁ ଲୁହ ଗଡ଼ାନ୍ତି । ସୁପ୍ରିତି ଏହା ଅନୁଭବ କରେ ଏବଂ ବାପାଙ୍କୁ ମନ ଦୁଃଖ ନ କରିବାକୁ ଅନେକ ଥର ବୁଝାଏ । ଯେତେ ହେଲେ ବାପା ମନ ଏତେ ସହଜରେ ବୁଝିବା ସମ୍ଭବ ନୁହେଁ, ତେବେ ଭଗବାନଙ୍କ ଇଚ୍ଛା ଯାହା ତାହାହିଁ ହେବ। ସୁପ୍ରିତି ଘରେ ରହି ବାପାଙ୍କ ଯତ୍ନ ନେଉଛି ଦୁଇ ଭଉଣୀକୁ ମଧ ସହଯୋଗ କରୁଛି । ଭାଗ୍ୟର ବିଡମ୍ବନା ବା ସମୟର ଖେଳ ତାହା ବେଳେ ବେଳେ ସୁପ୍ରିତି ବ୍ୟାଖ୍ୟା କରିବାକୁ ଚେଷ୍ଟା କରେ କିନ୍ତୁ ଅସମାହିତ ପ୍ରଶ୍ନ ଗୁଡ଼ିକ ତା'ର ମସ୍ତିଷ୍କ ଭିତରେ ଆଗ୍ନେୟଗିରିର ଲାଭା ସଦୃଶ ପ୍ରବାହିତ ହୁଏ । ସମୟ ଆସିଗଲା ନୂତନ ଆଗନ୍ତୁକ ସୁମତି ଗର୍ଭରୁ ବାହାରି ଆସି ଦୁନିଆର ଆଲୋକ ଦେଖିବାକୁ ବ୍ୟାକୁଳ ହେଉଛି । ଆମ୍ବୁଲାନ୍ସ ଯୋଗେ ସୁମତି ହାସ୍ପାତାଳ ଗଲା ସାଙ୍ଗରେ ସୁପ୍ରିତି ମଧ ଯାଇଥିଲା । ପ୍ରସବ ଗୃହରେ ଅନେକ କଷ୍ଟ ପାଇ ସୁମତିର ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଇଥିଲା । ସମସ୍ତେ ଖୁସି ଥିଲେ ହଠାତ୍ ଡାକ୍ତର କହିଲେ ଯେ ସୁମତି ଅସୁସ୍ଥ ହୋଇ ଯାଉଛି ତା'ର ରକ୍ତଚାପ ବଢି ଯାଉଛି । ପୁତ୍ର ଜନ୍ମ ଜନିତ ଆନନ୍ଦଠାରୁ ସୁମତିର ଅସୁସ୍ଥତାର ଦୁଃଖ ବଳିଗଲା। ଡାକ୍ତରଙ୍କ ଅକ୍ଳାନ୍ତ ଚେଷ୍ଟା ସତ୍ୱେ ସୁମତି ଚିରଦିନ ପାଇଁ ଆଖି ବୁଜି ଦେଲା । ଦୁଃଖ ଆଉ ସୁଖ କାହାକୁ ଆପଣେଇବ ସେ କଥା ବୀରେନ୍ ବୁଝି ପାରୁନଥିଲା । ସୁପ୍ରିତିର ସହଯୋଗ ଯତ୍ନ ଦ୍ୱାରା ଶିଶୁଟି ସ୍ୱାଭାବିକ ହୋଇ ଉଠିଲା। ମଝିଆ ଝିଅର ବିବାହ ଭାଙ୍ଗି ଯାଇଥିବାର ଦୁଃଖ, ସୁମତି ଏକ ସୁନ୍ଦର ଶିଶୁ ପୁତ୍ରକୁ ଜନ୍ମ ଦେଇ ସଂସାର ଛାଡି ଚାଲି ଯିବାର ଅସହ୍ୟ ଦୁଃଖ ପାଇଁ ଚୌଧୁରୀ ବାବୁ ଭାଙ୍ଗି ପଡ଼ିଥିଲେ ।

ଥରେ ଗୋଟିଏ ଆଶ୍ରମରେ ଜଣେ ସନ୍ୟାସୀଙ୍କ ସହିତ ଚୌଧୁରୀ ବାବୁଙ୍କର ଦେଖା ହୋଇଗଲା ସେ ସବୁ ଶୁଣିବା ପରେ ଚୌଧୁରୀ ବାବୁଙ୍କୁ ତାଙ୍କ ମଝିଆ ଝିଅ ସହିତ ବୀରେନ୍‌ର ବାହାଘର କରିବାକୁ କହିଥିଲେ। ଚୌଧୁରୀ ବାବୁ ତାଙ୍କର ଜଣେ ଅନ୍ତରଙ୍ଗ ବନ୍ଧୁଙ୍କୁ ଦେଖା କରି ସବୁ କହିଲେ। ବନ୍ଧୁ ଜଣକ କହିଲେ ଚୌଧୁରୀ ବାବୁ, ଗୋଟିଏ କଥା କରନ୍ତୁ ତେବେ ଆପଣଙ୍କର ତିନୋଟି ଦୁଃଖ କମିଯିବ ...ଆପଣ ସୁପ୍ରୀତିକୁ ବୀରେନ ସହିତ ବିବାହ ଦିଅନ୍ତୁ, ଛୋଟ ଶିଶୁଟିକୁ ତା'ର ମା' ମିଳିଯିବ । ସୁପ୍ରୀତିକୁ ଏକ ନିର୍ଭରଯୋଗ୍ୟ ସାଥି ମିଳିଯିବ, ବିରେନ୍‌କୁ ମଧ ସ୍ତ୍ରୀଟିଏ ମିଳିଯିବ । ଆପଣଙ୍କର ସୁପ୍ରିତିର ବିବାହ ପାଇଁ ବର ଖୋଜିବା ଦାୟିତ୍ୱ ରହିବ ନାହିଁ । ଚୌଧୁରୀ ବାବୁ ଏଥିରେ ସମ୍ମତି ପ୍ରଦାନ କଲେ ଏବଂ ବୀରେନ୍‌କୁ ଡାକି ତା'ର ପିତା ମାତାଙ୍କ ସମ୍ମତିରେ ସୁପ୍ରିତିର ବିବାହ ବୀରେନ ସହିତ ସମ୍ପର୍ଣ୍ଣ କରିଦେଲେ । ଋତୁ ଆସିଲେ କୃଷ୍ଣ ଚୂଡା ଗଛରେ ଫୁଲ ଭର୍ତ୍ତି ହୋଇ ଯାଉଛି । ବୀରେନ, ସୁପ୍ରିତି ଛୋଟ ପୁଅ ବିମଳ କୃଷ୍ଣ ଚୂଡ଼ା ଫୁଲର ଆକର୍ଷଣରେ ସେଠାକୁ ଦୌଡ଼ି ଯା'ନ୍ତି । ଅଜା ନାତିଙ୍କ ଖେଳ ହସ ଖୁସି ଚୌଧୁରୀ ବାବୁଙ୍କୁ ଅତୀତର ସବୁ ଦୁଃଖ ଭୁଲାଇ ଦେଇଛି । ଘର କାନ୍ଥରେ ଟାଙ୍ଗା ହୋଇଥିବା ସୁମତିର ଛବିଟି ସମୟ ସମୟରେ ବୀରେନ୍‌କୁ ସେଇ ଅତୀତକୁ ଟାଣି ନେଉଥିବା ସମୟରେ ସୁପ୍ରିତିର ଅନାବିଳ ପ୍ରେମ, ବିମଳର ଗୁଲୁ ଗୁଲିଆ କଥା ପୁନଶ୍ଚ ବୀରେନ୍‌କୁ ବର୍ତ୍ତମାନକୁ ଟାଣି ଆଣି ଭବିଷ୍ୟତ ପାଇଁ କର୍ମମୁଖର କରିଦିଏ। ଭଗବାନଙ୍କ ଇଚ୍ଛା ନିକଟରେ ଆମେ ମୁଣ୍ଡ ନୁଆଇଁବା ଉଚିତ । କଥାରେ ଅଛି କରି କରାଉ ଥାଉ ତୁହି, ତୋ ବିନୁ ଅନ୍ୟ ଗତି ନାହିଁ ।

+ ସ୍ନେହ କୁଟୀର
ଝାଞ୍ଜିରୀ ମଙ୍ଗଳା, କଟକ ୭୫୩୦୦୯
ମୋ:୯୯୩୭୧୭୪୦୯୭

# ଘାଇ

ପଦ୍ମାଳୟା ସାମଲ



କେତେଦିନ ହେବ ଲାଗିରହିଛି ବର୍ଷା। ଗାଁ ଦାଣ୍ଡରେ ପାଣି । ବାଟରେ ଘାଟରେ ପାଣି । ମକରାର ଚାଳ ଛପର ଉପରୁ ଝରି ଆସୁଛି ଲାଲ ଲାଲ ପାଣି । ସେଇ ନାଳି ପାଣିକୁ ଚାହିଁ ମକରା ଅନ୍ୟମନସ୍କ ହୋଇ ଯାଉଛି । ବର୍ଷା ପାଣି ଦୁଆର ଉପରେ ପଡି, ବଡ଼ ବଡ଼ ଫୋଟକା ତିଆରି କରୁଛି । କୁଆଡ଼କୁ ଯିବା ଆସିବା ବନ୍ଦ। କାଦୁଅ ପଚପଚ ରାସ୍ତା । ଗାଁ ମୁଣ୍ଡ ଗଡ଼ାରେ ପାଣିର ସୁଅ । ପନ୍ଦର ଦିନ ହୋଇଗଲାଣି, ମକରା କାମକୁ ଯାଇ ପାରୁନି । ଦାଣ୍ଡ ଘରେ ପଡ଼ିଥିବା ଖଟିଆରେ ଗଡୁଗଡୁ ମକରାକୁ ନିଦ ଆସିଯାଇଛି ।

ପଛପଟ ଘରଟା ସନ୍ତେଇଯାଇଛି । ଚୁଲି ଭିତରୁ ବି ପାଣି ଝରୁଛି। ବାଡ଼ିପଟେ ଭାଡ଼ି ଉପରେ ରଖାଯାଇଥିବା ଶୁଖିଲା କାଠଗୁଡା ବି ଓଦା ହୋଇଯାଇଛି। ପଛପଟ କବାଟଟା ଦବିଯାଇଛି ଯେ, କଷ୍ଟେ ମଷ୍ଟେ ଖୋଲିବାକୁ ପଡୁଛି । କ୍ଷୋଭରେ ନାଲି ଟା କରିଛି ନିତେଇ । ଦୁଇଦିନ ହେଲା ଜରରେ କମ୍ପୁଛି ସେ । ରକ୍ତ ପରୀକ୍ଷା କରିନେବାକୁ ମକରାକୁ କହି କହି ସେ ଶୁଣୁନାହିଁ । ଆଜି ପାଖ ବଜାରକୁ ଯାଇ ନିଜେ ରକ୍ତ ପରୀକ୍ଷା କରାଇନେବାକୁ ଯିବ ବୋଲି ସ୍ଥିର କରିଛି। ମକରାକୁ ହଲେଇ କହିଦେଇ ଗଲା ସେ । ଛତା ଖୋଲି ପଦାକୁ ଚାହିଁଲା । ଖାଲି ଝରଝର ପାଣିର ଶବ୍ଦ। ଆଗକୁ ପାଦ ବଢ଼େଇଲା ନିତେଇ ।

ରକ୍ତ ପରୀକ୍ଷା ପାଇଁ ଦେଇ ସାରିବା ପରେ ଫୁଲିଥିବା ବିରୂପା ନଈ ପାଖକୁ ଚାଲିଗଲା ନିତେଇ । ଶୁଣିଥିଲା ଗତ କାଲି ବେଣାପୁର ବନ୍ଧ ନିକଟରେ ଘାଇ ସୃଷ୍ଟି ହୋଇଛି । ତଳ ମୁଣ୍ଡ ଗାଁ ସବୁ ବୁଡି ଯାଇଛି। ବନ୍ଧ ନିକଟରେ ପହଞ୍ଚିଗଲା ନିତେଇ । ତାକୁ ଲାଗିଲା ନଈ ଯେମିତି ତାକୁ ହାତ ଠାରି ଡାକୁଛି କୋଳେଇ ନେବାକୁ । ଭାବିଲା ଏଇଟା ସୁବର୍ଣ୍ଣ ସୁଯୋଗ । ସବୁଦିନ ପାଇଁ ଯନ୍ତ୍ରଣାରୁ ମୁକ୍ତି ପାଇଯିବ ସେ । ନିଜକୁ ନିଃଶେଷ କରିଦେବ । କେତେଦିନ ଆଉ ମାଡ଼ଗାଳି ଖାଇ ପଡିରହିବ ମକରା ପାଖରେ। ସପ୍ତାହକୁ ତିନିଦିନ କାମକୁ ଗଲେ ଚାରିଦିନ ମଦ ପିଇ ଘରେ ଉତ୍ପାତ କରୁଛି । ତା'ର ପଇସାତକ ସବୁ ସେଇ ନିଶା ପାଣିରେ ଯାଉଛି । ଝିଅଟା ବଡ଼ ହେଲାଣି । ତା'ପାଇଁ କୌଣସି ଚିନ୍ତା ନାହିଁ । କେମିତି ପାଠ ପଢିବ, ବାହାଡୋଳା ହେବ, ତାକୁ ନେଇ କୌଣସି ଯୋଜନା ନାହିଁ । ମୁଣ୍ଡ ଗୁଞ୍ଜିବାକୁ ଘର ଖଣ୍ଡେ ନାହିଁ । ଗୋଷ୍ଠୀରୁ ଲୋନ ଆଣି ସିଲେଇ ମେସିନ କିଣି ସିଲେଇ କରି ମାଆ ଝିଅ ଦୁହେଁ ଯଥାକଥା ଚଳି ଯାଉଥିଲେ । ହେଲେ ନିଆଁନଗା ମଧୁମେହ ରୋଗ ହେବା ଦିନରୁ ସିଲେଇ କାମ ଆଉ କରି ହେଉନି । ମାସେ ତଳେ କଟକ ବଡ଼ ମେଡ଼ିକାଲକୁ ଯାଇଥିଲି ଅସହ୍ୟ ଯନ୍ତ୍ରଣା ହେବାରୁ। ଡାକ୍ତର ପରୀକ୍ଷା କରି କହିଲେ



ଗୋଟିଏ କିଡ଼ନୀ ଖରାପ ହୋଇ ଯାଇଛି। ଚିକିତ୍ସା ପାଇଁ ମାସେ କାଳ ମେଡିକାଲରେ ପଡି ରହିବାକୁ ପଡିଲା । ସୁସ୍ଥ ହୋଇ ଘରକୁ ଫେରିଲା ପରେ ପୁଣି ଯୋଉ ଯନ୍ତ୍ରଣାକୁ ସେଇ ଯନ୍ତ୍ରଣା । ଦିନକୁ ଦିନ ଅସହ୍ୟ ହେଉଛି ଯନ୍ତ୍ରଣା। ଗୋଡ଼ ହାତ ଝିମଝିମ ହେବା ସହିତ ଶରୀର ଅବଶ ଲାଗୁଛି । ଅଧିକାଂଶ ସମୟ ବିଛଣାରେ ପଡି ରହିଲେ ଭଲ ଲାଗୁଛି । କୋଉ କାମରେ ମନ ଲାଗୁନି । ଏ ସବୁର ସରଳ ସମାଧାନ ଭରା ନଈକୁ ଡେଇଁପଡିବା । ଆଖି ପିଛୁଳାକେ ଡେଇଁ ପଡିଲା ଅନ୍ୟମାନଙ୍କ ଅଲକ୍ଷରେ । ପାଖରେ ଥିବା ଲୋକମାନେ ଘଟଣା କଣ ଜାଣିଲା ବେଳକୁ ନିତେଇ ଆଉ ନଥିଲା । ଥିଲା କେବଳ ନିତେଇ ଛାଡି ଯାଇଥିବା ଛତା ଖଣ୍ଡକ।

ବଣରେ ନିଆଁ ବ୍ୟାପିବା ପରି ଖବର ବ୍ୟାପିଗଲା ଆଖପାଖ ଗାଁମାନଙ୍କରେ । ଖବର ପହଞ୍ଚିଲା ମକରା ପାଖରେ । ଏକନିଃଶ୍ୱାସରେ ମକରା ପହଞ୍ଚିଗଲା ବନ୍ଧ ନିକଟରେ । ତଳକୁ ଚାହିଁଲା । ନଈରେ ପ୍ରବଳ ସ୍ରୋତ । ଦେଖିଲେ ଭୟ ଲାଗୁଥିଲା। ମକରା ପହଁରା ଜାଣେ, ପିଲାଦିନେ ଏପଟ ସେପଟ ପାର ହୋଇ ଯାଉଥିଲା । ନଈରେ ଡେଇଁ ନିତେଇକୁ ଖୋଜିବାକୁ ଅଣ୍ଟା ଭିଡ଼ିବା ବେଳକୁ ପାଖରେ ଥିବା ଗାଁ ଲୋକମାନେ ବୁଝାସୁଝା କଲେ । ପୋଲିସକୁ ଖବର ଦେଲେ । ଢେର ସମୟ ପର୍ଯ୍ୟନ୍ତ ପୋଲିସର ଉପସ୍ଥିତିରେ ଓଡ୍ରାଫ ଟିମ୍ ଖୋଜିବା କାର୍ଯ୍ୟ ଜାରି ରଖିଲେ । ହେଲେ ସନ୍ଧ୍ୟା ସୁଦ୍ଧା ନିତେଇର କୌଣସି ପତ୍ତା ମିଳିଲା ନାହିଁ। ଅସରନ୍ତି ଦୁଃଖକୁ ଛାତିରେ ଧରି ମକରା ଫେରିଲା ଘରକୁ । ରାତି ସାରା ନିଦ ନଥିଲା ମକରାକୁ । ନିତେଇର ସ୍ମୃତିରେ ପାହିଯାଇଥିଲା ଲମ୍ବା ରାତିଟା। ବୁଜିଲା ଆଖିର ପତା ଭିତରେ ଦିଶି ଯାଉଥିଲା ନିତେଇ । ନିତେଇ କେବଳ ରହିଯାଇଥିଲା ସ୍ମୃତିରେ, ଦୀର୍ଘଶ୍ୱାସରେ, ଆଖିର ଲୁହରେ।

ସକାଳୁ ସକାଳୁ ମକରା ଧାଇଁଲା ନଈବନ୍ଧ ପାଖକୁ ପୋଲିସର ଖବର ପାଇ । ଭ୍ୟାନରେ ବସେଇ ମକରାକୁ ନେଇଗଲେ ପାଞ୍ଚ କିଲୋମିଟର ଦୂରରେ ଥିବା ଏକ ନଈ ପଠାକୁ। ମୃତ ଦେହକୁ ଦେଖି ମକରା ଚିହ୍ନଟ କଲା ଯେ ସେ ଆଉ କେହି ନୁହେଁ ତା'ର ପ୍ରିୟ ନିତେଇ । ଅସ୍ଥିର ହୋଇପଡୁଥିଲା ମକରାର ଅଷ୍ଟାଙ୍ଗ ଶରୀର। ନିତେଇର ପିନ୍ଧା ଲୁଗାଟା ଅଣ୍ଟା ପର୍ଯ୍ୟନ୍ତ ରହି କାଦୁଅରେ ଭରି ଯାଇଥିଲା। ମୁହଁଟା ଫୁଲି ଯାଇଥିଲା। ଛାତିର ଉଚ୍ଚତା କିଛି ବଢିଯାଇଥିଲା। ନୀଳ ରଙ୍ଗର ବ୍ଲାଉଜ ଭିତରୁ ନିତେଇ ଦେହର ସୌନ୍ଦର୍ଯ୍ୟ ଦୋହଲୁଥିଲା ପାଣିଉପରେ। ମକରା ଧାଇଁଗଲା ନିତେଇ ପାଖକୁ । ନିତେଇର ଶରୀର ନିରବ, ନିଷ୍ଫଳ। କେତେଟୋପା ଅଶ୍ରୁ ଖସିପଡିଲା ମକରାର ଖାଲୁଆ ଆଖିରୁ । ଅଚାନକ ବର୍ଷା ମାଡି ଆସିଲା। ପୋଲିସର ନିର୍ଦ୍ଦେଶରେ ମୃତଦେହକୁ ଆମ୍ବୁଲାନ୍ସରେ ଭର୍ତ୍ତି କରାଗଲା।

ନିତେଇର ମୃତ ଦେହ ପୋଷ୍ଟମର୍ଟମ ପରେ ଆସି ପହଞ୍ଚିଗଲା ମକରା ଘର ସାମ୍ନାରେ । ଚାହୁଁ ଚାହୁଁ ଗାଁ ଲୋକମାନଙ୍କର ଭିଡ଼ ଜମିଗଲା। ଲୋକମାନଙ୍କ ଭିତରେ ଚାପା ଗୁଞ୍ଜରଣ - ନିତେଇ ମରିଗଲା ନାହିଁ ଯେ ତରିଗଲା। ସେମାନଙ୍କ ମଧ୍ୟରୁ ବୟୋଜ୍ୟେଷ୍ଠ ବ୍ୟକ୍ତି ଜଣକ ଭିଡ଼ ଭିତରୁ ବାହାରି ଆସି ମକରାକୁ ପ୍ରଶ୍ନ କଲେ, "ମୁଁ ଶୁଣୁଛି ନିତେଇ ଆତ୍ମହତ୍ୟା କରିଛି । ଏକଥା କଣ ସତ?" ନିଜର ଅବୁଝାପଣକୁ ଭିତରେ ଚାପି ରଖି ମକରା ପାଟିରୁ ବାହାରିଗଲା, ନାଇଁ ଜେଜେ! ନିତେଇର ପାଣିକୁ ଭାରି ଡର । ନଈର ପ୍ରଖର ସ୍ରୋତକୁ ଚାହିଁ ଦେଲେ ତା'ର ମୁଣ୍ଡ ବୁଲାଏ । ମୁଁ ତ ପାଖରେ ନଥିଲି । ବନ୍ଧ ଭାଙ୍ଗି ସୃଷ୍ଟି ହୋଇଥିବା ଘାଇକୁ ଚାହିଁ ଦେବାରୁ ହୁଏତ ସେ ଖସିପଡ଼ିଥିବ ପାଣିକୁ । ସେ ଗଲା ନାହିଁ ଯେ ମୋ ସଂସାରକୁ ଭସେଇ ଦେଇ ଗଲା ।"

ଧୈର୍ଯ୍ୟ ଧର ମକରା, ନିଜକୁ ସମ୍ଭାଳ। ତୋର ଦୁଃଖ ଆମେ ସମସ୍ତେ ବୁଝୁଛୁ । ଏ ଘାଇ ଦେଇଯାଇଥିବା ଦୁଃଖ ତୋର ଏକା ନୁହଁ । ଏଠି ଯେତେ ଲୋକ ରୁଣ୍ଡ ହୋଇଛନ୍ତି ସମସ୍ତଙ୍କୁ କିଛି ନା କିଛି ଦୁଃଖ ଦେଇ ଯାଇଛି ଏ ଘାଇ। ଆମ ବର୍ଷକର ଫସଲ ଉଜୁଡିଗଲା। କ୍ଷତିପୂରଣ ବାବଦରେ ଯାହା ମିଳିବ ତାହା ସମୁଦ୍ରକୁ ଶଙ୍ଖେ। ଶୁଣୁଛି, ବନ୍ୟାରେ ଭାସିଯାଇ ଜୀବନ ହାରିଥିବା ବ୍ୟକ୍ତିମାନଙ୍କ ପାଇଁ ମୁଣ୍ଡ ପିଛା ଦୁଇଲକ୍ଷ ଟଙ୍କା ସହାୟତା ରାଶି ଘୋଷଣା କରିଛନ୍ତି ଆମ ସରକାର। ଛାଡ଼, ସେସବୁ ପଛ କଥା । ଆଗ ଶବ ସତ୍କାର ପାଇଁ ବ୍ୟବସ୍ଥା କର।"

ଭିତରେ ଭାଙ୍ଗି ପଡୁଥିବା ମକରାର ମୁଖମଣ୍ଡଳ ହଠାତ୍ ଉଜ୍ଜଳ ଦିଶିଲା । ଘାଇ ଦେଇ ଯାଇଥିବା ଲାଭ କ୍ଷତିର ହିସାବ କରୁଥିଲା ମନେ ମନେ।

+ ଭୁବନେଶ୍ୱର
ମୋ - ୭୦୦୮୩୪୮୧୭୨

# ତିନି ଦଫା ଦାବିପୂରଣ ପାଇଁ ଆଉଟସୋର୍ସିଙ୍ଗ କର୍ମଚାରୀ ମହାସଂଘର ବିଶାଳ ଆନ୍ଦୋଳନ ନେଇ ସଜବାଜ

ଜୟପୁର,୬/୦୯ (ନି.ପ୍ର): ତିନି ଦଫା ଦାବିପୂରଣ ପାଇଁ ଆଉଟସୋର୍ସିଙ୍ଗ କର୍ମଚାରୀ ମହାସଂଘର ବିଶାଳ ଆନ୍ଦୋଳନ ନେଇ ସଜବାଜ ଆରମ୍ଭ ହେଲାଣି । କଥା ଦେଇ କଥା ରଖୁ ନାହାନ୍ତି ମୋହନ ସରକାର । କ୍ଷମତାକୁ ଆସିବା ଆଗରୁ ଦୃଢ ପ୍ରତିଶୃତି, କ୍ଷମତାରେ ବସିଲା ପରେ ଆଉ ପାଖ ମଡେଇ ଦେଉ ନାହାନ୍ତି। ଗତ ମାର୍ଚ୍ଚ ମାସରେ ଆନ୍ଦୋଳନ ଚାଲିଥିବା ବେଳେ ଦାବି ପୁରଣ ନେଇ ପ୍ରତିଶୃତି ଦେଇଥିଲେ । ହେଲେ ବି କିଛି ଫଳପ୍ରଦ ହେଉନାହିଁ । ୨୪ ବର୍ଷର ସରକାରରେ ବିଭିନ୍ନ କାରଣରୁ ୨୯୭ ଜଣ ଛଟେଇ ହୋଇଥିଲେ । କିନ୍ତୁ, ୨ ବର୍ଷର ସରକାର, ଚାରି ହଜାରରୁ ଉର୍ଦ୍ଧ କର୍ମଚାରୀଙ୍କୁ ଅତ୍ୟନ୍ତ ନିଷ୍ଠୁର, ଅନ୍ୟାୟ ଓ ଅବିଚାରିତ ଭାବେ ଛଟେଇ କରି ସେମାନଙ୍କ ଅସହାୟ ପରିବାରକୁ ଦୁର୍ଦ୍ଦିନ ମଧ୍ୟକୁ ଠେଲି ଦେଇଛନ୍ତି । ବର୍ଷ ବର୍ଷ ଧରି ନିଷ୍ଠାପର ଭାବେ ସେବା ଯୋଗାଇ ଆସୁଥିଲେ ମଧ୍ୟ ସ୍ଥାୟୀ କରାଯାଉନି, ବାରମ୍ବାର ଆବେଦନ ନିବେଦନ କଲେ ମଧ୍ୟ ମୁଖ୍ୟମନ୍ତ୍ରୀ ମହାସଂଘକୁ ଶୁଣିବା ପାଇଁ ଦୁଇ ମିନିଟ ସମୟ ଦେଉନାହାନ୍ତି ମାତ୍ର ବିଭିନ୍ନ ଗଣମାଧ୍ୟମ ମାନଙ୍କ ପ୍ରଶ୍ନରେ ଲୋକଙ୍କ ମୁଖ୍ୟମନ୍ତ୍ରୀ ଉତର ରଖୁଛନ୍ତି ଯେ, ଆମେ ସରଜମିନ ତଦନ୍ତ କରୁଛୁ କିଛି ଭଲ ନିଷ୍ପତି ନିଆଯିବ କିନ୍ତୁ କେବେ ସେ ନିଷ୍ପତି ନେବେ କିଛି ଜଣାପଡିଲା ନାହିଁ । ରାଜ୍ୟର ସମଗ୍ର ଆଉଟସୋର୍ସିଙ୍ଗ କର୍ମଚାରୀଙ୍କୁ ଓଡିଶାର ନାଗରିକ ଭାବେ ବିଚାର କରୁନାହାନ୍ତି ଓ ଆର୍ଥିକ ମାନସିକ ଚାପପକେଇ ସେମାନଙ୍କ ସଂସାରକୁ ରସାତଳକୁ ନେଇଯାଉଛନ୍ତି ବୋଲି ଓଡିଶା ସରକାରୀ ଆଉଟସୋର୍ସିଙ୍ଗ କର୍ମଚାରୀ ମହାସଂଘ ପକ୍ଷରୁ ଅଭିଯୋଗ କରାଯାଇଛି । ସରକାରଙ୍କ ଏଭଳି ଜନ ବିରୋଧୀ ଶୋଷଣ ଓ ଅହଂକାରକୁ ବିରୋଧ କରି ନ୍ୟାୟ ପାଇବା ଆଶାରେ ପୁଣି ଆନ୍ଦୋଳନକୁ ଓହ୍ଲାଇବାକୁ ମହାସଂଘ ସଜବାଜ ହେଲାଣି । ବ୍ଲକ ଠାରୁ ସଚିବାଳୟ ପର୍ଯ୍ୟନ୍ତ କାର୍ଯ୍ୟ କରୁଥିବା ସାରା ଓଡିଶାର ହଜାର ହଜାର କର୍ମଚାରୀଙ୍କ ପ୍ରତିବାଦ । ସମାଗତ ବିକ୍ଷୋଭକାରୀ କର୍ମଚାରୀଙ୍କୁ ଆହ୍ୱାନ ଦେଇ ମହାସଂଘର ନେତୃମଣ୍ଡଳୀ କହିଥିଲେ ଯେ, ବିଗତ ସରକାର ଆଉଟସୋର୍ସିଙ୍ଗ କର୍ମଚାରୀଙ୍କ କିଛି କିଛି ଦାବି ପର୍ଯ୍ୟାୟ କ୍ରମେ ପୂରଣ କରିଥିଲେ ଓ ମୁଖ୍ୟ ଦାବି ଗୁଡିକ ସମାଧାନ ପାଇଁ ଏକ ଆଉଟସୋର୍ସିଙ୍ଗ ଆମ୍ବୁଡ୍ସମ୍ୟାନ ର ବ୍ୟବସ୍ଥା କରିଥିଲେ । କିନ୍ତୁ ବିଜେପି ସରକାର ଆସିଲା ପରେ ଦାବି ପୂରଣ ତ ଦୂରର କଥା ପ୍ରତିଦିନ ବ୍ୟାପକ ଛଟେଇ କରାଯାଉଛି ଓ ମାସ ମାସ ଧରି ଦରମା ଦିଆଯାଉନି । ତିନି ଦଫା ଦାବି ପୂରଣ ପାଇଁ ମହାସଂଘ ପକ୍ଷରୁ ଚଳିତ ବର୍ଷ ଆନ୍ଦୋଳନ କରାଯାଇଥିଲା । ଆନ୍ଦୋଳନ ସ୍ଥଳକୁ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଭାବେ ଦୁଇ ଜଣ ବିଧାୟକ ଆସି ମୁଖ୍ୟମନ୍ତ୍ରୀ ଆଉଟସୋର୍ସିଙ୍ଗ କର୍ମଚାରୀଙ୍କ ସମସ୍ୟା ସମାଧାନ ପାଇଁ ଏକ କମିଟି ଆଇନମନ୍ତ୍ରୀଙ୍କ ଅଧକ୍ଷତାରେ ଗଠନ କରିଛନ୍ତି ବୋଲି ଘୋଷଣା କଲେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ମଧ୍ୟ କରେଇଦେଲେ । କିନ୍ତୁ ମାସ ମାସ ବିତିଥିଲେ ବି ମୁଖ୍ୟମନ୍ତ୍ରୀ ସମୟ ଦେଲେ ନାହିଁ କି ସମସ୍ୟାର ସମାଧାନ ପାଇଁ ସାମାନ୍ୟ ସୌଜନ୍ୟତା ପ୍ରକାଶ କଲେ ନାହିଁ । ଅଧିକନ୍ତୁ ବିଭିନ୍ନ ମେଳା ମହୋତ୍ସବରେ ଭାଷଣ ପାଇଁ ସମୟ ପାଉଥିବା ଲୋକଙ୍କ ମୁଖ୍ୟମନ୍ତ୍ରୀ ଅସହାୟ ଶୋଷିତ କର୍ମଚାରୀଙ୍କ ସହ ଆଲୋଚନା ପାଇଁ ୫ ମିନିଟ ସମୟ ଦେଉ ନାହାନ୍ତି ଅଧିକନ୍ତୁ ଆଉଟସୋର୍ସିଙ୍ଗ କର୍ମଚାରୀଙ୍କୁ ନୀଚ ଓ ବିଶ୍ୱାସଯୋଗ୍ୟ ନୁହନ୍ତି ବୋଲି ନିମ୍ନରୁଚିର ମନ୍ତବ୍ୟ ଦେଇଚାଲିଛନ୍ତି । ପୂର୍ବ ସରକାରରେ ଅମଲାରାଜ ଚାଲୁଥିଲା ବୋଲି ଅପପ୍ରଚାର କରୁଥିବା ବିରୋଧୀ ଦଳ ନିଜେ କ୍ଷମତାକୁ ଆସିବା ପରେ ଉଚ୍ଚ ପଦବୀରେ ଥିବା ଅମଲା ମାନଙ୍କ ଚକ୍ରବ୍ୟୁହରେ ଫସିଥିବା ସ୍ପଷ୍ଟ ହୋଇଯାଇଛି । ୨୪ ବର୍ଷ ମଧ୍ୟରେ ଆଉଟସୋର୍ସିଙ୍ଗ କର୍ମଚାରୀଙ୍କ ପ୍ରତି ଯେଉଁ ଅତ୍ୟାଚାର ଓ ଶୋଷଣ ହୋଇ ନଥିଲା, ତାହା ଏବେ ଭୟଙ୍କରଭାବେ କରାଯାଉଛି ବୋଲି ନେତୃମଣ୍ଡଳୀ ଅଭିଯୋଗ କରିଥିଲେ । ବହୁ ନିବେଦନ ପରେ ଯେତେବେଳେ ଆଉଟସୋର୍ସିଙ୍ଗ କର୍ମଚାରୀଙ୍କ ପ୍ରତି ଓ ସେମାନଙ୍କ ନ୍ୟାୟସଙ୍ଗତ ତିନି ଦଫା ଦାବି ପ୍ରତି ସରକାରଙ୍କ ମାନସିକତାର ପରିବର୍ତନ ହେଉନାହିଁ ଏବଂ ଦାବି ପୂରଣ ନ କରି ପ୍ରତିଦିନ ଛଟେଇ, ଦରମା ବନ୍ଦ ଭଳି କୁଣ୍ଠିତ ବ୍ୟବସ୍ଥା ଜାରି ରହିଛି । ରାଜ୍ୟ ସରକାର ନିଜେ ଆଉଟସୋର୍ସିଙ୍ଗ କର୍ମଚାରୀଙ୍କ ସମସ୍ୟାର ସମାଧାନ ନିମନ୍ତେ ଆଇନ ମନ୍ତ୍ରୀଙ୍କ ଅଧକ୍ଷତାରେ ଏକ କମିଟି କଥା ଘୋଷଣା କରିଥିଲେ ସୁଦ୍ଧା କାହିଁକି ଉକ୍ତ କମିଟି ସହ ମୁଖ୍ୟମନ୍ତ୍ରୀ ଆଲୋଚନାକରି ସମସ୍ୟା ସମାଧାନ କରୁନାହାନ୍ତି ବୋଲି ପ୍ରଶ୍ନ କରିଛି ସଂଘ । ଦୀର୍ଘ ବର୍ଷର ସଫଳ ସେବା ଓ ଅଭିଜ୍ଞତାକୁ ଆଧାର କରି ସ୍ଥାୟୀ କରିବା, ଛଟେଇ ବନ୍ଦ ସହ ଛଟେଇ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ଓ ଡେଲି ୱେଜେସ ଆଉଟସୋର୍ସିଙ୍ଗ ଦୈତ୍ୟ ବ୍ୟବସ୍ଥା ବଦଳରେ ଏକକ ବ୍ୟବସ୍ଥା ଗ୍ରହଣ କରିବା ଓ ସ୍ଥାୟୀ ହେବା ପର୍ଯ୍ୟନ୍ତ ଚାକିରି ନିରାପତ୍ତା ଯୋଗାଇ ଦେବା ଆଦି ତିନି ଦଫା ଦାବି ନେଇ ଆନ୍ଦୋଳନ କରିବାକୁ ସଜବାଜ ହେଉଛି ମହାସଂଘ ।

# ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ସମାରୋହ

ନୂଆପଡା,୬/୦୯ (ନି.ପ୍ର): ଆଲୋକ ଓ ଅମୃତର କବି ଥିଲେ ସ୍ୱଭାବ କବି ଗଙ୍ଗାଧର ମେହେର। ତାଙ୍କ ସାହିତ୍ୟରେ ପ୍ରକୃତିର ଅପୂର୍ବ ବର୍ଣ୍ଣନା ସହିତ ଜୀବନ ଦର୍ଶନର ଗଭୀର ଛାପ ରହିଛି। ତାଙ୍କ ସୃଷ୍ଟି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିବା ସହ ଆଜି ମଧ୍ୟ ପାଠକଙ୍କୁ ପ୍ରେରଣା ଯୋଗାଇ ଆସୁଛି ବୋଲି ଖଡ଼ିଆଳ ସାହିତ୍ୟ ସମିତି ଆନୁକୂଲ୍ୟରେ ଆୟୋଜିତ ଗଙ୍ଗାଧର ମେହେରଙ୍କ ଜୟନ୍ତୀ ସମାରୋହରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଓଡ଼ିଶାର ସର୍ବପୁରାତନ ସାହିତ୍ୟାନୁଷ୍ଠାନ ଭାବେ ପରିଚିତ ଖଡ଼ିଆଳ ସାହିତ୍ୟ ସମିତି ପକ୍ଷରୁ ଏହି ଜୟନ୍ତୀ ସମାରୋହ ଖଡ଼ିଆଳ ରାଜ ଦରବାରରେ ଆଜି ଆୟୋଜିତ ହୋଇଥିଲା। ସୁସାହିତ୍ୟିକ ତଥା ଅବସରପ୍ରାପ୍ତ ପ୍ରାଧ୍ୟାପକ ଲୋହିତାକ୍ଷ ଯୋଷୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସଙ୍ଗୀତ ସୌରଭ ନନ୍ଦଲାଲ ବାରିକ ମୁଖ୍ୟ ଅତିଥି, ବିଶିଷ୍ଟ କବି ନୀଳଲୋହିତ ସିଂହଦେଓ ମୁଖ୍ୟବକ୍ତା ଏବଂ ଶିକ୍ଷାବିତ୍ ସତୀଶ କୁମାର ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମିତିର ଯୁଗ୍ମ ସମ୍ପାଦକ ଆଦିତ୍ୟ ନାରାୟଣ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଦସ୍ୟ ଚତୁର୍ଭୁଜ ସିଂହଦେଓ ଧନ୍ୟବାଦ ଅର୍ପଣ କରିଥିଲେ। କବି ଅବକାଶ ନାରାୟଣ ପଣ୍ଡା ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ସମାରୋହରେ ଖଡ଼ିଆଳ ରାଜାସାହେବ ଦେବଦେବ ସିଂହଦେଓ, ଡକ୍ଟର ତରୁଣ କୁମାର ପ୍ରଧାନ, ନବୀନ କିଶୋର ପାଢ଼ୀ, ଡୋଲା ମୋହନ ସିଂହ ବାବୁ, ଗୌରାଙ୍ଗ କୁମାର ସାହୁ, କ୍ଷେମରାଜ ମହାପାତ୍ର, ଉପେନ୍ଦ୍ର କୁମାର ପାଣିଗ୍ରାହୀ, ଖରତ ଚନ୍ଦ୍ର ବାରିକ, ଗୋବର୍ଦ୍ଧନ ସାହୁ, ନନ୍ଦ କିଶୋର ପ୍ରଧାନୀ, ଅଶ୍ୱିନୀ କୁମାର ପାଣିଗ୍ରାହୀ, ମୁକୁନ୍ଦ ପୁଟେଲ, ସଂଗ୍ରାମ ସିଂ ଠାକୁର, ବ୍ରଜମୋହନ ମେହେର, ରମାକାନ୍ତ ସିଂହ ସାହାଣୀଙ୍କ ସମେତ ସାହିତ୍ୟପ୍ରେମୀ ଓ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ।

# ପାରମ୍ପରିକ କଳା ଓ କାରିଗରଙ୍କ ସମ୍ମାନ ପାଇଁ ସଂପର୍କ ଓ ପାରମ୍ପରିକ ହସ୍ତଶିଳ୍ପ ଗୁରୁକୁଳର ପ୍ରୟାସ

ପୁରୀ,୬/୦୯ (ନି.ପ୍ର): ପାରମ୍ପରିକ ହସ୍ତଶିଳ୍ପ, ହସ୍ତତନ୍ତ ତଥା ଓଡ଼ିଶାର ସମୃଦ୍ଧ କଳା ଓ ସଂସ୍କୃତିର ସୁରକ୍ଷା, ପ୍ରଚାର-ପ୍ରସାର ଏବଂ କାରିଗରମାନଙ୍କୁ ଉପଯୁକ୍ତ ବଜାର ସହ ଯୋଡ଼ିବା ଓ ସେମାନଙ୍କୁ ସମ୍ମାନ ପ୍ରଦାନ ଉଦ୍ଦେଶ୍ୟରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପୁରୀରେ ସଫଳତାର ସହ ସମାପ୍ତ ହୋଇଛି। ପାରମ୍ପରିକ ହସ୍ତଶିଳ୍ପ ଗୁରୁକୁଳ ଓ 'ସଂପର୍କ' ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ପାରମ୍ପରିକ କଳା, ଶିଳ୍ପୀ ଓ କାରିଗରମାନଙ୍କ ଅବଦାନକୁ ସମ୍ମାନିତ କରାଯିବା ସହ ଏହି ଐତିହ୍ୟକୁ ନୂଆ ପିଢ଼ି ନିକଟରେ ପହଂଚାଇବା ଉପରେ ଗୁରୁତ୍ୱ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଟେରାକୋଟା, ପଟ୍ଟଚିତ୍ର, ହସ୍ତତନ୍ତ, ପାରମ୍ପରିକ ଅଳଙ୍କାର, ମାଟି ଶିଳ୍ପ ସମେତ ବିଭିନ୍ନ ଲୋକକଳା ଓ ହସ୍ତଶିଳ୍ପର କଳାକୃତି ପ୍ରଦର୍ଶିତ ହୋଇଥିଲା। ବିଭିନ୍ନ ପାରମ୍ପରିକ ଶିଳ୍ପ ସହ ଜଡ଼ିତ କାରିଗର ଓ ଶିଳ୍ପୀମାନେ ନିଜର ସୃଜନଶୀଳତା, କଳାକୃତି ଓ କାରିଗରୀ ଦକ୍ଷତା ପ୍ରଦର୍ଶନ କରିଥିଲେ। ମୁଖ୍ୟ ଅତିଥି ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସମରେନ୍ଦ୍ର ସାହୁ କହିଥିଲେ, "ପାରମ୍ପରିକ କଳା ଓ ହସ୍ତଶିଳ୍ପକୁ ଜୀବନ୍ତ ରଖିବା ପାଇଁ ଯୁବପିଢ଼ିଙ୍କ ଅଧିକ ଭାଗୀଦାରି ଆବଶ୍ୟକ। କାରିଗରମାନଙ୍କୁ ଉପଯୁକ୍ତ ବଜାର, ସମ୍ମାନ ଓ ସୁଯୋଗ ମିଳିଲେ ଓଡ଼ିଶାର ଏହି ଅମୂଲ୍ୟ ଐତିହ୍ୟ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଆହୁରି ପରିଚିତ ହୋଇପାରିବ।ପୂର୍ବତନ ପ୍ରଶାସକ ପଦ୍ମନାଭ ପଣ୍ଡା କହିଥିଲେ, "ହସ୍ତଶିଳ୍ପ କ୍ଷେତ୍ରରେ ମହିଳା କାରିଗରମାନଙ୍କ ଅବଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମହିଳା କାରିଗରଙ୍କୁ ଆବଶ୍ୟକ ପ୍ରଶିକ୍ଷଣ, ବଜାର ସୁଯୋଗ ଓ ପ୍ରୋତ୍ସାହନ ମିଳିଲେ ସେମାନେ ଆର୍ଥିକ ଭାବେ ଅଧିକ ସ୍ୱାବଲମ୍ବୀ ହୋଇପାରିବେ। ଏଥିସହ ପାରମ୍ପରିକ କଳାର ସୁରକ୍ଷା ମଧ୍ୟ ନିଶ୍ଚିତ ହେବ। ଅବସରପ୍ରାପ୍ତ ଖାଉଟି ବିଭାଗ ଅଧିକାରୀ ସନ୍ତୋଷ କୁମାର ମହାନ୍ତି କହିଥିଲେ, "କାରିଗରମାନେ ଯେଉଁ ଉତ୍ପାଦ ତିଆରି କରୁଛନ୍ତି, ତାହାର ଗୁଣବତା ସହ ଉପଯୁକ୍ତ ମୂଲ୍ୟ ଓ ଗ୍ରାହକଙ୍କ ବିଶ୍ୱାସ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। କାରିଗରଙ୍କ ଉତ୍ପାଦକୁ ସିଧାସଳଖ ଗ୍ରାହକଙ୍କ ନିକଟରେ ପହଂଚାଇବା ଏବଂ ନ୍ୟାୟସଙ୍ଗତ ବଜାର ସୃଷ୍ଟି କରିବା ଦିଗରେ ଏଭଳି ପଦକ୍ଷେପ ଅତ୍ୟନ୍ତ ପ୍ରଶଂସନୀୟ ।ହସ୍ତ ଶିଳ୍ପ ବିକାଶ ଉନ୍ନୟନ,ଭାରତ ସରକାରଙ୍କ ଉପନିର୍ଦ୍ଦେଶକ ଯୋଗ ଦେଇ କହିଥିଲେ କହିଥିଲେ, "ଆମ ପାରମ୍ପରିକ କଳା ଓ କାରିଗରୀ ପରମ୍ପରା ପିଢ଼ି ପରେ ପିଢ଼ି ଆସିଛି। ଏହାକୁ ଆଗାମୀ ପିଢ଼ି ନିକଟରେ ପହଂଚାଇବା ଆମ ସମସ୍ତଙ୍କ ଦାୟିତ୍ୱ।

## ବିନା ସୂଚନା ଫଳକରେ ନିର୍ମାଣ ହେଉଛି ସରକାରୀ କୋଠା

ଘଟଗାଁ,୬/୦୯ (ନି.ପ୍ର):ବିନା ସୂଚନା ଫଳକରେ ନିର୍ମାଣ ହେଉଛି ସରକାରୀ କୋଠା ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀ ନିରବ ଥିବାବେଳେ ନିମ୍ନମାନର କାମକରି ଠିକାଦାର ମାଲେ ମାଲ ହେଉଛି। ଏଭଳି ଖବର ଘଟଗାଁ ବ୍ଲକ ବର୍ହାଟିପୁରା ପଂଚାୟତ ଅଧୀନରେ ନିର୍ମାଣ ହେଉଥିବା ଏକ ସରକାରୀ କୋଠା ତାହାର କୌଣସି ସୂଚନା ନାହିଁ। ସରକାରୀ ନିୟମ ଅନୁଯାୟୀ ଯେ କୌଣସି ଆରମ୍ଭ ହେବା ପୂର୍ବରୁ କାର୍ଯ୍ୟର ସମ୍ପୂର୍ଣ ବିବରଣୀ ଫଳକରେ ଉଲ୍ଲେଖ କରି କାର୍ଯ୍ୟ ଆରମ୍ଭ କରିବା ନିୟମ ରହିଛି ।ବର୍ହାଟିପୁରା ପଂଚାୟତ ଅଧୀନରେ ନିର୍ମାଣ ହେଉଥିବା କୋଠା କେଉଁ ବିଭାଗର ଓ କେଉଁ କୋଠା ନିର୍ମାଣ ହେଉଛି ତାହାର କିଛି ସୂଚନା ନାହିଁ ।ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ପ୍ଲିଂଚ ପତନରେ ବାଲି ଭର୍ତ୍ତ କରି ମେଂଟାଲିଂ କରିବା ପରିବର୍ତ୍ତେ ଧଳା ମୁରୁଜ ମାଟି ପକାଇ ମେଂଟାଲିଂ କରିଛନ୍ତି। କଂକ୍ରିଟ ଢଳାଇ ଓ ଇଟା ଯୋଡ଼ାଇ ଲାଗି ଆବଶ୍ୟକ ପରିମାଣ ସିମେଂଟଠାରୁ କମ ପରିମାଣର ସିମେଂଟଦେଇ କାମ କରୁଛନ୍ତି। ଏହାକୁ ନେଇ ଏବେ ଜନ ସାଧାରଣରେ ଦାବୀ ବ୍ଲକ ପ୍ରଶାସନ ଏହାର ତଦନ୍ତ କରି କେଉଁ ବିଭାଗର କାମ କେତେ ଟଙ୍କାର କାମ ତଦନ୍ତ କରି ସୂଚନା ଫଳକ ଲଗାଇ ସଠିକ ନିୟମ ଅନୁଯାୟୀ କାର୍ଯ୍ୟ କରନ୍ତୁ।

# ଭୁବନ ଜଗନ୍ନାଥ ମନ୍ଦିରରେ ଶାଳଗ୍ରାମ ସ୍ଥାପନ

ଭୁବନ,୬/୦୯ (ନି.ପ୍ର): ଅତ୍ୟନ୍ତ ଉତ୍ସାହ,ଉଦ୍ଦୀପନା,ଶ୍ରଦ୍ଧା, ଭକ୍ତି ଓ ଆଧ୍ୟାତ୍ମିକ ପରିବେଶରେ ଶନିବାର ଭୁବନ ଜଗନ୍ନାଥ ମନ୍ଦିରରେ ଦୁର୍ଲଭ ଶାଳଗ୍ରାମ ସ୍ଥାପନ କରାଯାଇଛି । ଦୁର୍ଲଭ ଶାଳଗ୍ରାମକୁ ସ୍ୱାଗତ ଓ ଦର୍ଶନ କରିବା ସହ ନିମନ୍ତେ ଶନିବାର ମଧ୍ୟାହ୍ନରେ ମା କାଳୁଣୀ ଦେବୀ ଙ୍କ ମନ୍ଦିର ନିକଟରେ ସହସ୍ରାଧିକ ଶ୍ରଦ୍ଧାଳୁ ଭକ୍ତଙ୍କ ସମାବେଶ ହୋଇଥିଲା । ମଧ୍ୟାହ୍ନ ୧୨ଟା ସମୟରେ ପୁରୀ ଗୋବର୍ଦ୍ଧନ ମଠ ସଚିବ ପଣ୍ଡିତ ମାତୃ ପ୍ରସାଦ ମିଶ୍ର ଓ ବ୍ରହ୍ମପୁର ଚନ୍ଦ୍ରଚୁଡ଼େଶ୍ୱର ମନ୍ଦିରରୁ ଭଗବତ ଭକ୍ତ ଗୋପାଳ ରାଓ ଜୀ ଦୁର୍ଲଭ ଶାଳଗ୍ରାମ ଭଗବାନ ଏକ ସୁସଜ୍ଜିତ ଗାଡ଼ିରେ ପହଂଚିବା ପରେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ସଭାପତି ତଥା ନଗରପାଳ ଶୁଭେନ୍ଦୁ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ସହସ୍ରାଧିକ ଶ୍ରଦ୍ଧାଳୁ ଭକ୍ତ ହରିବୋଲ, ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନି ଦେଇ ଗଗନ ପବନ ପ୍ରକମ୍ପିତ କରିଥିଲେ । ସଂକୀର୍ତନ ମଣ୍ଡଳୀ,ମାତୃ ମଣ୍ଡଳୀ ଓ ସହସ୍ରାଧିକ ଶ୍ରଦ୍ଧାଳୁ ଭକ୍ତଙ୍କ ଗହଣରେ ଏକ ପାଲିଙ୍କିରେ ବ୍ରହ୍ମସ୍ୱରୁପ ଶାଳଗ୍ରାମକୁ ରଖି ବିରାଟ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇ ଶାଳଗ୍ରାମକୁ ଜଗନ୍ନାଥ ମନ୍ଦିରକୁ ନିଆଯାଇଥିଲା। ଜଗନ୍ନାଥ ମନ୍ଦିର ମୁଖ୍ୟ ପୂଜକ ତୁଷାରକାନ୍ତି ମିଶ୍ରଙ୍କ ସମେତ ଆଦ୍ୟ ସେବକ ରାମଚନ୍ଦ୍ର ରାଉତ,ଶ୍ରୀ ଜଗନ୍ନାଥ ଚାରି ଟେବୁଲ ଟ୍ରଷ୍ଟ ସମ୍ପାଦକ ନିରଞ୍ଜନ ଗୁରୁ,ଦଶହରା ବଳଦ ଯାତ୍ରା କମିଟି ମୁଖ୍ୟ ଅଧ୍ୟାପକ ଦିଲ୍ଲୀପ କୁମାର ଦାସ,ଗୋପୀନାଥ ମହାନ୍ତି,ସୁବ୍ରତ କୁମାର ସାହୁ,ସନାତନ ସାହୁ,ସତ୍ୟାନନ୍ଦ ପୃଷ୍ଟି,ସୁରେନ୍ଦ୍ର ସାହୁ,ନରହରି ସାହୁ,କାଉନସିଲର ଗିରିଧାରୀ ସାହୁ,ପପୁ କୁମାର ସାହୁ,ନରେନ୍ଦ୍ର ବେହେରା, କାଳନ୍ଦି ସାହୁ,ଖଗେଶ୍ୱର ନାୟକ, ଜ୍ୟୋତିଷ କୁମାର ସାହୁ,ସୁଶାନ୍ତ କୁମାର ପୃଷ୍ଟି ପ୍ରମୁଖ ବହୁ ଜଗନ୍ନାଥ ପ୍ରେମୀ ଉପସ୍ଥିତ ରହି ଶ୍ରୀ ଜଗନ୍ନାଥ ମନ୍ଦିରରେ ଶାଳଗ୍ରାମ ଭଗବାନଙ୍କ ସ୍ଥାପନା ଓ ପ୍ରତିଷ୍ଠାରେ ସହଯୋଗ କରିଥିଲେ ।

# ବିଷାକ୍ତ ଚିତି ସାପ ନେଲା ଦମ୍ପତିଙ୍କ ଜୀବନ: ଅନାଥ ହେଲେ ୨ ନାବାଳକ

ଭଦ୍ରକ,୬/୦୯ (ନି.ପ୍ର): ଭଦ୍ରକ ଜିଲ୍ଲା ତିହିଡି ବ୍ଲକ ଗୋବିନ୍ଦପୁର ପଂଚାୟତ ଅଧିନ ମଧୁପୁର ଗ୍ରାମରେ ଏକ ବିଷାକ୍ତ ସାପ ଦମ୍ପତିଙ୍କ ଜୀବନ ନେବା ଘଟଣା ଶୋକାକୁଳ ପରିବେଶ ସୃଷ୍ଟିକରିଛି ।ସ୍ତ୍ରୀ ମୃତ୍ୟୁର ଦିନକ ପରେ ସ୍ୱାମୀଙ୍କର ମୃତ୍ୟୁ ଘଟିଥିବା ଜଣାଯାଇଛି । ଏହି ଦମ୍ପତି ହେଉଛନ୍ତି ପ୍ରମିଳା ବାରିକ (୪୨) ଏବଂ ତାଙ୍କ ସ୍ୱାମୀ ପରମାନନ୍ଦ ବାରିକ (୪୫) । ଘଟଣାରୁ ପ୍ରକାଶ ଯେ, ବୁଧବାର ରାତିରେ ପ୍ରମିଳା ଘରେ ଶୋଇଥିବା ବେଳେ ତାଙ୍କ ପେଟରେ ଯନ୍ତ୍ରଣା ହେବାରୁ ତାଙ୍କୁ ତିହିଡ଼ି ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତି କରାଯାଇଥିଲା । ପରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଥିବାବେଳେ ଗୁରୁବାର ତାଙ୍କର ମୃତ୍ୟୁ ଘଟିଥିଲା । ତେବେ ସେହିଦିନ ରାତିରେ ମୃତା ମହିଳାଙ୍କ ସ୍ୱାମୀ ପରମାନନ୍ଦ ଘରେ ଶୋଇଥିବା ବେଳେ ତାଙ୍କର ଶରୀରରେ ସେହିଭଳି ଯନ୍ତ୍ରଣା ହୋଇଥିଲା । ତାଙ୍କୁ ଚିକିତ୍ସା ପାଇଁ ତିହିଡ଼ି ଡାକ୍ତରଖାନାକୁ ନିଆଯିବା ବେଳେ ତାଙ୍କୁ ସାପ କାମୁଡ଼ିଥିବା ପରମାନନ୍ଦ କହିଥିଲେ । ତେବେ ତିହିଡ଼ିରୁ ତାଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରାଯାଇଥିଲା । ଶୁକ୍ରବାର ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା ।କଟକ ଡାକ୍ତର ଖାନା ଯିବା ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଥିଲା । ତେବେ ସେହି ଦମ୍ପତିଙ୍କ ମୃତ୍ୟୁ ଏକ ପ୍ରକାର ହୋଇଥିବାରୁ ପ୍ରମିଳାଙ୍କର ମଧ୍ୟ ସାପ କାମୁଡ଼ାରେ ମୃତ୍ୟୁ ଘଟିଥିବାର ସନ୍ଦେହ କରାଯାଇ ଭଦ୍ରକର ସାପଧରାଳି ମିର୍ଜା ଆରିଫ ବେଗ୍ଙ୍କୁ ଡକାଯାଇଥିଲା। ସେ ଉକ୍ତ ଗ୍ରାମରେ ପହଂଚି ଉଭୟ ସ୍ୱାମୀ-ସ୍ତ୍ରୀ ଶୋଇଥିବା ଘରୁ ଏକ ବିଷାକ୍ତ ଚିତି ସାପ ଉଦ୍ଧାର କରିଛନ୍ତି। ଏଣୁ ଉଭୟ ସ୍ୱାମୀ-ସ୍ତ୍ରୀଙ୍କର ମୃତ୍ୟୁ ସେହି ସାପ କାମୁଡାରେ ହୋଇଥିବାର ଜଣାପଡିଛି। ଗ୍ରାମବାସୀ ଘଟଣା ସମ୍ପର୍କରେ ପୋଲିସ ଓ ପ୍ରଶାସନକୁ ଅବଗତ କରିଛନ୍ତି । ଶନିବାର ଦମ୍ପତିଙ୍କ ମୃତଦେହକୁ ବ୍ୟବଚ୍ଛେଦ କରାଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ଜଣାଯାଇଛି । ତେବେ ଦମ୍ପତିଙ୍କ ଦୁଇଟି ନାବାଳକ ସନ୍ତାନ ଅଛନ୍ତି।

# ଡ଼କାୟତି ଓ ଛୁରି ଲଗାଇ ଧମକ ମାମଲା : ୫ ଅଭିଯୁକ୍ତ ଗିରଫ

ଜୟପୁର,୬/୦୯ (ନି.ପ୍ର): କୋରାପୁଟ ଜିଲା ଜୟପୁର ସଦର ପୋଲିସ ଡକାୟତି ମାମଲାରେ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ଜୟପୁର ସଦର ଥାନା ଅନ୍ତର୍ଗତ ଦାମାପୁଟ ପରଜାଗୁଡ଼ା ନିକଟସ୍ଥ ଏକ ଫାର୍ମହାଉସ୍ ରେ ଡ଼କାୟତି କରିବା ସହ ମହିଳାଙ୍କୁ ଅସଦାଚରଣ କରିବା ମାମଲାରେ ୫ ଜଣ ଅଭିଯୁକ୍ତଙ୍କୁ ସଦର ପୋଲିସ ଗିରଫ କରିଛି । ଗିରଫ ୫ ଅଭିଯୁକ୍ତ ହେଲେ ଦାମାପୁଟ ପରଜାଗୁଡା ଗ୍ରାମର ହରିବନ୍ଧୁ ନାଗ (୬୬), ସୌରାଗୁଡା ଧନପତି ନାଗ (୩୫), ଇରିଗେସନ କୋଲନିର ଅନିତ କୁଳଦିପ (୩୦) ଓ ପପୁ ସୁନା (୨୦), କୁନ୍ଦୁରା ଥାନା ମୁଶଲିଯବା ଗ୍ରାମର ସୁବାସ ହରିଜନ (୨୧) । ବିଳମ୍ବିତ ରାତିରେ ୫ ଜଣ ମୁଖାପିନ୍ଧା ଦୁର୍ବୃତ ଘରେ ପଶି ପରିବାର ସଦସ୍ୟଙ୍କୁ ମାଡ଼ ମାରିବା ସହ ବନ୍ଧକ ରଖି ଲୁଟ୍ କରିଥିଲେ । ଏପରିକି ଶିଶୁଙ୍କ ବେକରେ ଛୁରି ଲଗାଇ ହତ୍ୟା ଧମକ ଦେବା ଏବଂ ମହିଳାଙ୍କ ସହ ଅସଦାଚରଣ କରିଥିବା ନେଇ ଗତ ୧୩ ତାରିଖରେ ଅଭିଯୋଗ ହୋଇଥିଲା । ଅଭିଯୋଗ ଅନୁଯାୟୀ, ରାତି ପ୍ରାୟ ୧୨ଟା ସମୟରେ ଫାର୍ମହାଉସ୍ ରେ ରହୁଥିବା ମନୁ ଯାନି (୪୧) ଘର ବାହାରକୁ ଆସିଥିଲେ। ଏହି ସମୟରେ ମୁହଁରେ ମାସ୍କ ପିନ୍ଧିଥିବା ୫ ଜଣ ଅଜଣା ଯୁବକ ତାଙ୍କୁ ପଛପଟୁ ଆକ୍ରମଣ କରିଥିଲେ। ତାଙ୍କୁ ମାଡ଼ ମାରି ଘର ଭିତରକୁ ନେବା ପରେ ବାନ୍ଧି ଦେଇଥିଲେ। ପରେ ତାଙ୍କ ସ୍ତ୍ରୀଙ୍କୁ ମାଡ଼ ମାରିବା ସହ ଲୁଗାପଟା ଟଣାଓଟରା କରି ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ତାଙ୍କ କାନ ଓ ନାକରୁ ସୁନା ଅଳଙ୍କାର ଛଡ଼ାଇ ନେବା ସହ ଘରୁ ନଗଦ ୮ ହଜାର ଟଙ୍କା ଓ ଗୋଟିଏ ମୋବାଇଲ ଫୋନ୍ ଲୁଟ କରିବା ସହ ମନୁ ଯାନିଙ୍କୁ ଭୟଭୀତ କରି ପଡ଼ୋଶୀ ତିଲି ସାନ୍ତା (୩୪)ଙ୍କ ପରିବାରକୁ ଡକାଇଥିଲେ। ତିଲି ସାନ୍ତା, ତାଙ୍କ ସ୍ତ୍ରୀ ଓ ପିଲାମାନେ ବାହାରକୁ ଆସିବା ପରେ ସେମାନଙ୍କୁ ମଧ୍ୟ ମାଡ଼ ମାରିବା ସହ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ତିଲି ସାନ୍ତାଙ୍କ ପରିବାରର ସଦସ୍ୟଙ୍କ କାନ ଓ ନାକରୁ ଅଳଙ୍କାର ଛଡ଼ାଇ ନେଇଥିଲେ। ଏପରିକି ତାଙ୍କ ଛୋଟ ପିଲାମାନଙ୍କ ବେକରେ ଛୁରି ଲଗାଇ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ଅଭିଯୋଗ ହୋଇଥିଲା । ତିଲି ସାନ୍ତାଙ୍କ ଘରୁ ନଗଦ ୫ ହଜାର ଟଙ୍କା ଓ ଗୋଟିଏ ମୋବାଇଲ ଫୋନ୍ ଲୁଟ୍ କରିଥିଲେ। ଲୁଟେରାମାନେ ନଗଦ ଟଙ୍କା ଓ ଅଳଙ୍କାର ସହ । ଫାର୍ମହାଉସ୍ ରୁ ୪ଟି କୁକୁଡ଼ା, ୨ଟି କୁଡ଼ିକି, ଗୋଟିଏ ଶାବଳ, ଗୋଟିଏ ଗାଗଡ଼ା ଓ ଗୋଟିଏ ଟାଙ୍ଗିଆ ମଧ୍ୟ ନେଇ ପଳାଇଥିବା ଅଭିଯୋଗ ହୋଇଛି। ଘଟଣା ସମ୍ପର୍କରେ ପୋଲିସକୁ ଜଣାଇଲେ ଜୀବନରୁ ମାରିଦେବାକୁ ଧମକ ଦେଇ ଦୁର୍ବୃତମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଘଟଣାକୁ ନେଇ ମନୁ ଯାନି ଜୟପୁର ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ଜୟପୁର ସଦର ଥାନା ପୋଲିସ ୨୬୩ ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତରେ ସମ୍ପୃକ୍ତ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଲୁଟ୍ ସାମଗ୍ରୀ ଜବତ କରିଛି କ୍ଷ ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଥିବା ବିଷୟ ଜୟପୁର ସଦର ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

# ବାର୍ଷିକ ବ୍ୟବସାୟିକ ଉତ୍କର୍ଷ ଶିଖର ସମ୍ମିଳନୀ- ୨୦୨୬ ଆୟୋଜିତ

ସୁବର୍ଣପୁର,୬/୦୯ (ନି.ପ୍ର): ଜାଭିଅର ଇନଷ୍ଟିଚ୍ୟୁଟ ଅଫ୍ ମ୍ୟାନେଜମେଂଟ, ଭୁବନେଶ୍ୱର ଠାରେ ୮ମ ବ୍ୟବସାୟିକ ଉତ୍କର୍ଷ ଶିଖର ସମ୍ମିଳନୀ ୨୦୨୬ ଅନୁଷ୍ଠିତ ହୋଇଯାଇଛି । "ସ୍ଥିତିସ୍ଥାପକ ବ୍ୟବସାୟ ନିର୍ମାଣ - ଏକ ସ୍ଥାୟୀ ଭବିଷ୍ୟତ ଗଢ଼ିବା ପାଇଁ ବିପଦ ସହ ମୁକାବିଲା" ବିଷୟବସ୍ତୁ କୁ ନେଇ ଆୟୋଜିତ ବ୍ୟାବସାୟିକ ଉତ୍କର୍ଷ ଶିଖର ସମ୍ମିଳନୀ -୨୦୨୬ ସଫଳତାର ସହ ଉଦଯାପିତ ହୋଇଥିଲା । ଦୁଇ ଦିନିଆ ଏହି ସମିଟ୍ରେ ଶିଳ୍ପ ଜଗତର ନେତୃବୃନ୍ଦ, ଅଧ୍ୟାପକ, ଛାତ୍ରଛାତ୍ରୀ ଏବଂ ପୂର୍ବତନ ଛାତ୍ରଛାତ୍ରୀ ଏକତ୍ରିତ ହୋଇ ସ୍ଥିତିସ୍ଥାପକତା, ନେତୃତ୍ୱ, ପ୍ରଯୁକ୍ତି, ପରିବେଶ-ସାମାଜିକ- ପରିଚାଳନା, କୃତ୍ରିମ ବୁଦ୍ଧିମତା ଏବଂ ବିଶ୍ୱ ପରିଚାଳନା ଉପରେ ଆଲୋଚନା କରିଥିଲେ । ପ୍ରଥମେ ପ୍ରଦୀପ ପ୍ରଜ୍ୱଳନ ଏବଂ ଡ. ବିଷ୍ଣୁ ପ୍ରସାଦ ମିଶ୍ରଙ୍କ ତତ୍ତ୍ୱାବଧାନରେ ବନ୍ଦନା ସହ ସମିଟ୍ର ଶୁଭାରମ୍ଭ ହୋଇଥିଲା । ଏହା ପରେ ଡ. ଫାଦର କେ.ଏସ୍. କାସିମିର, ଏସ.ଜେ. ସମିଟ୍ ର ବିଷୟବସ୍ତୁ ଉପରେ ନିଜ ବକ୍ତବ୍ୟରେ ସ୍ଥିତିସ୍ଥାପକ ସଂଗଠନ ଗଠନରେ ମୁକ୍ତ ଚିନ୍ତାଧାରା, ସହଯୋଗ ଏବଂ ମାନବୀୟ ମୂଲ୍ୟର ଗୁରୁତ୍ୱ ଉପରେ ଜୋର ଦେଇଥିଲେ । ଏହି ଅବସରରେ ବ୍ୟାବସାୟିକ ଉତ୍କର୍ଷ ଶିଖର ସମ୍ମିଳନୀ ପତ୍ରିକା ଏବଂ ପୂର୍ବତନ ଛାତ୍ରଛାତ୍ରୀଙ୍କ ପତ୍ରିକାର ଉନ୍ମୋଚନ ମଧ୍ୟ କରାଯାଇଥିଲା। ପ୍ରଥମ ଦିନର ମୁଖ୍ୟ ବକ୍ତବ୍ୟରେ ଟ୍ରଷ୍ଟ ମ୍ୟୁଚୁଆଲ ଫଣ୍ଡ ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ଦୀପ ବାଗଲା ୪ଏ ଢାଂଚା - ପୂର୍ବାନୁମାନ, ଆତ୍ମସାତ, ଅନୁକୂଳନ ଏବଂ ତ୍ୱରାନ୍ୱିତ ଉପସ୍ଥାପନ କରି ଏଆଇ, ଜଳବାୟୁ ପରିବର୍ତନ, ଭୂ-ରାଜନୈତିକ ଅସ୍ଥିରତା ଏବଂ ଦାୟିତ୍ୱପୂର୍ଣ୍ଣ ନେତୃତ୍ୱର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । "ନେତୃତ୍ୱ - ଦୀର୍ଘକାଳ ପାଇଁ ନେତୃତ୍ୱ ଦେବା" ଏବଂ "ପ୍ରଯୁକ୍ତି - ଭାଙ୍ଗିବା ପାଇଁ ନୁହେଁ ନଇଁ ଯିବା ପାଇଁ ଗଢ଼" ବିଷୟ ଉପରେ ଆୟୋଜିତ ପ୍ୟାନେଲ ଆଲୋଚନା ଗୁଡ଼ିକରେ ଶ୍ରୀନିବାସ ବେବର୍ତା, ଜୟଦୀପ ଚକ୍ରବର୍ତୀ, ସୁଶାନ୍ତୁ ତ୍ରିବେଦୀ, ବିଶ୍ୱାସ ମିଶ୍ର, ଗୌରବ ଚାଓ୍ୱଲା ଏବଂ ସୁଶ୍ରୀ ଜୟନ୍ତୀ ତ୍ରିବେଦୀ ଯୋଗ ଦେଇଥିଲେ । ଏହି ଆଲୋଚନାଗୁଡ଼ିକରେ ସ୍ଥିତିସ୍ଥାପକ ନେତୃତ୍ୱ, ପ୍ରଯୁକ୍ତିର ପରିବର୍ତନ, କୃତ୍ରିମ ବୁଦ୍ଧିମତା, ସୁଶାସନ ଏବଂ ସ୍ଥାୟୀ ମୂଲ୍ୟ ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯାଇଥିଲା। ଦ୍ୱିତୀୟ ଦିନର ମୁଖ୍ୟ ବକ୍ତବ୍ୟ ଏକ୍ସଆଇଏମବି ର ପୂର୍ବତନ ଛାତ୍ର ତଥା ଜେଏଲଏଲ ଇଣ୍ଡିଆ ର ନିର୍ଦ୍ଦେଶକ ହିମାଂଶୁ ରାଉତରାୟ ପ୍ରଦାନ କରିଥିଲେ। ସେ ସ୍ଥିତିସ୍ଥାପକ ବ୍ୟବସାୟର ଗଠନ ପାଇଁ ଅଭିଜ୍ଞତାକୁ ଗୁରୁତ୍ୱ ଦେବା, ବିଶ୍ୱ ପରିଚାଳନା, ଏଆଇ, ଯୋଗାଯୋଗ ସ୍ଥାୟିତ୍ୱ, ସହଯୋଗ, ନିରନ୍ତର ଦକ୍ଷତା ବିକାଶ, ନିୟମ ଅନୁପାଳନ, ଗୁଣବତା ଏବଂ ନୈତିକତାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ।" ପରିବେଶ-ସାମାଜିକ- ପରିଚାଳନା - ପରିକଳ୍ପନା ଦ୍ୱାରା ସ୍ଥିତିସ୍ଥାପକତା" ବିଷୟ ଉପରେ ଆୟୋଜିତ ପ୍ୟାନେଲ ଆଲୋଚନାର ସଂଚାଳନ ପ୍ରଫେସର ଏସ୍. ଏସ୍. ଗଣେଶ କରିଥିଲେ। ଏଥିରେ ସୁଶ୍ରୀ ପ୍ରିୟଙ୍କା ଘୋଷ, ଦେବସ୍ମିତ ମହାନ୍ତି ଏବଂ ସନ୍ତୋଷ ମହାପାତ୍ର ଯୋଗଦେଇ ଅନୁକୂଳନଶୀଳତା, ସୁଶାସନ, ହିତାଧିକାରୀ ପରିଚାଳନା, ଇଏସଜି, ପ୍ରଯୁକ୍ତି ଏବଂ ସ୍ଥାୟିତ୍ୱ ଉପରେ ଆଲୋଚନା କରିଥିଲେ। ଶେଷ ପ୍ୟାନେଲ "ଖରାପ ଦିନ ପାଇଁ ଗଢ଼। ବିପଦ ପରିଚାଳନା"ର ସଂଚାଳନ ଡ. ରିତେଶ କୁମାର ଦୁବେ କରିଥିଲେ। ଏଥିରେ କିରଣ ରାଣା ଏବଂ ଚିତ ରଞ୍ଜନ ମହାନ୍ତି ଯୋଗଦେଇ ବିଶ୍ୱ ମୂଲ୍ୟାଙ୍କନ, ଏଆଇ, ପ୍ରଯୁକ୍ତିଗତ ଆଲୋଡ଼ନ, ଅନୁକୂଳନଶୀଳତା ଏବଂ ମାନବୀୟ ବିଚାରଶକ୍ତି ଉପରେ ଆଲୋଚନା କରିଥିଲେ। ଉଭୟ ଦିନର ସକ୍ରିୟ ପ୍ରଶ୍ନୋତର ପର୍ବରେ ଛାତ୍ରଛାତ୍ରୀମାନେ ଏଆଇ, ନବସୃଜନ, ଉଦ୍ୟମିତା, ନୈତିକତା, ବ୍ୟାପାରିକ ଦକ୍ଷତା, ଇଏସଜି, ଅନିଶ୍ଚିତତା ଏବଂ ରିସ୍କ ପରିଚାଳନା ସମ୍ପର୍କରେ ବକ୍ତା ମାନଙ୍କ ସହ ଆଲୋଚନା କରିଥିଲେ। ଶେଷରେ ଅତିଥିମାନଙ୍କୁ ସମ୍ମାନିତ କରାଯିବା ସହ ସମିଟ୍ ସମାପ୍ତ ହୋଇଥିଲା ବେଳେ ଯାହା ଅନିଶ୍ଚିତ ଭବିଷ୍ୟତ ପାଇଁ ଅନୁକୂଳନଶୀଳତା, ଦାୟିତ୍ୱବୋଧ ଏବଂ ସ୍ଥିତିସ୍ଥାପକ ସଂଗଠନ ଗଠନ ଉପରେ ବିଇଏସ ୨୦୨୬ର ଗୁରୁତ୍ୱକୁ ପୁନର୍ବାର ରେଖାଙ୍କିତ କରିଥିଲା ।

# ଆନନ୍ଦମାର୍ଗ ୟୁନିଭରସାଲ ରିଲିଫ ଟିମ୍ ବନ୍ୟାଂଚଳରେ ରିଲିଫ୍ ବଂଟନ

ଭଦ୍ରକ,୬/୦୯ (ନି.ପ୍ର): ଭଦ୍ରକ ଜିଲ୍ଲାର ବୈତରଣୀ ଏବଂ ଶାଳନ୍ଦୀନଦୀ ବନ୍ୟାରେ ଭଦ୍ରକ ବ୍ଲକ ସମେତ ଧାମନଗର, ଭଣ୍ଡାରୀପୋଖରୀ, ଚାନ୍ଦବାଲି, ତିହିଡ଼ି ଏବଂ ବାସୁଦେବପୁର ବ୍ଲକରେ ବ୍ୟାପକ କ୍ଷୟକ୍ଷତି ହୋଇଅଛି। ବିଶେଷ ଭାବେରେ ଧାମନଗର ବ୍ଲକ୍ ରେ ଆନେକ ପଂଚାୟତରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା ବେଳେ ପୁଣି ତୃତୀୟ ବାର ବୈତରଣୀ ରେ ପାଣିଆସି ଘରେ ପାଣି ପଶିଛି। ମାଟି ଘର ଅବସ୍ଥା ଅତି ଶୋଚନୀୟ ହୋଇପଡ଼ିଛି। ଏକତାଲା ଘର ଖଟ ଉପରେ ଆସବାବ ପତ୍ରରଖି ଛାତ ଉପରେ ପାଲଟାଣୀ ଦିନ ରାତି ବିତାଉଅଛନ୍ତି। ଏହି ଦୁର୍ଦ୍ଦିନରେ ବନ୍ୟା ପିଡ଼ିତଙ୍କ ସହାୟତାରେ "ଆନନ୍ଦମାର୍ଗ ୟୁନିଭରସାଲ ରିଲିଫ୍ ଟିମ" ସେମାନଙ୍କ ନିକଟରେ ପହଁଂଚି ସେମାନଙ୍କୁ ଆଶ୍ୱାସନା ଦେବା ସହିତ ଅଟା, ଚୂଡ଼ା, ବିସ୍କୁଟ, ଆଳୁ, ଯଥା କ୍ରମେ ରଇପୁର ପଂଚାୟତରେ ମୌଦପୁର ଓ ମୌଜପୁର ଯେନାସାହି, କରଦା ଗ୍ରାମ ପଂଚାୟାତରେ ସୁଜାନସିଂହପୁର ଅର୍ଜ୍ଜୁନ ପୁର ଗ୍ରାମପଂଚାୟତର ବାଲିପାଟଣା, ହସନାବାଦ ଗ୍ରାମପଂଚାୟତ ହସନାବାଦ, ଅସ୍ତକ ଓ ତଳ ଅସ୍ତକ ଆଦି ଗ୍ରାମରେ ବନ୍ୟା ପିଡିତ ଲୋକମାନଙ୍କୁ ଶୁଖିଲା ଖାଦ୍ୟ ବଂଟନ କରାଯାଇଅଛି। ବନ୍ୟା ପ୍ରଭାବିତ ଅନେକ ପରିବାର ଖାଦ୍ୟ, ପାନୀୟ, ବାସଗୃହ ସହିତ ଦୈନନ୍ଦିନ ଆବଶ୍ୟକତା ସେମାନଙ୍କ ପାଖରେ ଏବେ ଉପଲବ୍ଧ ନଥିଲା ବେଳେ "ଆନନ୍ଦମାର୍ଗ ୟୁନିଭରସାଲ ରିଲିଫ୍ ଟିମ" ପହଁଂଚି ସେମାନଙ୍କୁ ସାମହିକ ଭାବେ ସେବାକାର୍ଯ୍ୟ ଯୋଗାଇ ଦେଇଅଛନ୍ତି। ଏମର୍ଟ "ଆନନ୍ଦମାର୍ଗ ୟୁନିଭରସା ରିଲିଫ୍ ଟିମ" ଭଦ୍ରକ ଜିଲ୍ଲା ସଭାପତି ଜଗନ୍ନାଥ ରାୟ ସମ୍ପାଦିକା ପ୍ରଫେସର ସ୍ନେହଲତା ପାତ୍ର, 'ଲ' କଲେଜ ଅଧ୍ୟକ୍ଷ ଡ଼କ୍ଟର ପ୍ରସନ୍ନ କୁମାର ରାୟ, ମାକ୍ରୋୱ୍ୱୋଭର ମେନେଜିଂଗ ଡ଼ାଇରେକ୍ଟର ମନୋଜ କୁମାର ରାୟ, ଚନ୍ଦ୍ର ଗୁପ୍ତ ଲେଙ୍କା, ଅସିମା ନନ୍ଦ ରାୟ, ଗୌରୀ ଶ୍ୟାମ ପାଣି, ଆନନ୍ଦମାର୍ଗ ସନ୍ୟାସିନୀ ବ୍ରହ୍ମଚାରିଣୀ ଜୀଭ ପ୍ରାଣାଆଚାର୍ଯ୍ୟ, ଶୁଭଦ୍ରା ଦାସ, ଶିକ୍ଷୟତ୍ରୀ ମିନତୀ ରାଉତ, ମହେନ୍ଦ୍ର କୁମାର ମଲ୍ଲିକ, ନିରଞ୍ଜନ ଧଳ, ନରେନ୍ଦ୍ର କୁମାର ରାୟ, ହିମାଂସୁ ରାଉତ,ଭଗବାନ ରାଉତ ସମସ୍ତେ ସେବା କାର୍ଯ୍ୟରେ ସାମିଲ ହୋଇଥିଲେ।

# ବରିଷ୍ଠ ନାଗରିକ ମଞ୍ଚର ସଭାଗୃହରେ 'ଗୁରୁ ଦିବସ' ପାଳନ



ଖୋର୍ଦ୍ଧା, ୬/୯ (ନି.ପ୍ର): ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ 'ଭାରତ ରତ୍ନ' ରେ ସମ୍ମାନିତ ଭୂତପୂର୍ବ ରାଷ୍ଟ୍ରପତି, ଶିକ୍ଷାବିତ ଡ଼. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କୁ ଆଜି ତାଙ୍କ ଜନ୍ମ ଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଏହି ଅବସରରେ ଅବସର ପ୍ରାପ୍ତ ଶିକ୍ଷକ ସର୍ବଶ୍ରୀ ଅଞ୍ଜନ କୁମାର ରାୟ, ଉତ୍ତର କୁମାର ସାହୁ, ରବୀନ୍ଦ୍ର ନାଥ ଶତପଥୀ, ରବୀନ୍ଦ୍ର ନାଥ ମିଶ୍ର, ପ୍ରମୋଦ କୁମାର ସାହୁ, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ମଧୁସୂଦନ ମହାପାତ୍ର, ବିନାୟକ ପାଇକରାୟ ପ୍ରମୁଖଙ୍କୁ ମଞ୍ଚର ଉପଦେଷ୍ଟା ଅବସର ପ୍ରାପ୍ତ ଆରକ୍ଷୀ ଅଧିକ୍ଷକ ଦେବ ପ୍ରସାଦ ମଜୁମଦାର ସମ୍ବର୍ଦ୍ଧିତ କରିଥିଲେ । ଅବସର ପ୍ରାପ୍ତ ଶିକ୍ଷକ ଓ ଉପସ୍ଥିତ ବରିଷ୍ଠ ନାଗରିକ ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥାକୁ ସେମାନେ ଶିକ୍ଷା ଲାଭ କରିଥିବା ବ୍ୟବସ୍ଥା ସହ ତୁଳନା କରି ଆଲୋଚନା ଚକ୍ରରେ ବକ୍ତବ୍ୟ ପ୍ରଦାନ କରିଥିଲେ । ମଞ୍ଚର ସମ୍ପାଦକ ରାମଶଙ୍କର ସ୍ୱାଗତ ବକ୍ତବ୍ୟରେ ଶିକ୍ଷାର ଆବଶ୍ୟକତା, ବ୍ୟବସ୍ଥା ଓ ଶିକ୍ଷକଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ । ଶିକ୍ଷା, ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ କ୍ଷମତା ଅନ୍ତର୍ଗତ ବିଷୟ । ଶିକ୍ଷା କ୍ଷେତ୍ରକୁ ଘରୋଇକରଣ କଳାପରେ ଶିକ୍ଷାନୁଷ୍ଠାନଗୁଡିକ ବ୍ୟବସାୟ ପେଣ୍ଟରେ ପରିଣତ ହୋଇଛି । ବ୍ୟୟବହୁଳ ଉଚ୍ଚ ଶିକ୍ଷା, ବୈଷୟିକ ଶିକ୍ଷା, ଗବେଷଣାତ ଦୂରର କଥା ଗୁଣାତ୍ମକ ମାନର ପ୍ରାଥମିକ ଶିକ୍ଷା ଆର୍ଥିକ ଦୁର୍ବଳ ଶ୍ରେଣୀ ଏବଂ ମଧ୍ୟବିତ୍ତ ଶ୍ରେଣୀ ପାଇଁ ଅପହଞ୍ଚ ହୋଇ ପଡିଛି । ସରକାରୀ ବିଦ୍ୟାଳୟରେ ଶ୍ରେଣୀ ଗୃହ, ଶିକ୍ଷକ, ଶିକ୍ଷା ଉପକରଣ, ଶୌଚାଳୟ ଏପରିକି ପାନୀୟ ଜଳର ସୁବିଧା ନାହିଁ । ଜଣେ ନେତାଙ୍କୁ ୪୦ ଜଣ ସୁରକ୍ଷା କର୍ମୀ ସରକାର ଯୋଗାଇ ଦେଉଛନ୍ତି ଅଥଚ ୪୦ ଜଣ ବିଦ୍ୟାର୍ଥୀଙ୍କୁ ଜଣେ ଶିକ୍ଷକ ଦେଉ ନାହାଁନ୍ତି । ସରକାରୀ ବିଦ୍ୟାଳୟ ଆଉ ମଣିଷ ତିଆରି କାରଖାନା ହୋଇ ରହିନାହିଁ । ସରକାରୀ ବିଦ୍ୟାଳୟରେ ନିଯୁକ୍ତ ଜଣେ ଶିକ୍ଷକ ନିର୍ବାଚନ ଆୟୋଗ, ଜନଗଣନା କାର୍ଯ୍ୟାଳୟ, ସ୍ୱାସ୍ଥ୍ୟ ବିଭାଗ ଇତ୍ୟାଦିର କାର୍ଯ୍ୟ କଲା ପରେ ଶିକ୍ଷାଦାନ ପାଇଁ ସମୟ ପାଉ ନାହାଁନ୍ତି ଏବଂ ଶିକ୍ଷାଦାନ ବ୍ୟତୀତ ଅନ୍ୟ କାର୍ଯ୍ୟରେ ସରକାର ଶିକ୍ଷକଙ୍କୁ ନିଯୁକ୍ତ କରିବା ଯୋଗୁଁ ସରକାରୀ ବିଦ୍ୟାଳୟ ଭୁଶୁଡି ପଡ଼ିଲାଣି । ଘରୋଇ ଶିକ୍ଷାନୁଷ୍ଠାନକୁ ସରକାର ନିଜ ନିୟନ୍ତ୍ରଣକୁ ନେଲେ କିମ୍ବା ମନ୍ତ୍ରୀ,ସାଂସଦ, ବିଧାୟକ, ସମସ୍ତ ନିର୍ବାଚିତ ଜନ ପ୍ରତିନିଧି ଏବଂ ସରକାରୀ ଅଧିକାରୀ, କର୍ମଚାରୀଙ୍କ ପୁତ୍ର କନ୍ୟା ସରକାରୀ ଶିକ୍ଷାନୁଷ୍ଠାନରେ ଅଧ୍ୟୟନ ବାଧ୍ୟତାମୂଳକ କରାଗଲେ ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଆସିବ । ନିଶୁଳ୍କ ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥା ଦେଶ ଅଗ୍ରଗତିର ପ୍ରଥମ ସୋପାନ ବୋଲି ଆଲୋଚନା ଚକ୍ରରେ ସର୍ବ ସମ୍ମତ ପ୍ରସ୍ତାବ ପାରିତ ହୋଇଥିଲା । ସହ ସମ୍ପାଦକ ହରମୋହନ ମହାପାତ୍ର, କ୍ଷେତ୍ରବାସୀ ସାହୁ, ନବୀନ ସାମନ୍ତସିଂହାର, ଗଦାଧର ଗୋଛି, ମାୟାଧର ପ୍ରଧାନ ସଭା ପରିଚାଳନା କରିଥିଲେ ଓ ଡ଼. ଶୁଭେନ୍ଦୁ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଦିବଂଗତ ସାମ୍ବାଦିକ ସଲମାନ୍ ସାହୁଙ୍କ ଶ୍ରଦ୍ଧାଞ୍ଜଳି ସଭା



ବାଲେଶ୍ୱର, ୬/୯ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ସାମ୍ବାଦିକ ପ୍ରକୋଷ୍ଠରେ ଦିବଂଗତ ସାମ୍ବାଦିକ ସ୍ମୃତି କମିଟିର ଦିବଂଗତ ସାମ୍ବାଦିକ ସଲମାନ୍ ସାହୁଙ୍କ ର ଶ୍ରଦ୍ଧାଞ୍ଜଳି ସଭା ସାଧାରଣ ସମ୍ପାଦକ ଗଗନ ଚନ୍ଦ୍ର ସେଠୀ ସଭାପତିତ୍ୱରେ ପାଳିତ ହୋଇଯାଇଛି । ଉପସଭାପତି ସନ୍ଦିପ୍ତ କୁମାର ଦାସ , ଉପଦେଷ୍ଟା ଉଜ୍ଜ୍ୱଳ ଚନ୍ଦ୍ର କର , ଶିବ ଶଙ୍କର ଭୋଇ ଦିବଂଗତ ସାମ୍ବାଦିକ ଙ୍କ ଧର୍ମ ପତ୍ନୀ ବନ୍ଦନା ସାହୁ ପରିବାର ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ । ସନ୍ଦିପ୍ତ ଦାସ ମଞ୍ଚ ପରିଚାଳନା କରିଥିଲେ । ସଲମାନ୍ ସାହୁଙ୍କ ଅମର ଆତ୍ମା ସଦଗତି ପାଇଁ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା ଦିବଂଗତ ସଲମାନ୍ ସାହୁଙ୍କ ଧର୍ମ ପତ୍ନୀ ତାଙ୍କ ବକ୍ତବ୍ୟରେ କହିଥିଲେ ଆଜି ଏହି ସାମ୍ବାଦିକ ମାନଙ୍କ ପାଇଁ ମୋ ସ୍ୱାମୀଙ୍କୁ ଆଜି ବାଲେଶ୍ୱର ଜନସାଧାରଣ ମନେ ରଖିଛନ୍ତି । ତାଙ୍କର ସୁନାମ ପ୍ରଚାର ପ୍ରସାର ହେଉଛି ସେ ନଥିଲେ ମଧ୍ୟ ପ୍ରଚାର ପ୍ରସାର ସମ୍ମାନ ଅଧିକାରୀ ହୋଇ ପାରିଛନ୍ତି । ତାଙ୍କର ଝିଅ ସୁଚରିତା ସାହୁ ଙ୍କ ବକ୍ତବ୍ୟରେ କହିଥିଲେ । ମୋର ବାପା ମରିଯାଇଛନ୍ତି ସତ୍ କିନ୍ତୁ ଏହି ସାମ୍ବାଦିକ ମାନଙ୍କ ପାଇଁ ମୃତ୍ୟୁ ସମୟରେ ଉତ୍ତମ ସେବା ପାଇଥିଲେ । ଏପରିକି ଅନ୍ୟ ଲୋକ ଠାରୁ ଭେନଟିଲେଟର କାଢି ମୋ ବାପାଙ୍କ ର ଲଗାଯାଇଥିଲା । ଉତ୍ତମ ସେବା ମଧ୍ୟ ପାଇଥିଲେ । ସେ ମରିଗଲା ପରେ ମଧ୍ୟ ମୋର ବାପାଙ୍କ ପରିବାର କିପରି ଭଲରେ ରହିବ ଚେଷ୍ଟା କରିଛନ୍ତି । ତେଣୁ ସବୁ ସାମ୍ବାଦିକ ଙ୍କ ଆନ୍ତରିକ ଶୁଭେଚ୍ଛା ଜଣାଇଥିଲେ ।ସେହିପରି ଉପସଭାପତି ସଂଦିପ୍ତ କୁମାର ଦାସ ଦିବଂଗତ ସଲମାନ୍ ସାହୁଙ୍କ ବିଭିନ୍ନ ବିଷୟରେ ଆଲୋଚନା କରିବା ସଙ୍ଗେ ସଙ୍ଗେ ତାଙ୍କର ଉନ୍ନତି ମୂଳକ କାର୍ଯ୍ୟାବଳୀ ବିଷୟରେ ବର୍ଣ୍ଣନା କରିଥିଲେ । ସେହିଭଳି ଉପଦେଷ୍ଟା ଉଜ୍ଜ୍ୱଳ ଚନ୍ଦ୍ର କର ଓ ଗଗନ ଚନ୍ଦ୍ର ସେଠୀ, ସୁରେନ୍ଦ୍ର ମୋହନ ଜେନା , ଶିବ ଶଙ୍କର ଭୋଇ ପ୍ରମୁଖ ସଲମାନ୍ ଙ୍କ ଜୀବନୀ ବିଷୟରେ ଆଲୋଚନା କରିଥିଲେ । ପୂର୍ଣ୍ଣ ଚନ୍ଦ୍ର ବେହେରା , ମହେଶ୍ୱର ପ୍ରଧାନ , କମଳା କାନ୍ତ ନାୟକ , ଲକ୍ଷ୍ମୀଧର ମଣ୍ଡଳ , ଶରତ ସାମଲ , ପ୍ରଦୀପ କୁମାର ବେରା , ମିତାଲି ପାଣିଗ୍ରାହୀ , ସନ୍ଦୀପ୍ତ ବେହେରା , ଆଜୀମ ବାଲେଶ୍ୱରୀ , ଅଭିଲିପ୍ସା ସାହୁ , ହେଟିକ ନାୟକ , ଅଭିଷେକ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

## ଦଶହରା ପୂର୍ବରୁ କେବୁଲ୍ ଦ୍ୱାରା ବିଦ୍ୟୁତ ଯୋଗାଣ ଦାବି

ଭୂବନ, ୬/୯ (ନି.ପ୍ର): ଟାଟା ପାୱାର ଓଡ଼ିଶାରେ ବିଦ୍ୟୁତ୍ ବଂଟନ ଦାୟିତ୍ୱ ନେବା ସମୟରେ ଉନ୍ନତ ମାନର ସେବା ଯୋଗାଇ ଦେବାକୁ କେବଳ ପ୍ରତିଶ୍ରୁତି ନୁହେଁ , ଚୁକ୍ତି କରିଥିଲା । କିନ୍ତୁ ଶୋଷଣରେ ପୂର୍ବର ଏନ୍ ଜେ ଏନ୍ କମ୍ପାନୀ ଠାରୁ ବଳିଗଲା ଟି ପି ସି ଓ ଡି ଏଲ । ଢେଙ୍କାନାଳ ଜିଲ୍ଲା ଭୁବନ ବିଦ୍ୟୁତ୍ ସେକ୍ସନରେ ଟାଟା ପାୱାର ନୂଆ ତାର ଓ ଯନ୍ତ୍ରପାତି ବଦଳରେ ପୁରୁଣା ଖୁଂଟ, ତାରରେ ବିଦ୍ୟୁତ ଯୋଗାଣ କରୁଛି । ଭୁବନର ବ୍ୟସ୍ତ ବହୁଳ ଅଂଚଳ ନୂଆ ବଜାର (ବସଷ୍ଟାଣ୍ଡ,) ଠାରୁ ଗୁଜୁରୀ ହାଟ ପର୍ଯ୍ୟନ୍ତ ରାସ୍ତା ମଝିରେ ଖୋଲା ମେଲାରେ ବିଦ୍ୟୁତ ଯୋଗାଣ ହେଉଥିବାରୁ ଅଧିକାଂଶ ସମୟରେ ବିଦ୍ୟୁତ୍ ତାର ଛିଣ୍ଡି ପଡୁଛି ଓ ଲୋକମାନେ ଆହତ ହେଉଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ପଞ୍ଚାୟତ ଭୋଟ୍ ...

ଉପନିର୍ବାଚନ ମଧ୍ୟ ଶାସକ ଦଳ ସପକ୍ଷରେ ଯାଇଛି । ଏହାପରଠାରୁ ବିଜେପି ନିୟମିତ ବୈଠକ ଓ ସଂଗଠନ ସୁଦୃଢ଼ କରିବା ଦିଗରେ କାମ କରୁଛି । ଲୋକଙ୍କ ସହ ସମ୍ପର୍କ ବଢାଇବା ସହ ସରକାରୀ ଯୋଜନାର ପ୍ରଚାରପ୍ରସାର ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି । ଆସନ୍ତା ଏପ୍ରିଲ୍ ୨ ତାରିଖରେ ପଞ୍ଚାୟତ ପ୍ରତିନିଧିଙ୍କ କାର୍ଯ୍ୟକାଳ ଶେଷ ହେବ । ଏହା ପୂର୍ବରୁ ମାର୍ଚ୍ଚ ମାସରେ ୫ଟି ପର୍ଯ୍ୟାୟରେ ନିର୍ବାଚନ କରିବା ନେଇ ରାଜ୍ୟ ନିର୍ବାଚନ କମିଶନ ପ୍ରସ୍ତୁତି କରୁଥିବା ସୂଚନା ରହିଛି । ୬ ମାସ ପୂର୍ବରୁ ହିଁ ତିନି ଦଳ ନିଜ ନିଜ ରଣନୀତି ଆରମ୍ଭ କରିଦେଇଛନ୍ତି । ତେବେ ଶାସକ ବିଜେପି ନିଜ ଦଖଲ ବଜାୟ ରଖିବ ନା ବିଜେଡି ପୁଣି ଗ୍ରାମୀଣ ଭୋଟ୍‌ରେ କମବ୍ୟାକ୍ କରିବ ? ନା କଂଗ୍ରେସ ନିଜର ପ୍ରଭାବ ବଢାଇବ ? ପଞ୍ଚାୟତ ନିର୍ବାଚନରେ କାହା ସପକ୍ଷରେ ଯିବ ଗାଁ ଭୋଟରଙ୍କ ରାୟ, ଏବେ ତା' ଉପରେ ନଜର ।

### ଭକ୍ତଙ୍କ ନୂଆ ଟିମ୍:...

ନୂଆ ଟିମ୍ ଗଠନ କରି ଭକ୍ତ ଚରଣ ଦାସ ଦଳକୁ ନୂଆ ଦିଗ ଦେବାକୁ ପ୍ରୟାସ କରିଛନ୍ତି । ହେଲେ ଆରମ୍ଭରୁ ରାୟଗଡ଼ାରୁ ଅସନ୍ତୋଷର ସ୍ୱର ଉଠିବା ପରେ ଏବେ ନଜର ଅନ୍ୟ ଜିଲ୍ଲା ଉପରେ । ଆଗକୁ ଆଉ କେଉଁ ନେତା ଅସନ୍ତୋଷ ଝାଡ଼ିବେ ଏବଂ ନୂଆ ଟିମ୍‌କୁ ଭକ୍ତ କିପରି ଏକାଠି ରଖିବେ, ତାହା ଉପରେ ରହିଛି ନଜର ।

### ସରକାରୀ କାର୍ଯ୍ୟାଳୟର ସାଇନବୋର୍ଡରେ ...

ଗୁଡ଼ିକରେ ସଂଶୋଧିତ ବନାନର ବ୍ୟାପକ ବ୍ୟବହାର ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରକାଶ ଥାଉ କି, ଗତ ୨୨ ଜୁନ୍, ୨୦୨୬ରେ ଓଡ଼ିଶା ସରକାରଙ୍କ ପ୍ରକାଶିତ ଗେଜେଟ୍ ବିଜ୍ଞପ୍ତି ଅନୁଯାୟୀ, ସଂଶୋଧିତ ବନାନକୁ ସରକାରୀ କାର୍ଯ୍ୟାଳୟ ଓ ପ୍ରତିଷ୍ଠାନଗୁଡ଼ିକର ସାଇନ୍‌ବୋର୍ଡରେ ଏକ ମାସ ମଧ୍ୟରେ ଲାଗୁ କରିବାକୁ ସମୟସୀମା ଧାର୍ଯ୍ୟ କରାଯାଇଥିଲା । ସେହିପରି, ବେସରକାରୀ ଓ ଅଣ-ସରକାରୀ ପ୍ରତିଷ୍ଠାନଗୁଡ଼ିକ ପାଇଁ ଛଅ ମାସର ସମୟସୀମା ରଖାଯାଇଛି । ସରକାରଙ୍କ ଏହି ନିଷ୍ପତ୍ତି ଅନେକ ଜିଲ୍ଲାରେ ସଫଳତାର ସହ କାର୍ଯ୍ୟକାରୀ ହୋଇଛି । ଏହାର ଅଂଶସ୍ୱରୂପ Angulକୁ Anugola, Balasoreକୁ Baleshwar, Kendraparaକୁ Kendrapada ଏବଂ Cuttackକୁ KATAKA ଭାବେ ସଂଶୋଧିତ ଇଂରାଜୀ ବନାନରେ ବ୍ୟବହାର କରାଯାଉଛି । ତେବେ, କେତେକ ସରକାରୀ କାର୍ଯ୍ୟାଳୟର ସାଇନ୍‌ବୋର୍ଡରେ ଏପର୍ଯ୍ୟନ୍ତ ପୁରୁଣା ଇଂରାଜୀ ବନାନ ବ୍ୟବହୃତ ହେଉଥିବା ରାଜ୍ୟସରକାରଙ୍କ ଦୃଷ୍ଟିଗୋଚର ହୋଇଛି । ଏଥିମଧ୍ୟରେ Jeypore ଏବଂ Soro ଭଳି ପୁରୁଣା ବନାନ ମଧ୍ୟ ରହିଛି । ଏଗୁଡ଼ିକର ସ୍ଥାନରେ ସରକାରଙ୍କ ଦ୍ୱାରା ଅନୁମୋଦିତ Jayapur ଏବଂ Sora ବନାନ ବ୍ୟବହାର ସୁନିଶ୍ଚିତ କରିବାକୁ କୁହାଯାଇଛି ।

### ମଣିପୁରରେ ସୁରକ୍ଷାବାହିନୀ-ୟୁକେଏନ୍‌ଏ...

ଏହି ସଂଘର୍ଷରେ ୨ ଜଣ ୟୁକେଏନ୍‌ଏ ସଦସ୍ୟ ନିହତ ହେବା ସହ ୨ ଜଣ ଆହତ ହୋଇଥିବା ଆସାମ ରାଇଫଲ୍ସ ଶନିବାର ରାତିରେ ସାମାଜିକ ଗଣମାଧ୍ୟମରେ ସୂଚନା ଦେଇଛି । ପରବର୍ତ୍ତୀ ସମୟରେ ଶିବିରରେ ତଲାସି କରାଯାଇଥିଲା । ସେଠାରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର, ଗୁଳିଗୋଳା, ପୋଷାକ ଓ ଅନ୍ୟ ସାମଗ୍ରୀ ଜବତ ହୋଇଥିବା ସୁରକ୍ଷାବାହିନୀ କହିଛି ।

### ସତ୍ୟ ନିକେତନରେ ଭୁଷୁଡ଼ିଲା ...

ଫସିରହିଥିବା ଲୋକଙ୍କୁ ଖୋଜିବା ପାଇଁ ସର୍ଚ୍ଚ ଆଣ୍ଡ ରେସ୍କ୍ୟୁ ଅପରେସନ୍ ଚାଲିଛି । ଏଥିରେ ୧୨ଟି ଅଗ୍ନିଶମ ଟିମ୍ ନିୟୋଜିତ ହୋଇଛନ୍ତି । ବଡ଼ ବଡ଼ ଜେସିବି ମେସିନ୍ ସହାୟତାରେ ଭୁଷୁଡ଼ି ପଡ଼ିଥିବା କଂକ୍ରିଟ୍ ଓ ଧ୍ୱଂସାବଶେଷ ହଟାଯାଉଛି । ଉଦ୍ଧାରକାରୀମାନେ ଧ୍ୱଂସସ୍ତୂପ ତଳେ ଜୀବିତ ଥିବା ଲୋକଙ୍କୁ ଖୋଜୁଛନ୍ତି । ଘଟଣାସ୍ଥଳରେ ଦିଲ୍ଲୀ ପୋଲିସ, ଏନଡିଆରଏଫ୍ ଓ ଡିଡିଏମ୍‌ଏର ଟିମ୍ ମଧ୍ୟ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଛନ୍ତି । ପୋଲିସର ସୂଚନା ଅନୁସାରେ, କୋଠାଟି ପ୍ରାୟ ୪୦ରୁ ୫୦ ବର୍ଷ ପୁରୁଣା । ଏଥିରେ ଏକ ବେସମେଣ୍ଟ ସହ ୫ଟି ମହଲା ଥିଲା ।

### ଶିମିଳିପାଳର ଦୁର୍ଗମ ...

ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଏକ ସୋସିଆଲ ମିଡିଆ ପୋଷ୍ଟରେ ଏହି ସୂଚନା ଦେଇଛନ୍ତି । ଶିମିଳିପାଳର ଦୁର୍ଗମ ଅଂଚଳରେ ଲୋକଙ୍କ ନିକଟରେ ସ୍ୱାସ୍ଥ୍ୟସେବା ପହଂଚାଇବା ସହ ମ୍ୟାଲେରିଆ ନିୟନ୍ତ୍ରଣ ପାଇଁ ଦମନ ଅଭିଯାନ ଅଧୀନରେ ବିଭିନ୍ନ ସ୍ୱାସ୍ଥ୍ୟ ସେବା ଓ ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରାଯାଉଥିବା ସେ କହିଛନ୍ତି । ପ୍ରତିକୂଳ ପରିବେଶ ଓ ଦୁର୍ଗମ ଭୌଗୋଳିକ ପରିସ୍ଥିତି ସତ୍ତ୍ୱେ ଅଭିଯାନକୁ ସଫଳ କରିବା ପାଇଁ ନିଷ୍ଠାର ସହ କାର୍ଯ୍ୟ କରୁଥିବା ସମସ୍ତ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ଡ. ମହାଲିଙ୍ଗ ଅଶେଷ ସାଧୁବାଦ ଜଣାଇଛନ୍ତି ।

# ବାଲେଶ୍ୱର ଟାଉନ୍ ହଲରେ ଯାଦବ ମହାସଂଘର ଶ୍ରୀକୃଷ୍ଣଙ୍କ ଜନ୍ମାଷ୍ଟମୀ ମହାସମାରୋହରେ ପାଳିତ



ବାଲେଶ୍ୱର, ୬/୯ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ଟାଉନ୍ ହଲ୍ ରେ ଯାଦବ ମହାସଂଘର କୃଷ୍ଣାୟନର ଶ୍ରୀକୃଷ୍ଣ ଙ୍କ ଜନ୍ମାଷ୍ଟମୀ । ସଭାପତି ରବୀନ୍ଦ୍ର ମହାକୁଡ ଙ୍କ ସଭାପତିତ୍ୱରେ ମହାସମାରୋହରେ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷ ଶ୍ରୀଯୁକ୍ତ ନାରାୟଣ ପ୍ରଧାନ ଓ ସମ୍ମାନୀୟ ଅତିଥି ଭାବେ ରେମୁଣା ବ୍ଲକ ଚେୟାରମେନ ରାଜେନ୍ଦ୍ର କୁମାର ରାଉଳ , ରେମୁଣା ପୂର୍ବତନ ବିଧାୟକ ସୁଧାଂଶୁ ପରିଡ଼ା , କବି ପ୍ରଶାନ୍ତ ଦାସ , ପୂର୍ବତନ ମନ୍ତ୍ରୀ ଓ ବର୍ତ୍ତମାନ ର ବିଜୁ ଜନତା ଦଳର ବାଲେଶ୍ୱର ସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀ , ବିକ୍ରମ ପଣ୍ଡା , କାର୍ତ୍ତିକ ସାହୁ ରିଟାୟାର୍ଡ ଜର୍ଜ ଅଧକ୍ଷ ଭାଗିରଥି ଦାସ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ । ମୁଖ୍ୟ ଅତିଥି ଓ ସମ୍ମାନୀୟ ଅତିଥି ମାନଙ୍କୁ ମାନପତ୍ର ଓ ଫୁଲତୋଡ଼ା ,ଉତ୍ତରି ଦେଇ ଯାଦବ ମହାସଂଘର ସଭାପତି ରବୀନ୍ଦ୍ର କୁମାର ମହାକୁଡ ସମ୍ମାନିତ କରିଥିଲେ । ଯାଦବ ସଂଘର ସଭାପତି ରବୀନ୍ଦ୍ର କୁମାର ମହାକୁଡ ତାଙ୍କ ବକ୍ତବ୍ୟରେ କହିଥିଲେ ଏହି କୃଷ୍ଣାୟନ କମିଟିର ଲକ୍ଷ ହେଉଛି ଶ୍ରୀକୃଷ୍ଣଙ୍କ ଜନ୍ମାଷ୍ଟମୀ ପାଳନ କରିବା ସଙ୍ଗେ ସଙ୍ଗେ ଯାଦବ ଭାଇ ମାନେ କିପରି ଅଧିକରୁ ଅଧିକ ଯୋଡ଼ି ହେବେ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଦ୍ୱାରା ଲୋକମାନେ ଆନନ୍ଦ ଉଲ୍ଲାସ ଅନୁଭବ କରିବା ସଙ୍ଗେ ସଙ୍ଗେ ଆମର ପରପିଢି କିପରି ଏହାକୁ ବଜାଇ ରଖିବ ଓ ଆମର ଅସ୍ମିତା ପାଇଁ ରକ୍ଷା ପାଇବ ଏହାର ମହତ୍ତ୍ୱ ଉଦ୍ଦେଶ୍ୟ । ସେହିପରି ମୁଖ୍ୟ ଅତିଥି ଓ ସମ୍ମାନୀୟ ଅତିଥି ମାନେ ଯାଦବ ମହାସଂଘର ଶ୍ରୀକୃଷ୍ଣଙ୍କ ଜନ୍ମାଷ୍ଟମୀ ମହାସମାରୋହରେ ପାଳନ କରୁଥିବାରୁ ଧନ୍ୟବାଦ୍ ଦେଇଥିଲେ । ଏହି ଜନ୍ମାଷ୍ଟମୀରେ ବିଭିନ୍ନ ଅଂଞ୍ଚଳରୁ ଆସିଥିବା କଳାକାର ମାନେ ତାଙ୍କ କଳା ପ୍ରଦର୍ଶନ କରିଥିଲେ । ଯାଦବ ମହାସଂଘ୍ ସମସ୍ତ ଅନୁଷ୍ଠାନର କଳାକାରଙ୍କୁ ମାନପତ୍ର , ଉତ୍ତାରି ଦେଇ ସମ୍ମାନିତ କରିଥିଲେ । ଏହି ଜନ୍ମାଷ୍ଟମୀ ରେ ହଜାର ହଜାର ସଂଖ୍ୟାରେ ଲୋକ ଯୋଗଦେଇ ଆନନ୍ଦ ଉପୋଭୋଗ କରିବା ସଙ୍ଗେ ସଙ୍ଗେ ପ୍ରସାଦ ସେବନ କରିଥିଲେ । ଏହାକୁ ଯାଦବ ମହାସଂଘର ବୁଦ୍ଧିଜୀବୀ ଗୁନିଜ୍ଞାନି ଲୋକ ମାନେ ପରିଚାଳନାରେ ସହଯୋଗ କରିଥିଲେ ।

# ମହାବୀର କୋଚିଂ ସେଣ୍ଟର ପକ୍ଷରୁ ଗୁରୁ ଦିବସ ପାଳିତ



ବାସୁଦେବପୁର, ୬/୯ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଆର୍ତୁଙ୍ଗ ପଞ୍ଚାୟତର ବାରାପୁର ଠାରେ ମହାବୀର କୋଚିଂ ସେଣ୍ଟର ପକ୍ଷରୁ ମହା ସମାରୋହରେ ପବିତ୍ର ଗୁରୁ ଦିବସ ପାଳିତ ହୋଇ ଯାଇଛି । ଏହି ଉତ୍ସବରେ ଶିକ୍ଷକ ହେମନ୍ତ ସାହୁ, ଅକ୍ଷୟ ପଣ୍ଡା, ତାପସ ଦେ, ବିଭୂତି ବେହେରା, ଶ୍ରାବଣୀ ବେହେରା, ବିଶ୍ୱ ରଞ୍ଜନ ଶଙ୍ଖୁଆ,ଚକ୍ରଧର ଦାସ, ଦୀପଶିଖା ବେହେରା ପ୍ରମୁଖ ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ଏହି ଶିକ୍ଷକ ଶିକ୍ଷୟତ୍ରୀ ବନ୍ଧୁ ମାନଙ୍କୁ ଛାତ୍ର ଛାତ୍ରୀ ମାନେ ଗୁରୁ ପ୍ରଣାମ ଓ ଗୁରୁ ବନ୍ଦନା କରିଥିଲେ । ଛାତ୍ର ଛାତ୍ରୀ ମାନେ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ବିଭିନ୍ନ ପ୍ରକାରର ଉପହାର ପ୍ରଦାନ କରିଥିଲେ । ଏହି ମହାବୀର କୋଚିଂ ସେଣ୍ଟରର ପଞ୍ଚମ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ର ଛାତ୍ରୀ ମାନେ ପାଠ ପଢ଼ନ୍ତି । ଏହି ଛାତ୍ର ଛାତ୍ରୀ ମାନେ ସମସ୍ତେ ଭାରତର ପୂର୍ବତନ ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ଏବଂ ଗୁରୁ ଦିବସ ର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଆଦର୍ଶ ଶିକ୍ଷା ଅନୁଷ୍ଠାନ ରେ ସମସ୍ତେ ଏକତ୍ର ହୋଇ ଥିଲେ ଏବଂ ସମଗ୍ର ବିଶ୍ୱର ମଙ୍ଗଳ କାମନା କରିଥିଲେ ।ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଛାତ୍ର ଛାତ୍ରୀ ମାନଙ୍କର ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ । ଶେଷରେ ବିଭୂତି ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ହାତିଆଡିହା ଶିବ ମୁନି ଯୋଗାଶ୍ରମରେ ରୂହ୍ୟାଜୀ ମହାରାଜ ଏବଂ ରତ୍ନାକର ଖୁଣ୍ଟିଆଙ୍କ ଶ୍ରଦ୍ଧାଞ୍ଜଳି ଦିବସ ପାଳିତ



ରୂପସା, ୬/୯ (ନି.ପ୍ର): ହାତିଆଡିହା ଶିବମୁନି ଯୋଗାଶ୍ରମ ରେ ମହାନ ସାଧନା-ସିଦ୍ଧ -ସାଧକ ରୂହ୍ୟାଜୀ ମହାରାଜ୍ ଙ୍କ ୧୯ ତମ ଶ୍ରଦ୍ଧାଞ୍ଜଳୀ ଦିବସ ପାଳନ ସହିତ ହାତିଆଡିହା ଶିବମୁନି ଯୋଗାଶ୍ରମ ର ପ୍ରତିଷ୍ଠାତା ଦିବଂଗତ ଯୋଗୀ ରତ୍ନାକର ଖୁଣ୍ଟିଆଙ୍କ୧୮ ତମ ଶ୍ରଦ୍ଧାଞ୍ଜଳୀ ଦିବସ, ଆଶ୍ରମର ଯୋଗ ଶିକ୍ଷକ ଆତ୍ମଜ୍ଞାନୀ ଯୋଗୀ ଭିକାରୀ ଚରଣ ମୁନିଜୀଙ୍କ ଅଧ୍ୟକ୍ଷତାରେ, ମହା ସମାରୋହରେ ପାଳିତ ହୋଇଯାଇଛି । ସ୍ୱତନ୍ତ୍ର ଅତିଥି ହିସାବରେ ଯୋଗଦାନ କରିଥିଲେ, ପ୍ରାନ୍ତୀୟ ସହ ସମ୍ପାଦକ, ବ୍ରହ୍ମଜ୍ଞାନୀ ଯୋଗୀ ଚିତ୍ତରଞ୍ଜନ ମୁନିଜୀ ମହୋଦୟ । ସେ ଯୋଗୀ ରତ୍ନାକର ଖୁଣ୍ଟିଆଙ୍କର ଜୀବନି ଉପରେ ଆଲୋକ ପାତ କରିଥିଲେ । ମଞ୍ଚାସୀନ ଥିଲେ ଆଶ୍ରମର ଯୋଗ ଶିକ୍ଷୟତ୍ରୀ ଆତ୍ମଜ୍ଞାନୀ କଳ୍ପନା ମିଶ୍ରୀ ମହୋଦୟା । ଆଶ୍ରମର ବରିଷ୍ଠ ଯୋଗ ସାଧକ ଆତ୍ମଜ୍ଞାନୀ ଯୋଗୀ ପରମାନନ୍ଦ ମୁନି ଜୀ ମହୋଦୟ । ସେ ତାଙ୍କ ଗୁରୁଦେବ, ରଘୁନାଥପୁର ଆଶ୍ରମର ପ୍ରତିଷ୍ଠାତା, ସାଧନା -ସିଦ୍ଧ-ସାଧକ, ମୁନି ଶିରୋମଣି ରୂହ୍ୟାଜୀ ମହାରାଜଙ୍କ ଆଲୋକିତ ପ୍ରତିଭାର କାହାଣିମାନର ସଂକ୍ଷିପ୍ତ ବିବରଣୀ ମାନ ପ୍ରକାଶ କରିବା ସହିତ, ହାତିଆଡିହା ଆଶ୍ରମର ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । ଆଶ୍ରମର ସଭାପତି ମୁନି ରାଜ ନାରାୟଣ ମହାପାତ୍ର ମହୋଦୟ । ପ୍ରଥମେ ସମୂହ ପ୍ରଣବ ଶୁଭ ଭାବନା କରାଯାଇ, ଆଦି ମୁନିଶ୍ୱର ଶିବ ମୁନି ମହାରାଜ୍, ରୂହ୍ୟାଜୀ ମହାରାଜ୍, ଯୋଗୀ ରତ୍ନାକର ଖୁଣ୍ଟିଆଙ୍କ ଫଟୋଚିତ୍ର ରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଉପସ୍ଥିତ ସମସ୍ତେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ଉପସ୍ଥିତ ଥିଲେ-ଆଶ୍ରମର ଉପାଧ୍ୟକ୍ଷା ମୁନିରାଜ୍ଞୀ କନକଲତା ମହାପାତ୍ର, ସୁମତୀ ଦଳାଇ, ବିମଳା ଲେଙ୍କା, ବାସନ୍ତୀ ମହାଳିକ, ମୁନିମତୀ ଶକୁନ୍ତଳା ପରିଡ଼ା, ଉର୍ମିଳା ରାଉଳ, କୈକେୟୀ ଜେନା, କୁନି ମାଝି, ଜାହ୍ନବୀ ଗିରି, ଫୁଲମଣି ବେହେରା, ଲକ୍ଷ୍ମୀ ବେହେରା, ମଞ୍ଜୁ ବେହେରା, ବାସନ୍ତୀ ଗିରି, ସୁମତୀ ବେହେରା, ମୁନି ଜଗଦୀଶ ପରିଡା, ଅର୍ଜୁନ ବେହେରା, ସାଧନ ସିଂ ପ୍ରମୁଖ ଆଶ୍ରମବାସୀମାନେ । ଶେଷରେ ମୁନି ରାଜ ଗୋରହରି ବାରିକ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ଏକାତ୍ମ ସ୍ୱାଦିଷ୍ଟ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ ।

# ପ୍ରଜ୍ଞାପଥ ପକ୍ଷରୁ ଗୁରୁ ବନ୍ଦନା କାର୍ଯ୍ୟକ୍ରମ ଅନୁଷ୍ଠିତ



ବାସୁଦେବପୁର, ୬/୯ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ନରସିଂହପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ପବିତ୍ର ଗୁରୁ ଦିବସ ଅବସରରେ ଗୁରୁ ବନ୍ଦନା କାର୍ଯ୍ୟକ୍ରମ ଏକ ମଧୁର ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଉତ୍ସବରେ ବିଶିଷ୍ଟ ନାରୀ ନେତ୍ରୀ ତଥା ସମାଜସେବୀ ମମତା ଜେନା ସଭାପତିତ୍ୱ କରିଥିଲେ । ଏହି ଉତ୍ସବରେ ବାସୁଦେବପୁର ତହସିଲଦାର ପ୍ରିୟବ୍ରତ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ ଅଧ୍ୟାପକ ଗଙ୍ଗାଧର ଦାଶ । ସମସ୍ତ ଅତିଥି ଗୁରୁ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ପ୍ରଜ୍ଞାପଥ ଅନୁଷ୍ଠାନର ସମ୍ପାଦକ କବି ଓ ଆଇନଜୀବି ପ୍ରଦୀପ କୁମାର ମହାନ୍ତି ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବର୍ଣ୍ଣନା କରିଥିଲେ । ଏହି ଉତ୍ସବରେ ବିଶିଷ୍ଟ ଶିକ୍ଷାବିତ୍ ତଥା ଗୁରୁ ଗୟାଧର ମହାପାତ୍ର ଓ ଗୁରୁ ପଞ୍ଚାନନ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କବି ରଞ୍ଜନ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କବି ଶାନ୍ତିଲତା ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଗୁରୁ ବନ୍ଦନା କବିତା ପାଠ କାର୍ଯ୍ୟକ୍ରମକୁ କବି କୈଳାସ ଚନ୍ଦ୍ର ନାଥ ସଞ୍ଚାଳନ କରିଥିଲେ । ଏହି ଆକର୍ଷଣୀୟ ଗୁରୁ ପ୍ରଣାମ ଉତ୍ସବରେ କବି ସଞ୍ଜୟ ଜେନା, କବି ସନ୍ତୋଷ ଓଝା, କବି ରତ୍ନାକର ପଣ୍ଡା, କବି ସୀତା ରାଣୀ ଦାଶ, ବାସନ୍ତୀ ଚିତ୍ରକର, କବି ଅନିତା ପଣ୍ଡା, ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦର ସମ୍ପାଦକ କବି ପ୍ରଦୀପ୍ତ କୁମାର ମହାନ୍ତି ପ୍ରମୁଖ କବିତା ପାଠ କରିଥିଲେ ।

ସୋମବାର, ସେପ୍ଟେମ୍ବର ୦୭, ୨୦୨୬

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## କୁଡୁମୀଙ୍କୁ ଏସଟି ମାନ୍ୟତା ଦାବିରେ କଳା ଦିବସ ପାଳନ

ବାରିପଦା, ୬/୯ (ନି.ପ୍ର): ୧୯୫୦ ମସିହା ସେପ୍ଟେମ୍ବର ୬ ତାରିଖ ଦିନ କୁଡୁମୀ ଜାତିକୁ ଆଦିବାସୀ (ଏସଟି) ବର୍ଗରୁ ବାଦ୍ ଦିଆଯାଇଥିଲା। କୁଡୁମୀ ଜାତି ପ୍ରତି ହୋଇଥିବା ଐତିହାସିକ ଅନ୍ୟାୟ ପ୍ରତିବାଦରେ ପ୍ରତିବର୍ଷ ୬ ସେପ୍ଟେମ୍ବର ଦିନଟିକୁ କୁଡୁମୀ ସେନା କଳା ଦିବସ ଭାବରେ ପାଳନ କରି ଆସୁଛି। ଏହି ଅବସରରେ କୁଡୁମୀ ସେନାର ପ୍ରତିଷ୍ଠାତା ତଥା ରାଜ୍ୟ ସଭାପତି ଜୈମୁନୀ କୁମାର ମହାନ୍ତଙ୍କ ନେତୃତ୍ୱରେ ମୟୂରଭଞ୍ଜ ସଦର ଓଡିଶାରେ ଦସବାସ କରୁଥିବା ୧୦ଟି ଜିଲ୍ଲାରେ ଏହି କଳା ଦିବସ ପାଳନ କରାଯାଇଛି। ମୟୂରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦାଠାରେ ଏହି କଳା ଦିବସ ପାଳନ ଉପଲକ୍ଷେ କୁଡୁମୀ ସମ୍ପ୍ରଦାୟର ଲୋକେ କଳା ପତାକା ସହ ବିଭିନ୍ନ ସ୍ଲୋଗାନ ଧରି ସ୍ଥାନୀୟ ମଧୁବନ ପଡିଆଠାରୁ ପାରମ୍ପରିକ ବାଦ୍ୟ ସହ ତାଳେ ତାଳେ ସ୍ଲୋଗାନ ଦେଇ ଶୋଭାଯାତ୍ରା ସହ ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ ଏବଂ ତତ୍ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦାବି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପରେ କୁଡୁମୀ ସେନା ପକ୍ଷରୁ ରାଜ୍ୟ ସଭାପତି ଜୈମୁନୀ ମହାନ୍ତଙ୍କ ନେତୃତ୍ୱରେ ୬୦ ପୃଷ୍ଠା ସମ୍ବଳିତ ଏକ ସ୍ୱାକ୍ଷରପତ୍ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନ ଜରିଆରେ ଜିଲ୍ଲାପାଳ ହେମକାନ୍ତ ସାଏ ଙ୍କୁ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ କଳା ଫିତା ପିନ୍ଧି ସହସ୍ରାଧିକ ସଂଖ୍ୟାରେ ଆସିଥିଲେ। କୁଡୁମୀ ସେନାର ଏକ ବିଶାଳ ଶୋଭାଯାତ୍ରାରେ କୁଡୁମୀ ସେନାର ଯୁବକ, ମହିଳା, ଛାତ୍ର ଛାତ୍ରୀ, କୁଡୁମୀ ସେନାର ବରିଷ୍ଠ ନେତୃବୃନ୍ଦ ଯୋଗଦାନ କରିଥିଲେ ।




## ଖେଳନା ବନ୍ଧୁକ ଓ ଭୁଜାଲି ଦେଖାଇ ୩ ନାବାଳକ କୋର୍ଟ ଚାଲାଣ

ନୀଳଗିରି, ୬/୯ (ନି.ପ୍ର): ରାସ୍ତା ଅବରୋଧ କରି ବାଇକ୍ ରଖିବା ଏବଂ ଖେଳନାବନ୍ଧୁକ ଓ ଭୁଜାଲି ଦେଖାଇବା ଘଟଣାରେ ୩ଜଣ ନାବାଳକଙ୍କୁ ପୋଲିସ ଗିରଫକରି କୋର୍ଟଚାଲାଣ କରିଥିବାର ଜାଣିବାକୁ ମିଳିଛି। ସୂଚନା ଅନୁଯାୟୀ ଶନିବାର ନୀଳଗିରି ଥାନା ଅନ୍ତର୍ଗତ ଈଶ୍ୱରପୁର ଫାଣ୍ଡି ଅଧିନସ୍ଥ ବାଙ୍କିପଦା ଗ୍ରାମର ତିନିଜଣ ନାବାଳକ ବାଙ୍କିପଦା ଛକରେ ନିଜର ବାଇକଟିକୁ ରାସ୍ତାମଝିରେ ରଖି ରାସ୍ତା ଅବରୋଧ କରିଥିବା ବେଳେ ଉକ୍ତ ଗ୍ରାମର ଅମୀୟ ରଂଜନ ରାଜ୍ ନିଜ କାରରେ ଯାଉଥିବା ବେଳେ ବାଇକଟିକୁ ରାସ୍ତା ଉପରେ କଣପାଇଁ ରଖିଛ ବୋଲି କହିବାରୁ ତିନିଜଣ ନାବାଳକ ଉତକ୍ଷିପ୍ତ ହୋଇ ଅଭଦ୍ରଭାଷାରେ ଗାଳିଗୁଲଜ କରିବାସହ ଏକ ଖେଳନା ବନ୍ଧୁକ ଓ ଭୁଜାଲି ଦେଖାଇ ଜୀବନରୁ ମାରିଦେବାକୁ ଉଦ୍ୟମ କରୁଥିବା ବେଳେ ସ୍ଥାନୀୟ ଲୋକେ ରୁଣ୍ଡ ହୋଇଯିବାରୁ ସେମାନେ ଉକ୍ତସ୍ଥାନରୁ ପଳାଇ ଯାଇଥିଲେ। ଏନେଇ ଅମୀୟ ରଂଜନ ରାଜ ପୋଲିସ୍ ନିକଟରେ ଅଭିଯୋଗ କରିଥିଲେ। ଈଶ୍ୱରପୁର ଫାଣ୍ଡି ଅଧିକାରୀ ମାନସ ବେହେରା ଘଟଣାର ତଦନ୍ତ କରି ତିନିନାବାଳକଙ୍କୁ ଗିରଫକରି କୋର୍ଟଚାଲାଣ କରିଛି। ଏନେଇ ନୀଳଗିରି ଥାନାରେ ୩୯୯/୨୬ରେ ଏକ ମାମଲା ରୁଜୁ ହୋଇଥିବାର ନୀଳଗିରୀ ଥାନା ଅଧିକାରୀ ଗୋବର୍ଦ୍ଧନ ନାୟକ ପ୍ରକାଶ କରିଛନ୍ତି।

## ବିଶ୍ୱଜିତ୍ ଦାଶ ନୂତନ ପିସିସି ସାଧାରଣ ସଂପାଦକ

ଭୁବନେଶ୍ୱର, ୬/୯ (ନି.ପ୍ର): ଗତକାଲି ଓଡ଼ିଶା ପ୍ରଦେଶ କଂଗ୍ରେସର ନବ ଗଠିତ କମିଟି ଘୋଷଣା କରାଯାଇ ସେମାନଙ୍କ ନାମ ତାଲିକା ଏଆଇସିସି ପକ୍ଷରୁ ପ୍ରକାଶ କରାଯାଇଛି। ଉକ୍ତ କମିଟିରେ ସାଧାରଣ ସମ୍ପାଦକ ଭାବେ ଦାୟିତ୍ୱ ପୂର୍ବତନ ଭୁବନେଶ୍ୱର ଜିଲ୍ଲା ସଭାପତି ବିଶ୍ୱଜିତ୍ ଦାଶଙ୍କୁ ମିଳିଥିବାରୁ ସେ ଏଆଇସିସି ସଭାପତି ଶ୍ରୀ ମଲ୍ଲିକାର୍ଜୁନ ଖଡଗେ,ମାନନୀୟ ସୋନିଆ ଗାନ୍ଧୀ, ଲୋକସଭା ବିରୋଧୀଦଳ ନେତା ରାହୁଲ ଗାନ୍ଧୀ, ଏଆଇସିସି ସାଧାରଣ ସମ୍ପାଦକ ( ସଂଗଠନ) କେ ସି ବେଣୁଗୋପାଳ, ଓଡ଼ିଶା ପ୍ରଭାରୀ ଲାଲଜି ଦେଶାଇ, ପିସିସି ସଭାପତି ଭକ୍ତ ଚରଣ ଦାସ, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସମେତ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ସାଂସଦ ସପ୍ତଗିରି ଉଲ୍ଲାକା, ଯୁବମାନସର ନେତା ନବଜ୍ୟୋତୀ ପଟ୍ଟନାୟକ ପ୍ରମୁଖଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ଅବସରପ୍ରାପ୍ତ ଶିକ୍ଷକ ଡା. ଅସୀମ କୁମାର ଚକ୍ରବର୍ତ୍ତୀ ସମ୍ବର୍ଦ୍ଧିତ

ବାରିପଦା, ୬/୯ (ନି.ପ୍ର): ଗୁରୁଦିବସ ଅବସରରେ ଜିଲ୍ଲା ଶିକ୍ଷା ସମନ୍ୱୟ ସମିତି ପକ୍ଷରୁ ବାରିପଦା ଲାଳବଜାରସ୍ଥିତ ଶିକ୍ଷକ ଭବନ ପରିସରରେ ଏକ ରକ୍ତଦାନ ଶିବିର ସହ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଯାଇଛି। ଏହି ଅବସରରେ ଶିକ୍ଷା କ୍ଷେତ୍ର, ସମାଜସେବା ଓ ସାମ୍ବାଦିକତାରେ ଉଲ୍ଲେଖନୀୟ ଅବଦାନ ପାଇଁ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ସମାଜସେବୀ ଓ ସାମ୍ବାଦିକ ଡା. ଅସୀମ କୁମାର ଚକ୍ରବର୍ତ୍ତୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବାରିପଦା ଆଦର୍ଶ ଦୁର୍ଗାବତୀ ରାଷ୍ଟ୍ରଭାଷା ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଡା. ଚକ୍ରବର୍ତ୍ତୀ ଶିକ୍ଷାଦାନ ସହିତ ସମାଜସେବା ଓ ସାମ୍ବାଦିକତା କ୍ଷେତ୍ରରେ ଦୀର୍ଘଦିନ ଧରି କାର୍ଯ୍ୟ କରିଆସିଛନ୍ତି। ତାଙ୍କର ଏହି ବହୁମୁଖୀ ଅବଦାନକୁ ସ୍ୱୀକୃତି ଦେଇ ଗ୍ଲୋବାଲ ଇଣ୍ଟରନେସନାଲ ଫାଉଣ୍ଡେସନ, ନାଗପୁର ପକ୍ଷରୁ ପ୍ରଦାନ କରାଯାଇଥିବା 'ଭାରତ ଭୂଷଣ ସମ୍ମାନ-୨୦୨୬'କୁ ଗୁରୁଦିବସ ଅବସରରେ ତାଙ୍କୁ ଔପଚାରିକ ଭାବେ ପ୍ରଦାନ କରାଯାଇଥିଲା। ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଡା. ଚକ୍ରବର୍ତ୍ତୀଙ୍କୁ ଏହି ସମ୍ମାନପତ୍ର ପ୍ରଦାନ କରିଥିଲେ। ଏଥିସହ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ତାଙ୍କୁ ସମ୍ମାନିତ କରାଯାଇଥିଲା। ଅବସରପ୍ରାପ୍ତ ହେବା ପରେ ମଧ୍ୟ ଶିକ୍ଷା ଓ ସମାଜସେବା କ୍ଷେତ୍ରରେ ତାଙ୍କର ଅବଦାନ ଜାରି ରହିଥିବାରୁ ଉପସ୍ଥିତ ଅତିଥିମାନେ ତାଙ୍କର କାର୍ଯ୍ୟଧାରାର ପ୍ରଶଂସା କରିଥିଲେ। ଉକ୍ତ ସଭାରେ ଜିଲ୍ଲା ଶିକ୍ଷା ସମନ୍ୱୟ ସମିତିର ସଭାପତି ବିମଳ ଆଚାର୍ଯ୍ୟଙ୍କ ସମେତ ବହୁ ଶିକ୍ଷକ, ଶିକ୍ଷାବିତ୍, ସମାଜସେବୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଗୁରୁଦିବସ ଅବସରରେ ଆୟୋଜିତ ରକ୍ତଦାନ ଶିବିର ମାଧ୍ୟମରେ ସମାଜ ପ୍ରତି ଦାୟିତ୍ୱବୋଧର ବାର୍ତ୍ତା ମଧ୍ୟ ପ୍ରଦାନ କରାଯାଇଥିଲା। ଶିକ୍ଷକଙ୍କ ସେବା ଓ ତ୍ୟାଗକୁ ସମ୍ମାନ ଦେବା ସହ ସମାଜସେବାରେ ଅଧିକରୁ ଅଧିକ ଲୋକଙ୍କୁ ସାମିଲ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା।



## ଗଣେଶ ପୂଜାକୁ ଶାନ୍ତି, ଶୃଙ୍ଖଳା ଓ ସୁରକ୍ଷିତ ଭାବେ ପାଳନ ପାଇଁ ଶାନ୍ତି କମିଟି ବୈଠକ

ବାଲେଶ୍ୱର, ୬/୯ (ନି.ପ୍ର): ହେବାକୁ ଥିବା ଗଣେଶ ପୂଜାକୁ ପାରମ୍ପରିକ ରୀତିନୀତି, ଶାନ୍ତି, ଶୃଙ୍ଖଳା ଓ ସୁରକ୍ଷିତ ଭାବେ ପାଳନ ନିମନ୍ତେ ଜିଲ୍ଲାପାଳ, ବାଲେଶ୍ୱର ଶ୍ରୀଯୁକ୍ତ ସୂର୍ଯ୍ୟବଂଶ ମୟୂର ବିକାଙ୍କ ଅଧ୍ୟକ୍ଷତାରେ ଗତ ୧ ସେପ୍ଟେମ୍ବର ୨୦୨୬ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ଗାନ୍ଧୀ ସ୍ମୃତି ଭବନଠାରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବାଲେଶ୍ୱର ସଦର ବିଧାୟକ, ପୌରାଧ୍ୟକ୍ଷା, ପୋଲିସ ଓ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ, ବିଭିନ୍ନ ବିଭାଗର ଅଧିକାରୀ ଏବଂ ବିଭିନ୍ନ ଗଣେଶ ପୂଜା କମିଟିର ସଭାପତି ଓ ସମ୍ପାଦକମାନେ ଯୋଗଦେଇଥିଲେ। ବୈଠକରେ ପୂଜା ପାଇଁ ଆବଶ୍ୟକ ଅନୁମତି ଓ ଆପତ୍ତିବିହୀନ ପ୍ରମାଣପତ୍ର ପ୍ରଦାନ ନିମନ୍ତେ ୮ରୁ ୧୦ ସେପ୍ଟେମ୍ବର ପର୍ଯ୍ୟନ୍ତ ସିଙ୍ଗଲ୍ ୱିଣ୍ଡୋ ବ୍ୟବସ୍ଥା କରାଯିବାକୁ ନିଷ୍ପତ୍ତି ହୋଇଛି। ଶୋଭାଯାତ୍ରା ପାଇଁ ମଧ୍ୟ ଆବଶ୍ୟକ ଅନୁମତି ନେବାକୁ ପୂଜା କମିଟିଗୁଡ଼ିକୁ କୁହାଯାଇଛି। ପୂଜାମଣ୍ଡପରେ ଶବ୍ଦ ନିୟନ୍ତ୍ରଣ, ରାତି ୧୦ଟା ପରେ ଡାକବାଜି ଯନ୍ତ୍ର ବ୍ୟବହାର ନ କରିବା, ରାସ୍ତା ଅବରୋଧ ନ କରିବା ଏବଂ ନିର୍ଦ୍ଧାରିତ ସ୍ଥାନରେ ମଣ୍ଡପ ସ୍ଥାପନ ପାଇଁ ନିଷ୍ପତ୍ତି ହୋଇଛି। ସୁରକ୍ଷା ଦୃଷ୍ଟିରୁ ପ୍ରତ୍ୟେକ ମଣ୍ଡପରେ ଅଗ୍ନିନିର୍ବାପକ ଯନ୍ତ୍ର, ପାଣି ଓ ବାଲିଭର୍ତ୍ତି ବାଲଟି ରଖିବାକୁ କୁହାଯାଇଛି। ଭସାଣି ସମୟରେ ମଦ୍ୟପାନ, ନିଶାଦ୍ରବ୍ୟ, ମାରଣାସ୍ତ୍ର, ଲାଠି, ବାଣ ଓ ଆତସବାଜି ବ୍ୟବହାର ଉପରେ କଟକଣା ଲାଗୁ କରାଯାଇଛି। ସିସିଟିଭି ଓ ଡ୍ରୋନ୍ ମାଧ୍ୟମରେ ନିରୀକ୍ଷଣ ସହ ଟ୍ରାଫିକ୍ ଓ ପାର୍କିଂ ବ୍ୟବସ୍ଥା ସୁଦୃଢ଼ କରାଯିବ। ଗଣେଶ ମୂର୍ତ୍ତି ବିସର୍ଜନ ପାଇଁ ୧୬, ୧୮ ଓ ୨୧ ସେପ୍ଟେମ୍ବର ତାରିଖ ଧାର୍ଯ୍ୟ କରାଯାଇଛି। ସମସ୍ତ ପୂଜା କମିଟି ପ୍ରଶାସନକୁ ସହଯୋଗ କରି ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ଭାବେ ପୂଜା ଓ ଭସାଣି ଉତ୍ସବ ପାଳନ କରିବାକୁ ଆହ୍ୱାନ ଦିଆଯାଇଛି।

## ଆମ୍ବଡ଼ିହା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଗୁରୁ ଦିବସ ପାଳିତ

ଉଦଳା, ୬/୯ (ନି.ପ୍ର): ଭାରତର ଦ୍ୱିତୀୟ ରାଷ୍ଟ୍ରପତି ଡ଼. ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଜନ୍ମ ଦିବସ ସେପ୍ଟେମ୍ବର ୫ ତାରିଖଟିକୁ ଦେଶବ୍ୟାପି ଗୁରୁଦିବସ ରୂପେ ପ୍ରତିବର୍ଷ ପାଳନ କରାଯାଉଛି। ଏହି ଅବସରରେ ଉଦଳା ବ୍ଲକ ଅନ୍ତର୍ଗତ ଆମ୍ବଡ଼ିହା କଲୋନିସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସର ଉତ୍ସବ ମୁଖର ହୋଇ ପଡ଼ିଥିଲା। କାର୍ଯ୍ୟରତ ପ୍ରଧାନ ଶିକ୍ଷୟିତ୍ରୀ ଇନ୍ଦିରା ପ୍ରିୟଦର୍ଶିନି ସାମଲ ଆୟୋଜିତ ସମସ୍ତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଏହି ବିଶେଷ ଦିନଟି ଆମକୁ ଗୁରୁ ଓ ଶିଷ୍ୟର ପବିତ୍ର ସମ୍ପର୍କ ଏବଂ ସମାଜ ଗଠନରେ ଗୁରୁଙ୍କ ଭୂମିକା ବିଷୟରେ ଗଭିର ଅନୁଚିନ୍ତା କରିବାକୁ ସୁଯୋଗ ଦେଇଥାଏ ବୋଲି ବ୍ୟକ୍ତ କରିଥିଲେ। ଏହାପରେ ଡ଼କ୍ଟର ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଫଟୋ ଚିତ୍ରରେ ପୁଷ୍ପ, ଧୂପ, ଦୀପ ଅର୍ପଣ ପୂର୍ବକ ବେଦମନ୍ତ୍ର ଉଚ୍ଚାରଣ କରି ଛାତ୍ର ଛାତ୍ରୀ ମାନେ ପୂଜାର୍ଚ୍ଚନା କରିଥିଲେ। ଅବସର ପ୍ରାପ୍ତ ଶିକ୍ଷକ ତଥା ପ୍ରାଥମିକ ଶିକ୍ଷକ ସଂଘର ପ୍ରାକ୍ତନ ଜିଲ୍ଲା ସଭାପତି ଆରତ କୁମାର ପରିଡ଼ା ଅତିଥି ଭାବରେ ଯୋଗଦେଇଥିବାରୁ ପ୍ରାରମ୍ଭରେ ଉତରୀୟ ଓ ପୁଷ୍ପଗୁଚ୍ଛ ଅର୍ପଣ ପୂର୍ବକ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ସେ ତାଙ୍କର ବକ୍ତବ୍ୟରେ ଗୁରୁଦିବସ ହେଉଛି କୃତଜ୍ଞତା ଜ୍ଞାପନ କରିବାର ଦିନ। ଜୀବନର ପ୍ରତିଟି ମୋଡ଼ରେ ଆମକୁ ସତପଥ ଦେଖାଇଥିବା ପ୍ରତ୍ୟେକ ଗୁରୁଙ୍କ ଚରଣରେ ପ୍ରଣାମ ଜଣାଇବାର ଏହା ଏକ ପବିତ୍ର ଅବସର ବୋଲି କହିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ଛାତ୍ର ଛାତ୍ରୀ, ଅଭିଭାବକ ଓ ପରିଚାଳନା କମିଟିର ସମସ୍ତ ସଦସ୍ୟ ଯୋଗଦେଇଥିଲେ। ଶେଷରେ ସମସ୍ତେ ମିଳିମିଶି ଏକସ୍ୱରରେ ଗୁରୁବନ୍ଦନା ବୋଲିବାପୂର୍ବକ କାର୍ଯ୍ୟକ୍ରମର ଯବନିକା ପକାଇଥିଲେ।




## ଭୋଟର ତାଲିକାରୁ ନାମ ବାଦ ଦେବା ଅଭିଯୋଗରେ ସାମ୍ବାଦିକ ସମ୍ମିଳନୀ

ଲଙ୍ଗଳେଶ୍ୱର , ୬/୯ (ନି.ପ୍ର): କେତେଜଣ ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ରାଜନୈତିକ ଆକ୍ରୋଶ ରଖି ଅସତ୍ୟ କାରଣ ଦର୍ଶାଇ ଭୋଟର ତାଲିକାରୁ ନାମ ବାଦ ଦେବାକୁ ମିଥ୍ୟା ଅଭିଯୋଗ କରିଥିବାରୁ ଗ୍ରାମବାସୀଙ୍କ ପକ୍ଷରୁ ଗ୍ରାମରେ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରିଥିଲେ। ଅଭିଯୋଗ ଅନୁଯାୟୀ ବାଲିଆପାଳ ବ୍ଲକ ଅନ୍ତର୍ଗତ ବଣିଆଡିହା ପଞ୍ଚାୟତର ଭଅଁରେଶ୍ୱର ଗ୍ରାମର,୧୧୦ ଜଣଙ୍କ ନାମ କୁ ଭୋଟର ତାଲିକାରୁ ବାଦ୍ ଦେବାକୁ ଗ୍ରାମର ଚିନ୍ମୟ ଜେନା,ପ୍ରତାପ କୁମାର ସନ୍ତରା, ରଞ୍ଜନ ବେହେରା ତିନିଜଣ ବିଏଲ୍ଓଙ୍କ ଠାରେ ଲିଖିତ ମିଥ୍ୟା ଅଭିଯୋଗ କରିଛନ୍ତି। ୧୧୦ ଜଣଙ୍କ ମଧ୍ୟରୁ କିଏ ବାଂଲାଦେଶୀ,କିଏ ସ୍ଥାନାନ୍ତର, କିଏ ମୃତ ବୋଲି ଲେଖି ଦେଇଛନ୍ତି। ଗ୍ରାମରେ ସମସ୍ତେ ଜୀବିତ, କେହି ବାଂଲାଦେଶୀ ନୁହେଁ ସମସ୍ତେ ଏଇ ଗ୍ରାମର ବୋଲି ସମ୍ମିଳନୀରେ ଗ୍ରାମବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ରାଜନୈତିକ ଉଦ୍ଦେଶ୍ୟ ରଖି ଏଭଳି ହୀନ କାର୍ଯ୍ୟକୁ ନିନ୍ଦା କରିବା ସହିତ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଯଦି କୌଣସି ଲୋକଙ୍କ ନାମ ଭୋଟର ତାଲିକାରୁ ବାଦ୍ ଦିଆଯାଏ ତେବେ ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଥିଲେ। ଏଇ ସାମ୍ବାଦିକ ସମ୍ମିଳନୀ ରେ ପ୍ରଶାନ୍ତ କୁମାର ଜେନା, ଭୀମ ଚରଣ ସାନ୍ତରା,ଉମାକାନ୍ତ ସନ୍ତରା,ଦିଲ୍ଲୀପ ସନ୍ତରା, ବିଷ୍ଣୁ ମୋହନ ସାମନ୍ତ, ସୁମତି ପରିଡ଼ା, ଜୟସ୍ମିତା ମହାନ୍ତି, ଭାନୁମତୀ ପାଳ, ଶକୁନ୍ତଳା ସାହୁ, ଅଜୟ ସନ୍ତରା, ସୁବଳ ଦାସ, ବଟ ସାନ୍ତରା ପ୍ରମୁଖ ଯୋଗଦେଇଥିଲେ।

BETNOTI COLLEGE OF NURSING
COLLEGE ROAD, BETNOTI, MAYURBHANJ
Approved by: Health & Family Welfare Department, Govt. of Odisha, Bhubaneswar
(Recognised by : Odisha Nursing Council, Bhubaneswar)
(Affiliated to ODISHA UNIVERSITY OF HEALTH SCIENCES, BBSR, ODISHA)
Course Offer: ADMISSION OPEN : 2026-27
B.Sc. Nursing (4 Years Degree Course)
Eligibility : +2 Science with Biology (Mark 45% & 40% for SC/ST Students)
100% Placement
BETNOTI SCHOOL OF NURSING
G.N.M. 3 YEARS DIPLOMA COURSE
Eligibility : +2 Arts/ Science/ Commerce
A.N.M. 2 YEARS COURSE (Mark 40% & 35% for SC/ST Students)
Eligibility : +2 Arts/ Science/ Commerce
(Clinical Training at D.H.H. & P.R.M. Medical College, Baripada)
FACILITIES : Most Experienced Faculties, In Campus Girl's Hostel, Canteen, well Equipped, Laboratories, Library, Smart, Class Rooms, Separate, Boy's Hostel & Free Wi-fi.
STIPEND FOR SC/ST/OBC & SEBC STUDENTS
Contact for Admission:
7008973851, 8455087373, 9861373681

## ଷଷ୍ଠ ଆମନ୍ତ୍ରଣ କର୍ପୋରେଟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ପାରାଦୀପ, ୬/୯ (ନି.ପ୍ର): ପାରାଦୀପ ବ୍ୟାଡମିଟନ ଆସୋସିଏସନ ପକ୍ଷରୁ ସ୍ଥାନୀୟ ଅଫିସର୍ସ କ୍ଲବ ପରିସରରେ ୫ ଓ ୬ ତାରିଖ ଦୁଇ ଦିନ ଧରି ଆୟୋଜିତ ଷଷ୍ଠ ଆମନ୍ତ୍ରଣ କର୍ପୋରେଟ ବ୍ୟାଡମିଟନ ଟୁର୍ଣ୍ଣାମେଣ୍ଟ ଶେଷ ହୋଇଛି। ଏହି ଦୁଇଦିନିଆ ପ୍ରତିଯୋଗିତା କର୍ପୋରେଟ କ୍ଷେତ୍ରରେ କ୍ରୀଡ଼ା ଚେତନା, ସୁସ୍ଥ ପ୍ରତିଯୋଗିତା ଓ ପାରସ୍ପରିକ ସୌହାର୍ଦ୍ୟ ବୃଦ୍ଧି ଦିଗରେ ଏକ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିବ।ଏହି ପ୍ରତିଯୋଗିତାରେ ପାରାଦୀପ ଓ ଏହାର ଆଖପାଖ ଅଞ୍ଚଳର ପ୍ରମୁଖ ଶିଳ୍ପ ଓ କର୍ପୋରେଟ ସଂସ୍ଥାଗୁଡ଼ିକରୁ ମୋଟ ୬୦ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତା ପୁରୁଷ ଡବଲ୍ସ, ମହିଳା ଡବଲ୍ସ, ମିଶ୍ରିତ ଡବଲ୍ସ ଏବଂ ଭେଟେରାନ୍ ଡବଲ୍ସ ବିଭାଗରେ ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ଇଫକୋ, ପାରାଦୀପ ପାଇପଲାଇନ୍ ଲିମିଟେଡ୍, ଜେଏମ୍ ବକ୍ସି ଗ୍ରୁପ୍, ନୁମାଳିଗଡ଼ ରିଫାଇନେରୀ ଲିମିଟେଡ୍ (ଏନଆରଏଲ), ଜେଏସଡବ୍ଲ୍ୟୁ ଗ୍ରୁପ୍ ଏବଂ ପାରାଦୀପ ପୋର୍ଟ ଅଥରିଟି ର ବ୍ୟାଡମିଟନ ଟିମ ଗୁଡ଼ିକ ଅଂଶଗ୍ରହଣ କରିଥିଲେ। ଫାଇନାଲ ପର୍ଯ୍ୟାୟରେ ପାରାଦୀପ ପୋର୍ଟ ଅଥରିଟି (ପିପିଏ) ଦଳ ଉଲ୍ଲେଖନୀୟ ପ୍ରଦର୍ଶନ କରି ସମସ୍ତ ଚାରିଟି ବିଭାଗରେ ବିଜୟୀ ହୋଇ ସାମଗ୍ରିକ ଚାମ୍ପିଅନ୍ ହେବାର ଗୌରବ ଅର୍ଜନ କରିଥିଲା। ବିଜେତା ଦଳଗୁଡ଼ିକ ମଧ୍ୟରେ ପୁରୁଷ ଡବଲ୍ସ – ପାରାଦୀପ ପୋର୍ଟ ଅଥରିଟି, ମହିଳା ଡବଲ୍ସ – ପାରାଦୀପ ପୋର୍ଟ ଅଥରିଟି, ମିଶ୍ରିତ ଡବଲ୍ସ – ପାରାଦୀପ ପୋର୍ଟ ଅଥରିଟି, ଭେଟେରାନ୍ ଡବଲ୍ସ – ପାରାଦୀପ ପୋର୍ଟ ଅଥରିଟି ସ୍ଥାନ ପାଇଛନ୍ତି।ଉଦଯାପନୀ ବା ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପାରାଦୀପ ବନ୍ଦରର ପୂର୍ବତନ ଅଧ୍ୟକ୍ଷ ପି ଏଲ୍ ହାରାନାଧ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବନ୍ଦର ଉପାଧ୍ୟକ୍ଷ ଟି. ଭେନୁ ଗୋପାଳ ଯୋଗ ଦେଇଥିଲେ। ଏହି ଅବସରରେ ବନ୍ଦରର ଚିଫ ମେକାନିକାଲ ଇଞ୍ଜିନିୟର ସୁଶିଲ ଚନ୍ଦ୍ର ନାହାକ, ବିଭିନ୍ନ ବିଭାଗର ମୁଖ୍ୟ, ବରିଷ୍ଠ ଅଧିକାରୀ, ବିଶିଷ୍ଟ ଅତିଥି ଓ କ୍ରୀଡ଼ାପ୍ରେମୀମାନେ ଉପସ୍ଥିତ ଥିଲେ।ଉପସ୍ଥିତ ଅତିଥିମାନେ ବିଜେତା ଏବଂ ଅଂଶଗ୍ରହଣକାରୀ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କର ଉଚ୍ଚ ମାନର କ୍ରୀଡା, ଶୃଙ୍ଖଳା ଓ ଖେଳିବାର ମନୋଭାବକୁ ଭୂୟସୀ ପ୍ରଶଂସା କରିଥିଲେ। ସେମାନେ କହିଥିଲେ ଯେ, କ୍ରୀଡ଼ା କେବଳ ଶାରୀରିକ ସୁସ୍ଥତା ନୁହେଁ, ବରଂ ଦଳଗତ ମନୋଭାବ, ନେତୃତ୍ୱ ଗୁଣ ଓ ପାରସ୍ପରିକ ସହଯୋଗର ବିକାଶରେ ମଧ୍ୟ ସହାୟକ ହୋଇଥାଏ।ଅତିଥିମାନେ ପାରାଦୀପ ବ୍ୟାଡମିଣ୍ଟନ ଆସୋସିଏସନର ସଫଳ ଆୟୋଜନକୁ ପ୍ରଶଂସା କରିବା ସହ ଅଞ୍ଚଳରେ କ୍ରୀଡ଼ା ସଂସ୍କୃତିର ବିକାଶ ପାଇଁ ଏହାର ନିରନ୍ତର ପ୍ରୟାସକୁ ସ୍ୱାଗତ କରିଥିଲେ।ଏଭଳି ଟୁର୍ଣ୍ଣାମେଣ୍ଟ ଆୟୋଜନ ପାରାଦୀପକୁ ଏକ ପ୍ରମୁଖ କ୍ରୀଡ଼ା କେନ୍ଦ୍ର ଭାବେ ପ୍ରତିଷ୍ଠିତ କରିବା ଦିଗରେ ଏକ ମାଇଲଖୁଣ୍ଟ ଭାବେ ଉଭା ହୋଇଛି।



## ମହିଳାଙ୍କ ନିକଟରୁ ଝାମ୍ପିନେଲେ ବ୍ୟାଗ୍

ଭଦ୍ରକ, ୬/୯ (ନି.ପ୍ର): ବନ୍ତ ଥାନା ଅର୍ନ୍ତଗତ ଜଗଦିଶପୁର ଛକ ନିକଟରେ ଗତକାଲି ଦୁଇଜଣ ଦୁର୍ବୃତ୍ତ ଏକ ମୋଟର ସାଇକେଲ୍ ଆସି ଜଣେ ମହିଳାଙ୍କ ହ୍ୟାଣ୍ଡ ବ୍ୟାଗ ଛଡାଇ ନେଇଯାଇଛନ୍ତି। ମହିଳାଙ୍କ ବ୍ୟାଗରେ ୫ ହଜାର ୯ ଶହ ଟଙ୍କା, ଗୋଟିଏ ପୋକୋ ଏମଟୁ ମୋବାଇଲ୍ ଓ ଗୋଟିଏ ଇଅରବର୍ଡ ସହ ଆବଶ୍ୟକୀୟ କାଗଜପତ୍ର ବ୍ୟାଗ ମଧ୍ୟରେ ଥିଲା। ଏନେଇ ମହିଳା ଜଣକ ବନ୍ତ ଥାନାରେ ଅଭିଯୋଗ କରିବା ପରେ ପୋଲିସ୍ ତଦନ୍ତ ଚଳାଇଥିଲା। ବିଶେଷସୂତ୍ରରୁ ଖବର ପାଇ ପୋଲିସ ଛିନତାଇରେ ସଂପୃକ୍ତ ଥିବା ୨ ଜଣ ଦୁର୍ବୃର୍ତ୍ତଙ୍କୁ ଠାବ କରିଛି। ଗଭରପୁର ଗ୍ରାମର ଅଜୟ କୁମାର କାଣ୍ଡି (୨୨) ଓ ଅନ୍ୟଜଣେ ସାଳକଣିଆ ଗ୍ରାମର ରାମ ଚନ୍ଦ୍ର କର(୪୨) ବୋଲି ଜଣା ପଡିଥିବା ବେଳେ ପୋଲିସ ତାଙ୍କ ନିକଟରୁ ନଗଦ ୧୨ ଶହ ଟଙ୍କା, ଗୋଟିଏ ପୋକୋ ଏମଟୁ ମୋବାଇଲ ଓ ଗ୍ରେ ରଙ୍ଗର ବ୍ୟାଗ ଜବଦ କରି କୋର୍ଟ ଚାଲାଣ କରିଛି। ପ୍ରକାଶଥାଉକି ଜବଦ ସାମଗ୍ରୀ ମହିଳାଙ୍କର ହୋଇଥିବା ବେଳେ ଆବଶ୍ୟକୀୟ କାଗଜ ଦେଖାଇବା ପରେ ମହିଳାଙ୍କୁ ତାଙ୍କ ଜିନିଷ ଫେରାଇବା ପରେ ପୋଲିସ କହିଛି।

## 'ଗ୍ରାମ୍ୟ ବନ୍ଧୁ ଯୁଥ କ୍ଲବ' ପକ୍ଷରୁ ଶ୍ମଶାନ ଘାଟ ସଫେଇ

ଜଳେଶ୍ୱର, ୬/୯ (ନି.ପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ମାକିଡ଼ିଆ ପଞ୍ଚାୟତରେ ସ୍ଥାନୀୟ 'ଗ୍ରାମ୍ୟ ବନ୍ଧୁ ଯୁଥ କ୍ଲବ'ର କାର୍ଯ୍ୟକର୍ତ୍ତାମାନଙ୍କ ମିଳିତ ଉଦ୍ୟମରେ ମାକିଡ଼ିଆ ହାଟ ପଡ଼ିଆ ନିକଟରେ ଥିବା ପୁରାତନ ଶ୍ମଶାନ ଘାଟକୁ ସଫା ସୁତୁରା କରାଯାଇଛି। ଦୀର୍ଘ ଦିନ ଧରି ଅନାବନା ଘାସ, ବୁଦା ଓ ଅଳିଆ ଆବର୍ଜନାରେ ପରିପୂର୍ଣ୍ଣ ହୋଇ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଥିବା ଏହି ଶ୍ମଶାନ ଘାଟରେ ଲୋକଙ୍କ ଯିବାଆସିବା ପାଇଁ ଘୋର ଅସୁବିଧା ହେଉଥିଲା। ଏହାକୁ ଦୃଷ୍ଟିରେ ରଖି ରବିବାର କ୍ଲବର ସଦସ୍ୟମାନେ ଏକତ୍ରିତ ହୋଇ ଶ୍ରମଦାନ କରିଥିଲେ। କେବଳ ଶ୍ମଶାନ ପରିସରକୁ ସଫେଇ କରିବା ସହ ଅଟକି ନ ରହି, ଲୋକମାନଙ୍କ ସୁବିଧା ପାଇଁ ଶ୍ମଶାନକୁ ସଂଯୋଗ କରୁଥିବା ଏକ ଚଳାଚଳ ଉପଯୋଗୀ ରାସ୍ତା ସଫା କରିଛନ୍ତି। ଏହି ସାମାଜିକ ସଫେଇ ଅଭିଯାନରେ କ୍ଲବର ପ୍ରମୁଖ ସଦସ୍ୟ ପ୍ରିନ୍ସ କୁଇଲା, ସଂଜିତ କୁଇଲା, କେଶବ କୁଇଲା, ସତ୍ୟରଞ୍ଜନ ବର୍ଷାଳ, ଦୀପକ ପ୍ରଧାନ ଏବଂ ରାଧାରଞ୍ଜନ ବର୍ଷାଳ ପ୍ରମୁଖ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଯୁବକମାନଙ୍କର ଏହି ନିସ୍ୱାର୍ଥପର ସେବା ଓ ମହତ ପ୍ରୟାସକୁ ସ୍ଥାନୀୟ ଅଞ୍ଚଳବାସୀ ତଥା ବୁଦ୍ଧିଜୀବୀ ମହଲରେ ବେଶ୍ ପ୍ରଶଂସା କରାଯାଇଛି।



❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida